R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୫
ତିଥି : ଚତୁର୍ଥୀ
୦୬ ଅକ୍ଟୋବର ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

समय SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ଇଲେକ୍ଟୋରାଲ ବଣ୍ଡ ରାୟର ରିଭ୍ୟୁ ପିଟିସନ୍ ଖାରଜ



ନୂଆଦିଲ୍ଲୀ, ୫।୧୦ : ନିର୍ବାଚନ ବଣ୍ଡ ଯୋଜନାକୁ ନେଇ ସୁପ୍ରିମ୍‌କୋର୍ଟ ଗତ ଫେବୃଆରୀ ୧୫ରେ ଦେଇଥିବା ରାୟର ପୁନର୍ବିଚାର ପାଇଁ ଯେଉଁ ଯାଚିକା ଦାଏର କରାଯାଇଥିଲା ତାହାକୁ ଖାରଜ କରିଦିଆଯାଇଛି । ପ୍ରଧାନ ବିଚାରପତି ଡିଆଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ବେଞ୍ଚରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବିଆର୍ ଗୋଭାଇ, ଜେବି ପାରିଡ୍ୱାଲା ଓ ମନୋଜ ମିଶ୍ର ଏହି ଆବେଦନକୁ ଖାଜର କରିଛନ୍ତି । ଆଇନ୍‌ଜୀବୀ ମାଥିଉସ୍ ଜେ ନେଦୁମ୍‌ପରା ଏହି ଆବେଦନ କରିଥିଲେ । ତାଙ୍କ ଆବେଦନକୁ ଲିଷ୍ଟିଂ କରାଯାଇଥିଲା ଓ ଏହାକୁ କୋର୍ଟ ଆଜି ଖାରଜ କରିଛନ୍ତି ।

ଫେବୃଆରୀ ୧୫ରେ ସୁପ୍ରିମ୍‌କୋର୍ଟ ସର୍ବସମ୍ମତି ମତରେ ଇଲେକ୍ଟୋରାଲ ବଣ୍ଡକୁ ଖାରଜ କରିଥିଲେ । ଏହାଛଡା ଏହି (୯ ପୃଷ୍ଠାରେ)

### ପ୍ରାଥମିକ ସ୍ତରରେ ୧୬ ହଜାର ୯ ଜଣ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ

# ଶିକ୍ଷାଦାନକୁ ଆନନ୍ଦମୟ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୧୦ (ସବ୍ୟୁ) : ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ନବ ନିଯୁକ୍ତ ୧୬ ହଜାର ୯ଜଣ କନିଷ୍ଠ ଶିକ୍ଷକ ମାନଙ୍କ ପାଇଁ ନିଯୁକ୍ତି ସମାରୋହ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ନବ ନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୁରୁଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥାଏ । ଆଜିର ଶିକ୍ଷା ବ୍ୟବସ୍ଥାରେ ପ୍ରାଚୀନ ଗୁରୁକୁଳ ପରମ୍ପରା ଆଉ ନାହିଁ, ଆମର ଶିକ୍ଷା ବ୍ୟବସ୍ଥା ଆଧୁନିକତାକୁ ଆପଣାଇଛି । କିନ୍ତୁ, ଏହା ଅନସ୍ୱୀକାର୍ଯ୍ୟ ଯେ ଆଜି ମଧ୍ୟ ମାନବ ଜୀବନକୁ ଗଢି ତୋଳିବାରେ ଶିକ୍ଷକ ହିଁ ସବୁଠାରୁ ବଡ ଭୂମିକା ତୁଲାଇଥାନ୍ତି ।

ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ନିଜ ଜୀବନର ଏକ ନୂଆ ଅଧ୍ୟାୟ ସୃଷ୍ଟି




କରିବାକୁ ଯାଉଛନ୍ତି । କଞ୍ଚାମାଟିକୁ ନିଜ ହାତର ସ୍ପର୍ଶ ଦେଇ କୁମ୍ଭାର ଯେମିତି ସୁନ୍ଦର କୃତି ନିର୍ମାଣ କରିଥାଏ, ଠିକ ସେହିପରି, ଏକ ନିଷ୍ପାପ ଶିଶୁକୁ ଦାୟିତ୍ୱସମ୍ପନ୍ନ ତଥା ଜ୍ଞାନୀ ଗୁଣୀ ଭାବେ ଗଢି ତୋଳିବାର ଗୁରୁଦ୍ୱାୟିତ୍ୱ ଆପଣମାନଙ୍କ କାନ୍ଧରେ ରହିଛି ।

ସେ ଆହୁରି ମଧ୍ୟ କହିଥିଲେ ଯେ ଆପଣମାନେ ସମସ୍ତେ ନିଜ ଯୋଗ୍ୟତା ବଳରେ ଶିକ୍ଷକତା ପଦ ହାସଲ କରିଛନ୍ତି । ଆଜି ଠାରୁ ଆପଣମାନେ କେବଳ ଜଣେ ଜଣେ ସରକାରୀ ଚାକିରିଆ ନୁହନ୍ତି, ଆପଣମାନେ ପ୍ରତ୍ୟେକ ହେଉଛନ୍ତି ଜଣେ ଜଣେ ମଣିଷ ଗଢା ଶିଳ୍ପୀ । ଶିକ୍ଷକତା ହେଉଛି

### ନୂତନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ୫ ପରାମର୍ଶ

### ପିଲାମାନଙ୍କୁ ଶିକ୍ଷିତ, ନିର୍ଭୀକ କରି ଗଢ଼ନ୍ତୁ : କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏ ଦୁନିଆରେ ସବୁଠୁ ମହତ କାର୍ଯ୍ୟ, ସବୁଠାରୁ ସମ୍ମାନସ୍ପଦ ବୃତ୍ତି । ଆଜି ସେହି ମହତ କାର୍ଯ୍ୟ କରିବାକୁ ଆପଣମାନେ ସବୁ ଯୋଗ୍ୟ ହୋଇଥିବାରୁ ମୁଁ ଆପଣ ମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଏ ସମାଜରେ ଆପଣମାନେ ଅଗ୍ରପୂଜ୍ୟଛ ଜଣେ ବ୍ୟକ୍ତି ପାଇଁ ଜୀବନରେ ନିଜ ବାପମା'ଙ୍କ ବ୍ୟତିତ ଯଦି ଅନ୍ୟ କେହି ପ୍ରାତଃ ସ୍ମରଣୀୟ ହୋଇଥାଏ ସେ ହେଉଛନ୍ତି ତାଙ୍କର ଗୁରୁ ଓ ଶିକ୍ଷକ । ବାପା ମା ଜନ୍ମ ଦେଇଥାନ୍ତି, ହେଲେ ତାକୁ ଶିକ୍ଷା ଓ ସଂସ୍କାରର ଦୀକ୍ଷାରେ ମଣ୍ଡିତ କରିଥାନ୍ତି ଗୁରୁମାନେ । ତାହା କରିବାକୁ ଗୁରୁମାନେ ଯେଉଁ ତ୍ୟାଗ କରିଥାନ୍ତି ତାର ପଟାନ୍ତର ନାହିଁ । ଏ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିବା ଆପଣ ସମସ୍ତଙ୍କୁ ମୁଁ ପ୍ରଣାମ କରୁଛି ଏବଂ ଆପଣମାନେ ଆରମ୍ଭ କରିବାକୁ ଯାଉଥିବା ପବିତ୍ର ଶିକ୍ଷକତା ରୂପକ ଯଜ୍ଞର ଶୁଭ କାମନା କରୁଛି ।

ସେ କହିଥିଲେ ଯେ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ, ସେ ଦେଶର ସର୍ବାଙ୍ଗୀନ ଉନ୍ନତି ସେତେ ପ୍ରଖର । ତେଣୁ ସେହି ସତକୁ ଆଖି ଆଗରେ ରଖି ଆଜି ଆମ ସରକାର ଆପଣ ସମସ୍ତଙ୍କୁ, ଆମ ରାଜ୍ୟ ଓଡ଼ିଶାର ଭବିଷ୍ୟତକୁ ଗଢ଼ିବାର ଏବଂ ରୂପ ଦେବାର ଗୁରୁଦାୟିତ୍ୱ ଅର୍ପଣ କରିବାକୁ ଯାଉଛି । (୯ ପୃଷ୍ଠାରେ)




### ହରିୟାଣା, ଜମ୍ମୁ-କାଶ୍ମୀର ଭୋଟ୍‌ର ଏକ୍‌ଜିଟ୍ ପୋଲ୍

# ହରିୟାଣାରେ କଂଗ୍ରେସ ଆଗୁଆ, ଜମ୍ମୁ-କାଶ୍ମୀରରେ ଝୁଲା

ନୂଆଦିଲ୍ଲୀ, ୫।୧୦ : ଜମ୍ମୁ-କାଶ୍ମୀର ଓ ହରିୟାଣା ବିଧାନସଭା ଲାଗି ନିର୍ବାଚନ ଶେଷ ହୋଇଛି । ୮ ତାରିଖରେ ଭୋଟ୍ ଗଣତି କରାଯିବ । ତେବେ ଭୋଟ୍ ଗଣତି ପୂର୍ବରୁ ବିଭିନ୍ନ ସଂସ୍ଥା ପକ୍ଷରୁ ବୁଥ୍ ବାହୁଡା ମତ ବା ଏକ୍‌ଜିଟ୍ ପୋଲ୍ ଆକଳନ ଆସିଛି । ଆକଳନ ଅନୁଯାୟୀ ହରିୟାଣାରେ ୧୦ ବର୍ଷ ଧରି କ୍ଷମତାରେ ଥିବା ବିଜେପି ଠାରୁ କଂଗ୍ରେସ କ୍ଷମତା ଛଡାଇ ନେବାକୁ ଯାଉଛି । ଜମ୍ମୁ-କାଶ୍ମୀରରେ ଝୁଲା ବିଧାନସଭା ହେବାର ସମ୍ଭାବନା ଦେଖାଦେଇଛି ।



କୌଣସି ଦଳକୁ ଏଠି ସ୍ପଷ୍ଟ ବହୁମତ ମିଳୁନାହିଁ । ତେବେ କଂଗ୍ରେସ ଓ ଏନ୍‌ସି ମେଣ୍ଟ ଆଗରେ ଥିବା କୁହାଯାଉଛି । କେତେକ ସଂସ୍ଥାର ସର୍ଭେରେ ଏହି ଦୁଇ ଦଳକୁ ବହୁମତ ଠାରୁ ସାମାନ୍ୟ କିଛି ଅଧିକ ଆସନ ମିଳିପାରେ । ତେବେ ବିଜେପି ଜମ୍ମୁ-କାଶ୍ମୀରରେ ଭଲ ପ୍ରଦର୍ଶନ କରୁଛି ବୋଲି ଅଧିକାଂଶ ସର୍ଭେ ଉଲ୍ଲେଖ କରିଛନ୍ତି ।

ହରିୟାଣାରେ ବିଭିନ୍ନ ସର୍ଭେ ସଂସ୍ଥାର ଆକଳନ ଅନୁଯାୟୀ କଂଗ୍ରେସକୁ ହାରାହାରି ୯୦ ବିଧାନସଭା ଆସନରୁ ୪୯ ରୁ ୫୫ ଆସନ ମିଳିବାର ସମ୍ଭାବନା ରହିଛି । ଯେଉଁଠି ସଂଖ୍ୟାଧିକ (୯ ପୃଷ୍ଠାରେ)




### ଭରତପୁର ଥାନା ମାମଲାର ନ୍ୟାୟିକ ତଦନ୍ତ

## ସତ୍ୟପାଠ ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୫।୧୦ (ସବ୍ୟୁ) : ଭରତପୁର ଥାନା ମାମଲାରେ ତଦନ୍ତ ଓ ଆନୁଷଙ୍ଗିକ ବିଷୟରେ ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ଆୟୋଗଙ୍କ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଘଟଣା ସଂପର୍କରେ ଯିଏ ଜାଣିଥିବେ ବା କହିବାକୁ ଚାହୁଁଥିବେ, ସେମାନେ ସତ୍ୟପାଠ ଆକାରରେ ଦେଇପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଏଥିପାଇଁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରି କରିଛନ୍ତି ଆୟୋଗ ।

ବିଚାର ବିଭାଗୀୟ ତଦନ୍ତ କମିଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏହି ମାମଲାର ତଦନ୍ତ କରୁଛନ୍ତି । ଯେକୌଣସି ବ୍ୟକ୍ତି, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି, ଯିଏ ବି ଏହି ମାମଲା ସମ୍ପର୍କରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅବଗତ ଅଛନ୍ତି, ସେମାନେ ସତ୍ୟପାଠ (୯ ପୃଷ୍ଠାରେ)

## ଦୁଇ ଭାଇଙ୍କୁ ମାଡ଼ ମାରିଲା ଆରପିଏଫ୍

ସୁନ୍ଦରଗଡ଼, ୫।୧୦ (ସବ୍ୟୁ) : ଦୁଇ ମାସ ପୂର୍ବେ ହୋଇଥିବା ଏକ ଚୋରି ଘଟଣାରେ ବିମଳାଗଡ଼ ଆରପିଏଫ ସନ୍ଦେହରେ ଦୁଇ ଜଣ ଯୁବକଙ୍କୁ ଘରୁ ଉଠାଇ ନେଇ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଦୁଇ ଭାଇ ଥାନାର ଦ୍ୱାରସ୍ଥ ହେବା ପରେ ଚିକିତ୍ସା ପାଇଁ କେ. ବଲାଙ୍ଗ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଦୁଇ ଭାଇ ହେଉଛନ୍ତି ଛୋଟେଲାଲ ଇଚାଗୁଟୁ (୨୭) ଓ ଦୁନ୍ଦି ଇଚାଗୁଟୁ (୨୯)। ସେମାନଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଛିଡ଼ାକୁଦର ଗାଁରେ। ଦୁଇ ଭାଇ ଏକ ମାଇନ୍ସରେ କାମ କରନ୍ତି।

ସେମାନେ କେ. ବଲାଙ୍ଗ ଥାନାରେ ଦେଇଥିବା ଏଫଆଇଆର ଅନୁଯାୟୀ, ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୧୧ଟା ବେଳେ ବିମଳାଗଡ଼ ଆରପିଏଫର ଗୋଟିଏ ବୋଲେରୋରେ ସେମାନଙ୍କୁ (୯ ପୃଷ୍ଠାରେ)

# କେମିକାଲ ଫ୍ୟାକ୍ଟ୍ରିରୁ ଗ୍ୟାସ୍ ଲିକ୍

ଭୁବନେଶ୍ୱର, ୫।୧୦ (ସବ୍ୟୁ) : ଚନ୍ଦକା ଶିଳ୍ପାଞ୍ଚଳରେ ଥିବା କେମିକାଲ ଫ୍ୟାକ୍ଟ୍ରିରୁ ଗ୍ୟାସ୍ ଲିକ୍ ହେବା ଫଳରେ ଶନିବାର ସନ୍ଧ୍ୟାରେ ପଟିଆ ଓ ଇନ୍‌ଫୋସିଟି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ରାସ୍ତାରେ ଯାତାୟତ ହୋଇଛି ।

ଶିଭମ୍ କେମିକାଲ ଫ୍ୟାକ୍ଟ୍ରିର ୪ ସିଲିଣ୍ଡରରୁ ସୋଡିୟମ୍



### ଲୋକଙ୍କ ମଧ୍ୟରେ ଭୟର ବାତାବରଣ

### ଅଗ୍ନିଶମବାହିନୀ, ପୋଲିସ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣ

ହାଇପୋକ୍ଲୋରାଇଡ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ଫଳରେ ପରିସ୍ଥିତି ଅଣାୟତ ହୋଇଥିଲା । ଅଗ୍ନିଶମ ବାହିନୀକୁ ଖବର (୯ ପୃଷ୍ଠାରେ)



# ମୋବାଇଲ ନିୟନ୍ତ୍ରଣରେ ଜୀବନ

**ଆଜିକାଲି ଅନେକ ସମୟରେ ଦେଖିବାକୁ ମିଳୁଛି ଆମ ଜୀବନକୁ ମୋବାଇଲ ନିୟନ୍ତ୍ରଣ କରୁଛି । ଯେଉଁଥିପାଇଁ ଆମ ଲାଇଫ୍ ଷ୍ଟାଇଲ୍‌ରେ ଦେଖିବାକୁ ମିଳୁଛି ଅନେକ ସମସ୍ୟା । ତେବେ ଯଦି ଆପଣଙ୍କୁ ଏଭଳି ଲାଗୁଛି କି ଆପଣଙ୍କୁ ମୋବାଇଲ ନିୟନ୍ତ୍ରଣ କରୁଛି, ତେବେ ସତର୍କ ହୋଇ ଯାଆନ୍ତୁ । କିଛି ଟ୍ରିକ ଆପଣାଇ ଏଥିରୁ ବର୍ତ୍ତିବାକୁ ଚେଷ୍ଟା କରନ୍ତୁ ।**



**ଭାବିଚିନ୍ତି ବ୍ୟବହାର କରନ୍ତୁ–** ସବୁବେଳେ ମୋବାଇଲ୍‌କୁ ଭାବିଚିନ୍ତି ବ୍ୟବହାର କରନ୍ତୁ । ଅଧିକ ସମୟ ମୋବାଇଲ ଦେଖିଲେ ଏହାର ନକରାତ୍ମକ ପ୍ରଭାବ ଆପଣଙ୍କ ମସ୍ତିଷ୍କ ଉପରେ ପଡିଥାଏ । ଆପଣ ଦିନ ଭିତରେ ମୋବାଇଲରେ ଯାହା ସବୁ ଦେଖନ୍ତି ସେନେଇ ମସ୍ତିଷ୍କ ସବୁବେଳେ ଭାବୁଥାଏ । ଯାହା ଲାଇଫ୍ ଷ୍ଟାଇଲ ଉପରେ ଖରାପ ପ୍ରଭାବ ପକାଇଥାଏ ।

**ଆତ୍ମ ନିୟନ୍ତ୍ରଣ ରଖନ୍ତୁ–** ସବୁବେଳେ ମୋବାଇଲ ବ୍ୟବହାର ଉପରେ ଆତ୍ମ ନିୟନ୍ତ୍ରଣ ରଖନ୍ତୁ । ସୋସିଆଲ ମିଡିଆ ଚଳାଇବା ଆଜିକାଲି ଏକ ଖରାପ ଅଭ୍ୟାସରେ ପରିଣତ ହୋଇଛି । ସମସ୍ତେ ଖୁବ ଅଧିକ ମାତ୍ରାରେ ସୋସିଆଲ ମିଡିଆ ଚଳଉଛନ୍ତି, ଯେଉଁ କାରଣରୁ ଅନେକ ସମସ୍ୟା ଉପୁଜୁଛି ।

**ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ–** ଏହା ଆମର ସ୍ୱାସ୍ଥ୍ୟ ଉପରେ ବିଶେଷ ଖରାପ ପ୍ରଭାବ ପକାଉଛି । ଅଧିକ ମୋବାଇଲ ଦେଖିବା ଦ୍ୱାରା ଦୃଷ୍ଟି ଶକ୍ତି ଉପରେ ନକରାତ୍ମକ ପ୍ରଭାବ ପଡୁଛି । କେବଳ ଦୃଷ୍ଟି ଶକ୍ତି ନୁହେଁ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପଡୁଛି । ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର ଲୋକଙ୍କ ସହିତ କଥା ହେବାକୁ କିମ୍ବା ସେମାନଙ୍କ ପୋଷ୍ଟ ଆମ ଆଖିରେ ପଡିଥାଏ । ସେଥିରୁ କିଛି ଆମକୁ ମାନସିକ ସ୍ତରରେ ଆଘାତ ଦେଇଥାଏ । ଏହା ସହିତ ଛୋଟ ପିଲାଙ୍କ କ୍ଷେତ୍ରରେ ଅଧିକ ମୋବାଇଲ ବ୍ୟବହାର ସେମାନଙ୍କୁ ମାନସିକ ସ୍ତରରେ ଧୀମା କରୁଥିବା ଅନେକ ରିସର୍ଚ୍ଚରୁ ଜଣା ପଡିଛି ।

# ଘିଅରୁ ମା'ଙ୍କ ମୂର୍ତ୍ତି

ଦୁର୍ଗାପୂଜାକୁ ନେଇ ଅନେକ ସ୍ଥାନରେ ବର୍ତ୍ତମାନ ଉତ୍ସୁକତା ଦେଖିବାକୁ ମିଳୁଛି । ପୂଜା ମଣ୍ଡପ ଗୁଡିକ ମାଆଙ୍କ ପୂଜା ପାଇଁ ସଜେଇ ହୋଇଛନ୍ତି । ସେହିଭଳି ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ଥିମ୍‌ର ପୂଜା ହେଉଥିବା ଦେଖିବାକୁ ମିଳୁଛି । ପୂଜା ମଣ୍ଡପର ଅନେକ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି । ସେହିଭଳି ଏକ ପୂଜା ମଣ୍ଡପ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ରାଜସ୍ଥାନର ଏହି ମଣ୍ଡପରେ ସ୍ୱତନ୍ତ୍ର ଧରଣର ପୂଜା ଦେଖିବାକୁ ମିଳିଛି । ଏହି ମଣ୍ଡପର ତାପମାତ୍ରାକୁ ଜିରୋରୁ ଏକ ଡିଗ୍ରୀ ମଧ୍ୟରେ ରଖାଯାଇଛି । ତେବେ ଏହା ପଛର କାରଣ ବେଶ୍ ସ୍ୱତନ୍ତ୍ର । ଏଠାରେ ପ୍ରସ୍ତୁତ ହେଉଥିବା ମୂର୍ତ୍ତି ଘିଅରୁ ପ୍ରସ୍ତୁତ, ଯାହାକୁ ରଖିବା ପାଇଁ ଖୁବ କମ୍ ତାପମାତ୍ରାର ଆବଶ୍ୟକ ପଡୁଛି । ଗତ ୨୧ବର୍ଷ ହେଲା ଏଠାରେ ଏହି ମୂର୍ତ୍ତି ଘିଅରୁ ପ୍ରସ୍ତୁତ କରାଯାଉଛି । ଚଳିତ ବର୍ଷ ୨୫୧ କେଜିର ଘିଅ ବ୍ୟବହାର କରି ଏହି ମୂର୍ତ୍ତି ଗୁଡିକ ପ୍ରସ୍ତୁତ କରାଯାଇଛି । ଏହି ମୂର୍ତ୍ତି ପ୍ରସ୍ତୁତ କରିବାକୁ ବିଶେଷଭାବେ ଗୁଜରାଟରୁ ଶିଳ୍ପୀଙ୍କୁ ଡକାଯାଇଥାଏ । ଏଠାରେ ଦୁର୍ଗାପୂଜା ଦେଖିବାକୁ ଖୁବ ଶ୍ରଦ୍ଧାଳୁଙ୍କର ଭିଡ ଜମିଥାଏ ।



## ସୋସିଆଲ କୋଟ୍ସ



ଜେଲ୍ ଯିବା କାରଣରୁ ମୋର ଅନେକ କ୍ଷତି ହୋଇଛି । ଶାରୀରିକ, ଆର୍ଥିକ ଓ ମାନସିକ କ୍ଷତି ମୋର ହୋଇଛି । ମୋ ହାତରୁ ଅନେକ ଭଲଭଲ ପ୍ରୋଜେକ୍ଟ ଚାଲିଯାଇଥିଲା, ଯାହା ମୋତେ ଖୁବ କଷ୍ଟ ଦେଇଥିଲା ।

**ଅଜାଜ୍ ଖାନ୍, ଅଭିନେତା**

ମୁମ୍ବାଇର ଅବସ୍ଥା ଦିନେ ଏଭଳି ହୋଇଥିଲା, ଯେଉଁଠାରେ ଅଣ୍ଡରୱାର୍ଲ୍ଡ ଖୁବ ଅଧିକ ଆକ୍ଟିଭ୍ ହୋଇଯାଇଥିଲା । ମୁଁ ମଧ୍ୟ ସେତେବେଳେ ଆକ୍ଟିଂରେ ଭଲ କରୁଥିଲି । ତେଣୁ ମୋତେ ପ୍ରାୟ ସମୟରେ ଅଣ୍ଡରୱାର୍ଲ୍ଡରୁ ଫୋନ କଲ ଆସିଥାଏ ।

**ସୁନିଲ ସେଟ୍ଟି, ଅଭିନେତା**





ଆପଣଙ୍କ ଭଲପାଇବା ଦେଖି ମୁଁ ଖୁବ ଖୁସି । ମୁଁ କେବେ ଭାବି ନଥିଲି ଆପଣମାନେ ମୋତେ ଏଭଳି ସମର୍ଥନ କରିବେ । ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

**ହିନା ଖାନ୍, ଅଭିନେତ୍ରୀ**

## ଇତିହାସ

୧୮୫୮– ୧୮୫୭ର ଭାରତୀୟ ସ୍ୱତନ୍ତ୍ରତାର ପ୍ରଥମ ସଂଗ୍ରାମର ଶିଳ୍ପକାର ନାନା ସାହେବଙ୍କ ପରଲୋକ ।

୧୮୬୦– ଇଣ୍ଡିଆନ୍ ପେନାଲ୍ କୋଡ୍ ବା ଆଇପିସି ଆଇନ ପାରିତ ହେଲା ।

୧୯୩୫– ଭାରତରେ ସବୁଠୁ ଦୀର୍ଘ ସମୟ ଧରି ଅମ୍ପେୟାରିଂ କରିଥିବା ଜୀବନ ଡି ଘୋଷଙ୍କ ଜନ୍ମ ।

୧୯୭୨– ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ ହୋଇ ୨୦୮ ଜଣଙ୍କ ମୃତ୍ୟୁ ।

୧୯୭୪– ଭାରତୀୟ ରାଷ୍ଟ୍ରବାଦୀ, ରାଜନୀତିଜ୍ଞ, କୁଟନୀତିଜ୍ଞ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭି.କେ. କୃଷ୍ଣ ମେନନ୍‌ଙ୍କ ଦେହାନ୍ତ ।

୧୯୮୩– ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ ।

୧୮୯୩– ରାଜନୀତିଜ୍ଞ ତଥା ଗଣିତ ଓ ଭୌତିକ ବିଜ୍ଞାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ଭାରତୀୟ ବୈଜ୍ଞାନିକ ମେଘନାଦ ଶାହାଙ୍କ ଜନ୍ମ ।

# ମା'ଦୁର୍ଗାଙ୍କ ପୂଜା ସମୟରେ

**କ'ଣ କରିବେ :**

- ଠାକୁର ଘର ପୂଜା ସ୍ଥାନରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମା'ସରସ୍ୱତୀଙ୍କ ଫଟୋ ସ୍ଥାପନା କରି ଫୁଲରେ ସଜାଇ ପୂଜା କରନ୍ତୁ ।
- ମା'ଦୁର୍ଗାଙ୍କୁ ବେଲପତ୍ରରେ ପୂଜା କରନ୍ତୁ । ମା'ଙ୍କୁ ତୁଳସୀ ଓ ଦୁବରେ ପୂଜା କରିବେ ନାହିଁ ।
- ମା'ଦୁର୍ଗାଙ୍କ କୃପା ପାଇବା ପାଇଁ ଉପବାସ କରନ୍ତୁ । ନଅଦିନ ଉପବାସ କରିନପାରିଲେ ଅଷ୍ଟମୀ ଦିନ ଉପବାସ କରନ୍ତୁ । ମା'ଭଗବତୀଙ୍କ କୃପା ନିଶ୍ଚିତ ମିଳିବ ।
- ମା'ଦୁର୍ଗାଙ୍କ ନାମରେ ଘରେ ଅଖଣ୍ଡ ଦୀପ ଜଳାନ୍ତୁ ।
- ମା'ଦୁର୍ଗାଙ୍କ ୧୦୮ ନାମ ଜପ କରନ୍ତୁ ।
- ସକାଳେ ସନ୍ଧ୍ୟା ସମୟରେ ମା'ଦୁର୍ଗାଙ୍କୁ ପୂଜା କରନ୍ତୁ । ପୂଜା କରିବା ପୂର୍ବରୁ ପ୍ରଥମେ ଗଣେଶଙ୍କୁ ଧ୍ୟାନ ଅବଶ୍ୟ କରନ୍ତୁ ।
- ମନ୍ତ୍ର ଜପ କିମ୍ବା ପୂଜା କରିବାର ତୁରନ୍ତ ପରେ ଭୋଜନ କରନ୍ତୁ ନାହିଁ ।
- ମା'ଦୁର୍ଗା ସପ୍ତସତୀ ପାଠ କରନ୍ତୁ, ଏହାଦ୍ୱାରା ଅଶେଷ କୃପା ମିଳିବ ।
- ପୂଜା ସମୟରେ ସର୍ବଦା ଲାଲ ରଙ୍ଗର ଆସନ ବ୍ୟବହାର କରନ୍ତୁ । ଏହାଦ୍ୱାରା ମନ ଅଧିକ ପ୍ରସନ୍ନ ରହିଥାଏ । ଫଳରେ ପୂଜାରେ ମନ ଲାଗେ ଓ ମା' ସନ୍ତୁଷ୍ଟ ହୁଅନ୍ତି ।
- ପୂଜା ସରିବା ପରେ ଆସନକୁ ମୁଣ୍ଡରେ ମାରି ଯଥା ସ୍ଥାନରେ ରଖନ୍ତୁ ।
- ପୂଜା ସମୟରେ ଲାଲ ରଙ୍ଗର ତିଳକ ନିଶ୍ଚିତ ଭାବରେ ଲଗାନ୍ତୁ । ଲାଲ ବସ୍ତ୍ର ପିନ୍ଧନ୍ତୁ ଶୁଭ ଫଳ ମିଳିବ । ଲାଲ କପଡ଼ା ପିନ୍ଧିବା ଦ୍ୱାରା ବିଶେଷ ଶକ୍ତି ପ୍ରାପ୍ତି ହୋଇଥାଏ ।
- ପ୍ରାତଃ ସମୟରେ ମା'ଙ୍କୁ କ୍ଷୀରରେ ମହୁ ମିଶାଇ ଅର୍ପଣ କରନ୍ତୁ । ପୂଜା ପରେ ଏହାକୁ ସେବନ କରନ୍ତୁ । ଏହାଦ୍ୱାରା ଆତ୍ମା ଓ ଶରୀରକୁ ବଳପ୍ରାପ୍ତି ହୋଇଥାଏ ।
- ତା'ପର ଦିନ ଘରେ ରଖିଥିବା ପୁସ୍ତକ, ବାଦ୍ୟ ଯନ୍ତ୍ର ଓ କଲମ ଆଦିକୁ ପୂଜା କରନ୍ତୁ ।
- ଅଷ୍ଟମୀ ଓ ନବମୀ ଦିନ କନ୍ୟା ପୂଜା କରନ୍ତୁ । ୧୨ ବର୍ଷରୁ କମ୍ ବୟସର କନ୍ୟାକୁ ପୂଜା କରନ୍ତୁ ।

**କ'ଣ କରିବେ ନାହିଁ :**

- ଦୁର୍ଗା ମା'ଙ୍କ ମନ୍ତ୍ର ଜପ କରିବା ସମୟରେ ଶରୀରକୁ ସ୍ଥିର ରଖନ୍ତୁ । ଅର୍ଥାତ୍ ମା'ଙ୍କ ପାଖରେ ଏକନିଷ୍ଠ ଧ୍ୟାନ ରଖି ସ୍ପଷ୍ଟ ଭାବରେ ମନ୍ତ୍ର ଜପ କରନ୍ତୁ । ଅସ୍ପଷ୍ଟ ମନ୍ତ୍ର ଜପ କରନ୍ତୁ ନାହିଁ ।
- ମନ ଓ ବିଚାରରେ ପବିତ୍ରତା ବଜାୟ ରଖନ୍ତୁ ।
- ନବରାତ୍ରରେ ମା' ଓ ମା'ବୟସର ମହିଳାଙ୍କୁ ଅପମାନ କରନ୍ତୁ ନାହିଁ । ତାଙ୍କର ଆଶୀର୍ବାଦ ପ୍ରାପ୍ତ କରନ୍ତୁ ।
- ଛଳ, କପଟ ଓ ଅପଶବ୍ଦ ପ୍ରୟୋଗ କରନ୍ତୁ ନାହିଁ ।



**ଅଜୟ କୁମାର ବେହେରା**
**ମୋ : ୯୪୩୭୦୩୧୨୫୩**



# ୧୩୦ ବର୍ଷର ଭିଣ୍ଟେଜ୍ କ୍ୟାମେରା

ସୋସିଆଲ ମିଡିଆରେ ଇଂଲଣ୍ଡର ଆଇକନିକ୍ ରିକ୍ରିଏସନ୍ ଗ୍ରାଉଣ୍ଡର ଫଟୋ ଭାଇରାଲ ହେବାରେ ଲାଗିଛି । ହେଲେ ଏହି ଫଟୋଟି ଉଠାଯାଇଥିବା କ୍ୟାମେରା ପାଇଁ ଏହା ବେଶ୍ ଭାଇରାଲ ହେଉଛି । ଫଟୋଟି ୧୩୦ ବର୍ଷ ପୁରୁଣା ପାନୋରୋମିକ କ୍ୟାମାରାରେ ଉଠାଯାଇଛି । କ୍ୟାମେରା ସହିତ ଗ୍ରାଉଣ୍ଡର ଫଟୋଟି ମଧ୍ୟ ୟୁଜର୍ସଙ୍କୁ ପସନ୍ଦ ଆସିଛି । ଭିଣ୍ଟେଜ୍ କ୍ୟାମେରାଟି ଦେଖିବାକୁ ଖୁବ ଏଲିଗାଣ୍ଟ ହୋଇଛି । ଏହାର ୟୁନିକ ଷ୍ଟାଇଲ୍ ସମସ୍ତଙ୍କୁ ପସନ୍ଦ ଆସିଛି । ପୋଷ୍ଟ ହୋଇଥିବା ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।





# ପୋଜେସିଭ୍ ଥିଲେ ସେହନାଜ୍

ସେହନାଜ ଗିଲ୍ ଛୋଟ ପରଦା ଠାରୁ ଆରମ୍ଭ କରି ବଡ ପରଦା ସବୁଠି ବର୍ତ୍ତମାନ ଏକ ପରିଚିତ ଚେହେରା ପାଲଟିଛନ୍ତି । ତାଙ୍କର ପ୍ରଫେସନାଲ ସହିତ ପର୍ସନାଲ ଲାଇଫ୍‌କୁ ନେଇ ସବୁବେଳେ ଅନେକ ଚର୍ଚ୍ଚା ହୋଇଥାଏ । ତାଙ୍କର ଓ ସିଦ୍ଧାର୍ଥ ଶୁକ୍ଲାଙ୍କ ସମ୍ପର୍କକୁ ନେଇ ଆଜି ବି ଆଲୋଚନା ହୁଏ । ସିଦ୍ଧାର୍ଥଙ୍କ ମୃତ୍ୟୁର ଏତେ ବର୍ଷ ପରେ ବି ସେହନାଜ ତାଙ୍କ କଥା ଆଜି ବି କଥା ହୋଇଥାଆନ୍ତି । ଉଭୟଙ୍କ ସମ୍ପର୍କ ବିଗ୍‌ବସ୍ ୧୩ରେ ଆରମ୍ଭ ହୋଇଥିଲା । ଦୁଇଜଣଙ୍କ ମଧ୍ୟରେ ଖୁବ ଭଲ ସମ୍ପର୍କ ଥିଲା । ଉଭୟ ନିଜ ରିଲେସନ୍ ସିପ୍‌କୁ ଅଫିସିଆଲ ନ କରିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଦର୍ଶକ ଜାଣିଥିଲେ । ୨୦୨୧ରେ ସିଦ୍ଧାର୍ଥଙ୍କର ହାର୍ଟ ଆଟାକ୍‌ରେ ମୃତ୍ୟୁପରେ ସେହନାଜ ଅନେକ ଦିନ ପର୍ଯ୍ୟନ୍ତ ଲାଇମ୍ ଲାଇଟ୍‌ରୁ ଦୂରେଇ ଯାଇଥିଲେ । ନିକଟରେ ସିଦ୍ଧାର୍ଥଙ୍କୁ ନେଇ ସେହନାଜ ଏକ ସାକ୍ଷାତକାରରେ କଥା ହୋଇଛନ୍ତି । ସେ ସିଦ୍ଧାର୍ଥଙ୍କୁ ନେଇ ସବୁବେଳେ ବହୁତ ପୋଜେସିଭ୍ ଥିବା କଥା ପ୍ରକାଶ କରିଛନ୍ତି । ସିଦ୍ଧାର୍ଥ ଅଧିକ ହ୍ୟାଣ୍ଡସମ୍ ଥିବାରୁ ସେ ତାଙ୍କ ପାଇଁ ପୋଜେସିଭ୍ ଥିଲେ । ସେହନାଜଙ୍କ ଏହି ଷ୍ଟେଟମେଣ୍ଟ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ତାଙ୍କ ଫ୍ୟାନମାନେ ସେହନାଜଙ୍କର ସିଦ୍ଧାର୍ଥଙ୍କ ପାଇଁ ଥିବା ଭଲପାଇବାକୁ ଖୁବ ପ୍ରଶଂସା କରିବାରେ ଲାଗିଛନ୍ତି । ସେହିପରି ସମସ୍ତେ ସିଦ୍ଧାର୍ଥଙ୍କୁ ମିସ୍ ମଧ୍ୟ କରୁଥିବା କମେଣ୍ଟରେ ଲେଖୁଛନ୍ତି । ସେହନାଜ ଓ ସିଦ୍ଧାର୍ଥଙ୍କ ଯୋଡିକୁ ଦର୍ଶକ ଏବେ ବି ମିସ୍ କରୁଛନ୍ତି ।

# ପର୍ପଲ ମୋମୋ

**ସାମଗ୍ରୀ–** ଏକ କପ୍ ଶାଗୁ, ଏକ କପ୍ ପାଣି, ଅପରାଜିତା ଫୁଲର କିଛି ପାଖୁଡା, ଅଦା କଟା, ଲଙ୍କା କଟା, ଧନିଆ ପତ୍ର କଟା, ଗୋଲମରିଚ ଗୁଣ୍ଡ, ଲୁଣ ।

**ପ୍ରଣାଳୀ–** ପ୍ରଥମେ ପାଣିରେ ଅପରାଜିତା ଫୁଲର ପାଖୁଡା ପକାଇ ସିଝାଇ ନିଅନ୍ତୁ । ଏହାପରେ ଏହାକୁ ଛାଣିଦିଅନ୍ତୁ, ପାଣିର ରଙ୍ଗ ପର୍ପଲ କଲର ହୋଇଯିବ । ଏହି ପାଣିରେ ଶାଗୁକୁ ବତୁରାଇ ଦିଅନ୍ତୁ, ଶାଗୁକୁ ପୁରା ନରମ ହେବା ଯାଏଁ ବତୁରାନ୍ତୁ । ଏହାପରେ ଏହି ଶାଗୁକୁ ଚକଟି ଦିଅନ୍ତୁ । ସେହିଭଳି ଭିତରର ପୁର ପ୍ରସ୍ତୁତ କରିବାକୁ ପନିରରେ ଧନିଆ ପତ୍ର କଟା, କଞ୍ଚା ଲଙ୍କା କଟା, ଅଦା କଟା ଓ ଲୁଣ ଦେଇ ଚକଟି ନିଅନ୍ତୁ । ଏହାପରେ ଶାଗୁ ଚକଟାରେ ଏହି ପୁରକୁ ଦେଇ ଗୋଲ ଗୋଲ କରି ସିଝାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଶାଗୁଦାନା ପର୍ପଲ ମୋମୋ ।





# ଶାଳଗାଁରେ ବଜ୍ରାଘାତରେ ଜଣଙ୍କର ମୃତ୍ୟୁ

ବେତନଟୀ(ସବ୍ୟୁ) : ବୈଶିଙ୍ଗା ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତର ସେହି ଗ୍ରାମ ର ଜନୈକ ବ୍ୟକ୍ତିଙ୍କର ବଜ୍ରାଘାତରେ ଶନିବାର ଅପରାହ୍ଣ ୫ଘଟିକା ସମୟରେ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି । ସୂଚନା ମୁତାବକ ଶନିବାର ଅପରାହ୍ଣରେ ଶାଳଗାଁ ଗ୍ରାମର ସ୍ୱର୍ଗତ ନିତ୍ୟାନନ୍ଦ ସାହୁଙ୍କ ଏକମାତ୍ର ପୁତ୍ର ପୂର୍ଣ୍ଣଚନ୍ଦ୍ର ଓରଫ ଟିକି ଭାଇ (୪୬)ଗ୍ରାମରେ ଥିଲେ ।ଘଡଘଡି ସହ ବର୍ଷାର ଆଗମନ କୁ ଦେଖି ତୁରନ୍ତ ଘରକୁ ଫେରୁଥିବା ବେଳେ ଠିକ୍ ଘର ଆଗରେ ବଜ୍ରାଘାତ ହେବା ଯୋଗୁଁ ତଳେ ପଡିଯାଇଥିଲେ । ସଙ୍ଗେ ଗ୍ରାମବାସୀ ଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ଜିଲ୍ଲା ଡାକ୍ତରଖାନା କୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ବୈଶିଙ୍ଗା ପୋଲିସ କୁ ମଧ୍ୟ ଖବର ଦିଆଯାଇଥିଲା । ରବିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି । ମୃତକ ପୂର୍ଣ୍ଣଚନ୍ଦ୍ର ଙ୍କ ବିଧବା ପତ୍ନୀ ପଙ୍କଜିନୀ ଏବେ ଏକାକିନୀ । ଏକମାତ୍ର ପୁତ୍ର ଅଭିଜ୍ଞାନ ଏବେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣାଯାଇଛି । ଅତି ଗରୀବ ପରିବାର ହୋଇଥିବାରୁ ପୂର୍ଣ୍ଣଚନ୍ଦ୍ର ଏକମାତ୍ର ବ୍ୟକ୍ତି କେବଳ ଘରୋଇ ଟିଉଶନ କରି ପରିବାର ପୋଷଣ କରୁଥିଲେ । ନିଜର ଭୂସମ୍ପତ୍ତି ନ ଥିବାରୁ ମାମୁଁ ଘରଡ଼ିହରେ ଘର କରି ରହିଥିଲେ ।ଏବେ ବିଧବା ମା ଏବଂ ନାବାଳକ ପୁତ୍ର ବେସାହାରା ପାଲଟି ଯାଇଛନ୍ତି । ନିଜ ଗ୍ରାମ ତଥା ଆଖ ପାଖ ଅଞ୍ଚଳରେ ଏହି ମୃତ୍ୟୁ ଖବର ପାଇ ଶୋକର ଛାୟା ଖେଳିଯାଇଛି ।

## ଜୟଦେବ ଭବନରେ ଶହୀଦ ବାଜି ରାଉତ ଜୟନ୍ତୀ

# ସରକାରୀ ସ୍ତରରେ ଶହୀଦ ବାଜି ରାଉତ ଜୟନ୍ତୀ ବ୍ୟାପକ ଭାବେ ପାଳନ କରାଯିବ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ସବ୍ୟୁ): ଜୟଦେବ ଭବନରେ ଆୟୋଜିତ 'ଶହୀଦ ବାଜି ରାଉତ ଜୟନ୍ତୀ' ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ଯେ, ଦେଶର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ସରକାରୀ ସ୍ତରରେ ବ୍ୟାପକ ରୂପେ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଅନେକ ବୀର ଓଡିଆଙ୍କ ମଧ୍ୟରେ ଶହିଦ ବାଜି ରାଉତଙ୍କ ସ୍ଥାନ ଅନନ୍ୟ ଓ ସବୁଠାରୁ ଭିନ୍ନ । କେବଳ ଓଡିଶା ନୁହେଁ, ସାରା ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀଭାବେ ମାନ୍ୟତା ପାଇଥିବା ଏହି ବୀର ବାଳକଙ୍କ ଜୀବନୀ ସ୍ୱଳ୍ପ ହୋଇଥାଇ ପାରେ, ହୁଏତ ତାଙ୍କର ବୀର୍‌ବର ଗାଥା ଇତିହାସର ଗୋଟିଏ କିମ୍ବା ଦୁଇଟା ପୃଷ୍ଠାରେ ସୀମାବଦ୍ଧ ହୋଇଥାଇ ପାରେ, କିନ୍ତୁ ସେଇ ବୀର୍‌ର ଗାଥା ଭବିଷ୍ୟତ ପିଢିକୁ ବ୍ରିଟିଶ ସରକାର ବିରୁଦ୍ଧରେ ଲଢିବା ପାଇଁ ଲକ୍ଷ ଲକ୍ଷ ବାଜି ରାଉତ ସୃଷ୍ଟି କରିଥିଲା । ଅକ୍ଟୋବର ମାସରେ ବାଜି ରାଉତଙ୍କ ସହିତ ମହାତ୍ମା ଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀ, ଉତ୍କଳମଣି ଗୋପବନ୍ଧୁ ଦାସ ପରି ପ୍ରମୁଖ ମହାନାୟକମାନେ ମଧ୍ୟ ଜନ୍ମ ଗ୍ରହଣ କରିଥିଲେ ଏବଂ ସମସ୍ତେ ନିଜ ନିଜ ସ୍ତରରେ ଏ ଦେଶ, ଏ ଜାତି ପାଇଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି । ବାଜି ରାଉତଙ୍କ ବଳିଦାନର ବ୍ୟଥା ଯାଇ ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବାଜି ରାଉତଙ୍କ ତ୍ୟାଗର ପଦଚିହ୍ନକୁ ଅନୁସରଣ କରି ୧୯୪୨ ମସିହା ସେପ୍ଟେମ୍ବର ମାସରେ ଭଦ୍ରକ ଜିଲ୍ଲାର ଇରମ ମାଟି ରକ୍ତାକ୍ତ ହୋଇଉଠିଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ଲହୁରେ । ଓଡିଶାରେ ସେ ସମୟରେ ଚାଲି ଆସୁଥିବା ସ୍ୱାଧୀନତା ସଂଗ୍ରାମର ଯାତ୍ରାରେ ବାଜି ରାଉତଙ୍କ ବଳିଦାନ ଜନ ମାନସରେ ଏକ ଅଭୂତପୂର୍ବ ଉତ୍ସାହ ଭରି ଦେଇଥିଲା ଏବଂ ରାଜ୍ୟରେ ସ୍ୱାଧୀନତା ସଂଗ୍ରାମକୁ ନୂତନ ଦିଶା ପ୍ରଦାନ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଭାରତ ଇତିହାସରେ ବାଜି ରାଉତ ହେଉଛନ୍ତି ଦେଶର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ । ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ତାଙ୍କ ଜୟନ୍ତୀ ପାଳନ ବାସ୍ତବିକ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶହୀଦ ବାଜି ରାଉତଙ୍କ ବଳିଦାନକୁ ଜାତୀୟ ସ୍ତରରେ ପ୍ରଚାରିତ କରିବାର ସମୟ ଆସିଛି ।

ବାଜି ରାଉତଙ୍କ ଶହୀଦ ହେବା କାହାଣୀ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସେ ଦିନ ଥିଲା ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖର କାଳରାତ୍ରି । ପ୍ରଜାମେଳୀ ଆନ୍ଦୋଳନର ସଂଗ୍ରାମୀମାନଙ୍କୁ ଦମନ କରିବା ପାଇଁ ରାଜା ଶଙ୍କର ପ୍ରତାପଙ୍କ ଅନୁରୋଧରେ ପୋଲିସ ବାହିନୀ ଭୁବନଠାରେ ପହଞ୍ଚିଥିଲେ । ପୂର୍ବ ଯୋଜନା ଅନୁଯାୟୀ ଆରମ୍ଭ ହୋଇଗଲା ପୋଲିସର ଲାଠି ପ୍ରହାର, ଅତ୍ୟାଚାର ଓ ଦମନଲୀଳା । ଅତର୍କିତ ଆକ୍ରମଣର ପ୍ରତିରୋଧ କରିବା ପାଇଁ ଲୋକମାନେ ପ୍ରସ୍ତୁତ ନଥିଲେ । ଅନ୍ଧାର ରାତିର ସୁଯୋଗ ନେଇ ଶହ ଶହ ସଂଗ୍ରାମୀ ଏକତ୍ରିତ ହୋଇ ପୋଲିସକୁ ପାଲଟା ଆକ୍ରମଣ କଲେ । ସମସ୍ତଙ୍କ ଦେହର ଶତସିଂହର ବଳ । ବେକ କଟିଯାଉ ପଛେ, ରାଜ ଶାସନ ଓ ଇଂରେଜ ଶାସନକୁ ଲୋପ କରିବେ । ଇଂରେଜ ପୋଲିସ ବାହିନୀ ସଂଗ୍ରାମୀମାନଙ୍କ ପ୍ରତିଆକ୍ରମଣକୁ ପ୍ରତିରୋଧ ନକରି ପାରି ଛତ୍ରଭଙ୍ଗ ଦେଲେ । ଭୁବନଠାରୁ ଢେଙ୍କାନାଳ ସଦର ମହକୁମାକୁ ଯିବା ବାଟରେ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟ ଥିଲା ସେମାନଙ୍କ ପାଇଁ ପ୍ରତିବନ୍ଧକ । ନୀଳକଣ୍ଠ ପୁର ଗାଁ ଲୋକେ ଶତ୍ରୁମାନଙ୍କୁ ଘାଟରେ ପାରି କରାଇବେ ନାହିଁ ବୋଲି ପୂର୍ବରୁ ସ୍ଥିର କରିଥିଲେ । ବ୍ରାହ୍ମଣୀ ସେତେବେଳେ ଦୁଇ କୂଳ ଉଚ୍ଛୁଳୁ ଥାଏ । ଆଉ ସେଦିନ ଘାଟ ଜଗିବାର ପାଳି ଥିଲା ୧୨ ବର୍ଷର ବାଳକ ବାଜି ରାଉତଙ୍କର । ସାଙ୍ଗରେ ଆଉ କେତେ ଜଣ ମଧ୍ୟ ଥାଆନ୍ତି । ହଠାତ୍ ପୋଲିସ ବାହିନୀ ଘାଟରେ ପହଞ୍ଚି ନାଉରିଆକୁ ନଦୀ ପାର କରିବା ପାଇଁ ଡାକିଲେଛ କିନ୍ତୁ ବୀର ବାଜି ରାଉତ ଇଂରେଜମାନଙ୍କ ବନ୍ଧୁକର ଭୟକୁ ବେଖାତିର କରି ସେମାନଙ୍କ କଥା ଶୁଣିଲେ ନାହିଁ । ଏହା ପରେ ପୁଲିସ୍ ଗୁଳିରେ ଟଳିପଡିଲେ ୧୨ ବର୍ଷର ସାହସୀ ବାଳକ ବାଜି ରାଉତ । ଶହୀଦ ବାଜି ରାଉତ ମେମୋରିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା, କ୍ରୀଡା, ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଯୋଗ ଦେଇଥିଲେ । ଶହୀଦ ବାଜିରାଉତ ମେମୋରିଆଲ ଫାଉଣ୍ଡେସନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚ ସ୍ୱାଗତ ଭାଷଣ ଦେଇଥିଲେ ।

## ୭ ଓ ୧୪ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ଅକ୍ଟୋବର ୭ ତାରିଖ ଏବଂ ଅକ୍ଟୋବର ୧୪ ତାରିଖ (ଉଭୟ ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଅକ୍ଟୋବର ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟଥିବାରୁ ଏବଂ ୧୪ ତାରିଖ ଦିନ ଦୁର୍ଗାପୂଜା ଭସାଣି ହେତୁ, ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରଯାଇଛି ଯେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ବିଜେପି ଉପରେ ବିରୋଧୀ ଦଳର ଅଭିଯୋଗ ପ୍ରସଙ୍ଗ

# ବିରୋଧୀ ଦଳ ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ସ୍ୱୀକାର କରନ୍ତୁ : ଧର୍ମେନ୍ଦ୍ର



ଭୁବନେଶ୍ୱର, (ସବ୍ୟୁ): ରାଜନୀତିରେ ଜୟ ପରାଜୟ ଲାଗି ରହେ । ଜୟରେ ବହୁତ ଉତ୍ଫୁଲ୍ଲିତ ଏବଂ ପରାଜୟରେ ହତୋତ୍ସାହିତ ହେବାର ଆବଶ୍ୟକତା ନାହିଁ ବୋଲି ବିଜେପି ମିଛ କହି ନିର୍ବାଚନ ଜିତିବ । ପ୍ରସଙ୍ଗରେ ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ବିଜେପି ବହୁତ ଥର ହାରିଛି । ଓଡ଼ିଶାରେ କିଛି ଲୋକ ବିଜେପିକୁ ସାଇନ୍ ବୋର୍ଡ ପାର୍ଟି କହୁଥିଲେ । କିନ୍ତୁ ଏବେ ଓଡ଼ିଆ ଲୋକଙ୍କ ଆଶୀର୍ବାଦରେ ଦଳକୁ ସେବା କରିବାର ସୁଯୋଗ ମିଳିଛି । ଲୋକମାନେ ଯାହାକୁ ଯେଉଁ ଭୂମିକା ଦେଇଛନ୍ତି ତାହା ନିର୍ବାହ କରିବା ଦରକାର । ଯାହାକୁ ସେବା କରିବାର ଭୂମିକା ଦେଇଛନ୍ତି, ସେ ସେବା କରିବା ଉଚିତ୍ ଏବଂ ଯାହାକୁ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ଦାୟିତ୍ୱ ଦେଇଛନ୍ତି, ସେ ତାହାକୁ ପାଳନ କରିବା ଜରୁରୀ । ସେହିପରି ଆଉ ଏକ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଜ୍ୟପାଳଙ୍କ ଅଫିସ ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟାଳୟ । ଯେତେବେଳେ କିଛି ଲୋକଙ୍କ ମନରେ ହତାଶ ଭାବ ଆସିଯାଏ ଏବଂ ଯେଉଁମାନେ ଅଗଣତାନ୍ତ୍ରିକ ଓ ପରାଜୟକୁ ସ୍ୱୀକାର କରି ପାରୁନାହାନ୍ତି, ସେମାନେ ଏହି କଥା କହୁଛନ୍ତି । ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ମୁଣ୍ଡପାତି ସ୍ୱୀକାର କରିବା ଉଚିତ୍ । ସରକାରଙ୍କ ଦୋଷ ତ୍ରୁଟିକୁ ସାମ୍ନାକୁ ଆଣିବାର ଦାୟିତ୍ୱ ଅଛି । କିନ୍ତୁ ତାଙ୍କ ହତାଶ ଭାବକୁ ରାଜଭବନ ଆଡ଼କୁ ନମୁହାଁଇଲେ ଭଲ ବୋଲି ସେ କହିଛନ୍ତି ।

# ଓଡ଼ିଶାକୁ ଏକ ପ୍ରତିରକ୍ଷା ସରଞ୍ଜାମ କରିଡରରେ ପରିଣତ କରାଯାଉ: ପ୍ରତିରକ୍ଷା ବିଶେଷଜ୍ଞ

ଭୁବନେଶ୍ୱର , (ସବ୍ୟୁ): ଭାରତୀୟ ସେନାବାହିନୀରେ ବ୍ୟବହାର ନିମନ୍ତେ ଆବଶ୍ୟକୀୟ ଉପକରଣକୁ ନେଇ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ଦେଶ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ଉତ୍ପାଦନ ହବ୍‌ରେ ପରିଣତ କରିବା ନିମନ୍ତେ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଶନିବାର ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଭାରତୀୟ ସେନାବାହିନୀର ପୂର୍ବତନ ଉପମୁଖ୍ୟ ଲେଫ୍ଟନାଂଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଯେଉଁଭଳି ପର୍ଯ୍ୟାପ୍ତ ସୁଯୋଗ ରହିଛି ଏଠାରେ ସଫଳ ଭାବେ ଏକ ପ୍ରତିରକ୍ଷା ସରାମ କରିଡର ସୃଷ୍ଟି କରିହେବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଶନିବାର ଆୟୋଜିତ 'ମିଶନ୍: ମେକ୍ ଇନ୍ ଓଡ଼ିଶା ଫର୍ ଡିଫେନ୍ସ ଇଣ୍ଡଷ୍ଟ୍ରୀ-ଅପର୍ଚୁନିଟିଜ୍ ଗାଲୋର' ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ଲେଫ୍ଟନାଂଟ ଜେନେରାଲ ମହାନ୍ତି । ଏହି ସମ୍ମିଳନୀକୁ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ୍, ସୋଆ ଏବଂ ସୋଆ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ-ସିଆଇଆଇ)ର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଉଦ୍ୟୋଗପତି ଏବଂ ଶିଳ୍ପ କ୍ଷେତ୍ରର ବ୍ୟକ୍ତିଙ୍କୁ ସେନାବାହିନୀର ବିଶେଷଜ୍ଞଙ୍କ ସହ ଗୋଟିଏ ମଞ୍ଚରେଏକିତ୍ରିତ କରିବା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲୋକସଭା ସାଂସଦୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏଓସି-ଇନ୍ -ସି, ଇଷ୍ଟର୍ଣ୍ଣ ଏୟାର କମାଣ୍ଡ ଏୟାର ମାର୍ଶାଲ ଡି.କେ. ପଟ୍ଟନାୟକ, ଡିଆର୍‌ଡିଓର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ସିଷ୍ଟମ୍‌ର ଡାଇରେକ୍ଟର ଜେନେରାଲ ଡକ୍ଟର ବି.କେ. ଦାସ, ପୂର୍ବତନ ଆଡିସ୍‌ନାଲ୍ ସର୍ଭେୟର ଜେନେରାଲ ତଥା ଓସିଏଫ୍‌ର ଚେୟାରମ୍ୟାନ ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ, ଓସିଏଫର କୋ-ଚେୟାରମ୍ୟାନ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ ଏବଂ ଷ୍ଟିଲ୍ ଅଥରିଟି ଅଫ୍



ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତୁଷାର ସାହୁ ବକ୍ତବ୍ୟ ରଖିଥିଲେ।

ଲେଫ୍ଟନାଂଟ ଜେନେରାଲ ମହାନ୍ତି କହିଥିଲେ ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଖଣିଜ ସମ୍ପଦ, ୪୮୦ କିଲୋମିଟର ଦୀର୍ଘ ସମୁଦ୍ରତଟ, ସଡ଼କ ଓ ପର୍ଯ୍ୟାପ୍ତ ପରିମାଣର କୁଶଳୀ କାରୀଗର ରହିଥିବା ବେଳେ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ କେନ୍ଦ୍ର ଭାବେ ଗଢ଼ି ତୋଳିବା ନେଇ ଏହି ସମ୍ମିଳନୀ ଏକ ମଂଚ ପ୍ରସ୍ତୁତ କରୁଛି । ଓଡ଼ିଶାରେ ବିଭିନ୍ନ ପ୍ରତିରକ୍ଷା କେନ୍ଦ୍ର ଯେପରିକି ସୁନାବେଡାର ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ୍), ବଲାଙ୍ଗୀର ସ୍ଥିତ ଅର୍ଡନାନ୍ସ ଫ୍ୟାକ୍ଟ୍ରୀ ଏବଂ ବାଲେଶ୍ୱରର ଚାନ୍ଦିପୁରରେ ଇନ୍‌ଟରିମ୍ ଟେଷ୍ଟ ରେ (ଆଇଟିଆର୍) ଏବଂ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଂଟାଲ୍ ଏଷ୍ଟାବ୍ଲିସ୍‌ମେଂଟ ରହିଛି। ପୂର୍ବ ଭାରତରେ କୌଣସି ପ୍ରତିରକ୍ଷା ଶିଳ୍ପ କରିଡର ନଥିବା ଦୃଷ୍ଟିରୁ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ହବ୍ ଭାବେ ପରିଣତ କରିହେବ ବୋଲି ସେ କହିଥିଲେ। ସେ କହିଥିଲେ ଯେ ଓଡ଼ିଶାର ନୂତନ ସରକାର ଶିଳ୍ପ କ୍ଷେତ୍ରରେ ୫ ଲକ୍ଷ କୋଟି ଟଙ୍କାର ବିନିଯୋଗ ଲକ୍ଷ୍ୟ ରଖିଛନ୍ତି । ଏଥି ନିମନ୍ତେ ସରକାର ମଧ୍ୟ ୧୬୦,୦୦୦ ଏକର ପର୍ଯ୍ୟବେସିତ ଲ୍ୟାଣ୍ଡ ବ୍ୟାଙ୍କର ମଧ୍ୟ ବ୍ୟବସ୍ଥା କରିଛନ୍ତି । ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ହବ୍‌ରେ ପରିଣତ କରିବାର ପ୍ରୟାସକୁ ପ୍ରଶଂସା କରି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ଏହି ଉଦ୍ୟମକୁ ବାସ୍ତବ ରୂପ ଦେବା ନିମନ୍ତେ ପ୍ରଚେଷ୍ଟା ଆବଶ୍ୟକ। ଏହି ଏକ ଦିବସୀୟ ସମ୍ମିଳନୀରେ ପ୍ରତିରକ୍ଷା ସରାମ ସମ୍ବନ୍ଧୀୟ ଅନେକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ତୁଷାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଗୁଣ୍ଡି ରେଳଧାରଣାରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର

ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଧାରଣା ଉପରୁ ଜଣେ ଯୁବକଙ୍କ ହାତଗୋଡ଼ ବନ୍ଧା ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର କରାଯାଇଛି । ମୃତକ ଯୁବକ ଜଣକ ନର୍ଗୁଣ୍ଡି ବସ୍ତି ଅଂଚଳର କେ.ତିରୁପତି ରେଡ଼ି (୨୫) ବୋଲି ଜଣାପଡ଼ିଥିବା ବେଳେ ସେ ସ୍ଥାନୀୟ ମଙ୍ଗୁଳି ଛକରେ ଥିବା ଏକ ଟାୟାର କମ୍ପାନୀରେ କାର୍ଯ୍ୟ କରୁଥିଲେ ସୂଚନା ମିଳିଛି । ଗୁରୁବାର ସକାଳୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଶବ ରେଳଧାରଣା ଉପରେ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବା ପରେ ମୃତକଙ୍କ ପରିବାରକୁ ଖବର ଦେଇଥିଲେ । ଖବର ପାଇ ମୃତକଙ୍କ ପରିବାରଲୋକେ ଘଟଣାସ୍ଥଳରେ ପହଂଚି ନିଜ ପୁଅର ହାତଗୋଡ଼ ବନ୍ଧା ମୃତଦେହ ଦେଖି କେହି ଦୁର୍ବୃ ତାଙ୍କ ପୁଅକୁ ହତ୍ୟା କରିଛି ବୋଲି ଥାନାରେ ଅଭିଯୋଗ କରିବା ପରେ ଟାଙ୍ଗୀ ଥାନା ପୁଲିସ୍ ଓ ଜିଆରପି ପୁଲିସ୍ ସେଠାରେ ପହଂଚି ମୃତ ଶରୀରକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ମା ଉଗ୍ରତାରାଙ୍କଦାନ ହୁଣ୍ଡୀରୁ ମିଳିଲା ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

ନିରାକାରପୁର,(ସବ୍ୟୁ) ନବରାତ୍ରୀ ସମୟରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ମୂଳିଝର ଗଡ଼ର ମା ଉଗ୍ରତାରାଙ୍କର ଦାନ ହୁଣ୍ଡୀଟାଙ୍ଗୀ ତହସିଲଦାର ଓ ମନ୍ଦିର ଟ୍ରଷ୍ଟିଙ୍କ ଉପସ୍ଥିତରେ ଖୋଲାଯାଇଛି।ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଗଣତି ପରେ ହୁଣ୍ଡୀରୁ ମିଳିଛି ୬ ଲକ୍ଷ ୨୪ ହଜାର. ୩ ଶହ ଟଙ୍କା।ଆଉ ଦୁଇଟି ୬ ଗ୍ରାମର ସୁନା କଏନ ମିଳିଛି। ମିଳିଥିବା ଦାନ ଟଙ୍କା ସ୍ଥାନୀୟ ବ୍ୟାଙ୍କ ଅଫ ଇଣ୍ଡିଆ ସଂଚୟ ଜମାଖାତାରେ ରଖିବ ମନ୍ଦିର ପ୍ରଶାସନ। ଟାଙ୍ଗୀ ତହସିଲଦାର ମିତାଲୀ ପାତ୍ର,ରାଜସ୍ୱ ନିରକ୍ଷକ କୈଳାସ ଦଳାଇ,ମନ୍ଦିର ଟ୍ରଷ୍ଟି କର୍ମଚାରୀ କୁମର ପାତ୍ର. ସୁବ୍ରତ ସାମନ୍ତରାୟ,ନୂଆଗଡ଼ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟମାନେ ଏହାର ଗଣତି କରିଥିଲେ।






## କୋଣାର୍କରେ ଇକୋ ରିଟ୍ରିଟ୍ ଡିସେମ୍ବର ୧୫ରୁ

# ଡିସେମ୍ବର ୧ ତାରିଖ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ, (ସବ୍ୟୁ): କୋଣାର୍କ ମେରାଇନ ଡ୍ରାଇଭ ଠାରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହେବଛତେବେ ସମସ୍ତ ବିଭାଗ ସେମାନ ଙ୍କୁ ନ୍ୟସ୍ତ ଦାୟିତ୍ୱ କୁ ତ୍ୱରାନ୍ୱିତ କରିବା ଡିସେମ୍ବର ୧ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବ କୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଯେଉଁ ବିଭାଗ ର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ । ପର୍ଯ୍ୟଟନ ବିଭାଗ ଜିଲ୍ଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ରୁ ୩ ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଲକଜରି ଟେଣ୍ଟ ବ୍ୟବସ୍ଥା କରାଯିବ ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ । ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡ଼ା,ବିଚ



ସ୍ପୋର୍ଟସ, ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ ଉପଲବ୍ଧ ହେବଛ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାଣି ଯୋଗାଣ, ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟଓ୍ୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯିବ ବୋଲି ସ୍ଥିର ହୋଇଛି । ସମସ୍ତ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଡିଏଫଓ ବିବେକ କୁମାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି,ସିଡ଼ିଏମଓ ଡା ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

### ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ବାଜି ରାଉତଙ୍କ ବଳିଦାନ କାରଣରୁ ଭାରତ ପୃଥିବୀର ବଡ଼ ପ୍ରଜାତାନ୍ତ୍ରିକ ଦେଶ ହୋଇଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ବାଜି ରାଉତ ଜଣେ ବ୍ୟକ୍ତି ନୁହେଁ ଏ ଦେଶର ବୃହତ୍ତମ ଅନୁଷ୍ଠାନ । ଦେଶ ମାତୃକା ପାଇଁ ବାଜି ରାଉତ ଭଳି ଅନେକ ମହାପୁରୁଷଙ୍କ ବଳିଦାନ କାରଣରୁ ଭାରତ ଆଜି ପୃଥିବୀର ବଡ ପ୍ରଜାତାନ୍ତ୍ରିକ ହୋଇଛି ବୋଲି ଶନିବାର ଭୁବନେଶ୍ୱର ଠାରେ ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ' ଏବଂ ଢେଙ୍କାନାଳ ସାଂସ୍କୃତିକ ଆସୋସିଏସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବାଜି ରାଉତ ଆମ ସମାଜ ଓ ସଭ୍ୟତାର ତ୍ୟାଗ ଏବଂ ସଂଘର୍ଷର ପ୍ରତୀକ । ସ୍ୱାଓ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡଜାତ ଗାନ୍ଧୀ' ସାରଙ୍ଗଧର ଦାସ, ମୃଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଅନୁପ୍ରାଣିତ ହୋଇ ବାଜି ରାଉତ ବ୍ରିଟିଶଙ୍କ ଆଦେଶକୁ ଅମାନ୍ୟ କରି ଏ ଜାତି ପାଇଁ ଶହୀଦ ହୋଇଥିଲେ । ୧୨ ବର୍ଷର ହୋଇ ମଧ ତାଙ୍କର ମାନସିକ ସ୍ଥିତି କିପରି ଦୃଢ ଥିଲା, ତାହା ଆମକୁ ଜାଣିବାକୁ ହେବ । ସ୍ୱୟଂ ପାଇଁ ନୁହେଁ ସମୂହର କଥା ଭାବୁଥିବା ଛୋଟ ବଳିତା ଥିଲେ ବାଜି । ଧର୍ମଗୁରୁ ଗୋବିନ୍ଦ ସିଂହଜୀଙ୍କ ସୁପୁତ୍ର ସାହିବଜାଦା ବାବା ଜୋରାଓ୍ୱର ସିଂ ଜୀ ଏବଂ ବାବା ଫତେହ ସିଂଜୀ ମଧ ଅନ୍ୟ ଧର୍ମ ପଥେ ନ ଯାଇ ବଳିଦାନକୁ ବାଛିଥିଲେ ।




ଆମକୁ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ପୂର୍ବରୁ ଇତିହାସକୁ ଅନୁଶୀଳନ କରିବା ଜରୁରୀ । ଇତିହାସ ନାମକ ଆଇନାକୁ ନ ଦେଖିଲେ ଭବିଷ୍ୟତର ରାସ୍ତାରେ ବାଟମଣା ହେବାର ଅନେକ ସମ୍ଭାବନା ଅଛି । ଓଡ଼ିଶା ନିଜର ବର୍ତ୍ତମାନକୁ ସାମ୍ନାରେ ରଖି ଇତିହାସକୁ ସ୍ମରଣ କରି ଭବିଷ୍ୟତର ଲମ୍ବା ଯୋଜନା କଲେ ହିଁ ବିକଶିତ ହୋଇପାରିବ । ବାଜି ରାଉତଙ୍କ ବଳିଦାନ ସେବେ ସାର୍ଥକ ହେବେ ଯେବେ ଓଡ଼ିଶା ଓ ଭାରତ ବିକଶିତ ହେବ । ସେହିପରି ଓଡ଼ିଶାର ଅନେକ ମହାପୁରୁଷଙ୍କୁ ଯୋଗ୍ୟ ସମ୍ମାନ ଦେବା ଜଣେ ରାଜା କିମ୍ବା ସଫଳ ପ୍ରଶାସକର ଦାୟିତ୍ୱ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବରପୁତ୍ର ମାନଙ୍କର ଜୟନ୍ତୀ ଓ ପୁଣ୍ୟତିଥିକୁ ସରକାରୀ ସ୍ତରରେ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଧନ୍ୟବାଦ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଅଗ୍ରସର ହେଉଥିବା ସମୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ବିସା ମୁଣ୍ଡା, ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ବାଜି ରାଉତଙ୍କ ପରି ମହାପୁରୁଷଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ଆମେ ଆଗଭର ହେବା । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଭୁବନେଶ୍ୱର ସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ବିଧାୟକମାନେ ଯୋଗଦେଇଥିଲେ ।

# ନୂଆଦିଲ୍ଲୀରେ ଓଡିଶା ଉଦ୍ୟୋଗୀ ସମ୍ମିଳନୀ ଉତ୍କର୍ଷ-୨୦୨୪

## ଡ. ତିରୁପତିଙ୍କୁ ଧନ୍ୟବାଦ୍ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଥିବା ଓଡିଶା ପାଇଁ ନୂଆ ଆଶା ଓ ଉଦ୍ୟୋଗୀପତିମାନଙ୍କର ସମ୍ମିଳନୀ ଉତ୍କର୍ଷ-୨୦୨୪ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରା ଭାରତ ବର୍ଷରୁ ଅନେକ ଉଦ୍ୟୋଗୀପତିମାନେ ଓଡିଶା ପାଇଁ କାର୍ଯ୍ୟ କରିବା ପାଇଁ ହାତ ବଢାଇଥିବାବେଳେ ଗଜପତି ଜିଲ୍ଲା ପାଇଁ ଗଜପତି ମାଟିର ସୁଯୋଗ୍ୟ ସନ୍ତାନ ଡ. ତିରୁପତି ପାଣିଗ୍ରାହୀ ଆନ୍ଧ୍ରପ୍ରଦେଶ ଏବଂ ପଡୋଶୀ ରାଜ୍ୟର ଉଦ୍ୟୋଗୀପତି ମାନଙ୍କୁ ଗଜପତି ପ୍ରତି ଆକର୍ଷିତ କରିଛନ୍ତି । ପ୍ରବୀଣ ଆଲୁମିନିୟମ ଇଣ୍ଡଷ୍ଟ୍ରି' ଗଜପତି ଜିଲ୍ଲାରେ ପ୍ରତିଷ୍ଠା କରି ଜିଲ୍ଲାର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ ପବନ ଭାରତ ସରଗଦମ୍ ନାଇଡୁ ସେମିକଣ୍ଡକ୍ଟର ବାଇଓ୍ୱଡାଇଭରସିଟି ଉପରେ ୪୦୦ ରୁ ୬୦୦ ଗଜପତି ଜିଲ୍ଲାରେ ନିଯୁକ୍ତି ସୃଷ୍ଟି କରିବେବୋଲି ପ୍ରତିଶୃତି ଦେଇଥିଲେ । ସେହିପରି ଜଗଦିଶ୍ 'ପ୍ରନ ଏକ୍ସପୋର୍ଟ' କରିବା ପାଇଁ ଏକ ନୂଆ ଆଶା ସୃଷ୍ଟି କରିଛନ୍ତି । ଏହି ଅବସରରେ ଏହି କାର୍ଯ୍ୟକୁ ଗଜପତି ଜିଲ୍ଲା ବାସୀଙ୍କୁ ପୂର୍ବରୁ କଥା ଦେଇ ଆସିଥିବା ଡ. ତିରୁପତି ପାଣିଗ୍ରାହୀ ଏହି ଆଶାକୁ ସଫଳ କରାଇବା ପାଇଁ ଉଦ୍ୟମ ଜାରି



ରଖିଛନ୍ତି । ଇଣ୍ଡଷ୍ଟ୍ରିୟାଲ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ତିରୁପତି ପାଣିଗ୍ରାହୀଙ୍କୁ ଧନ୍ୟବାଦ ଦେବା ସହ ତିରୁପତି ପାଣିଗ୍ରାହୀଙ୍କ ଜୀବନ ଉପରେ ଏକ ବାଇଓପିକ୍ ଡ. ତିରୁପତି ପାଣିଗ୍ରାହୀ ତାଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ , ଶିଳ୍ପ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ । ଆଗାମୀ ଦିନରେ ଗଜପତି ପାଇଁ ସ୍ୱପ୍ନ ଦେଖିଥିବା ଡ. ତିରୁପତି ପାଣିଗ୍ରାହୀ ଉଦ୍ୟୋଗୀପତିମାନଙ୍କୁ ଆଣି ଗଜପତି ଜିଲ୍ଲାର ଉତ୍ତୋରତର ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ।

# ଜିଲ୍ଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସଦଅପରାଜିତା ଷଡଙ୍ଗୀ ଅଧକ୍ଷତା କରିଥିବା ବେଳେ ଜିଲ୍ଲାପାଳ ଚଂଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ । ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ସମସ୍ତ ସଭ୍ୟ, ଓ୍ୱାର୍ଡ ମେମ୍ବର, ଗ୍ରାମ ପଂଚାୟତ, କାଉନ୍ସିଲର ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଲାଇନ୍ ବିଭାଗ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ସାଂସଦ ଡି. ପି. ଏମ. ୟୁ. ପ୍ଲାନିଙ୍ଗ କୁ ଏମ. ପି (ଲାଡ)ରେ ମିଳିଥିବା ଟଙ୍କା ବିଷୟରେ ପଚାରି ବୁଝିଥିଲେ । ଅବଶିଷ୍ଟ ଟଙ୍କା ଆସନ୍ତା ୨୫ ତାରିଖ ସୁଦ୍ଧା ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ମେଗା ଓ୍ୱାଟର ସପ୍ଲାଏ ବିଷୟରେ ସମୀକ୍ଷା କରିଥିଲେ । କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏହି କାମ ବାଲିଅନ୍ତା ବ୍ଲକରେ ଆରମ୍ଭ ହୋଇଛି ବୋଲି କହିଥିଲେ। ବୋଲଗଡ ଓ ବେଗୁନିଆ ବ୍ଲକରେ ଇଲେକଟ୍ରି ଖୁଁଟ ଚୋରି ହୋଇଯାଉଛି । ଯାହା ଫଳରେ କାର୍ଯ୍ୟରେ ବାଧା ଉପୁଜିଛି । ସେହିପରି ଓ୍ୱାଟର ସେଡ ଏବଂ ପ୍ରଧାନ ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ବିଷୟରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରାଗଲା । ହିତାଧିକାରୀଙ୍କ ଦରଖାସ୍ତ ସବୁ ଗ୍ରହଣ କରାଯାଇ ରଖାଯାଇଛି । ସରକାରଙ୍କ ନିର୍ଦ୍ଦେଶ ପରେ ସର୍ଭେ କରାଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) ପାଇଁ ଟାର୍ଗେଟ -୧୨୬୬ ରହିଥିବା ବେଳେ ୯୯୮ ଟି ଆବାସ ଯୋଜନାର କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ୨୫୩ ଟି ଆବାସ ବାକି ରହିଛି । କ୍ଷୁଦ୍ର ଜଳସେଚନ ଯନ୍ତ୍ରୀଙ୍କୁ ଚେକ ଡ୍ୟାମ ସମ୍ପର୍କରେ କହିଲେ ଯେ ହଳଦୀମାଳ ଚେକ ଜ୍ୟାମ ସମ୍ପୂର୍ଣ୍ଣ ହୋଇଯାଇଛି । ବାଣପୁର ର ୨ ଟି ଏବଂ ବେଗୁନିଆ ବ୍ଲକ ର ଗୋଟିଏ ଚେକ ଡ୍ୟାମ ଅତ୍ରୀ ଠାରେ ଆରମ୍ଭ ହେବାକୁ ଯାଉଛି । ପି. ଏମ. ଜି, ଏସ ଓ୍ୱାଇ -୧ ଗ୍ରାମ୍ୟ ସଡ଼କ ସମସ୍ତ କାମ ସରିଯାଇଛି । ପି. ଏମ. ଜି, ଏସ ଓ୍ୱାଇ -୩ ଏବଂ ୪ କାମ ସରିନାହିଁ ଏହାକୁ ତ୍ୱରାନ୍ୱିତ କରିବାକୁ ସାଂସଦ ପରାମର୍ଶ ଦେଲେ । ସ୍ୱାସ୍ଥ୍ୟ ବିଭାଗର ସି ଡି ଏମ ଓ ଙ୍କୁ ପଚାରି ବୁଝିଲେ ଯେ ବାଣପୁର, ଟାଙ୍ଗୀ ଓ ଚିଲିକାକୁ ଡାକ୍ତରମାନେ ଡେପୁଟେସନରେ ପୋଷ୍ଟିଂ ହେଉଛନ୍ତି । କିନ୍ତୁ ସେହି ସ୍ଥାନରେ କେହି ଯୋଗ ଦେଉନାହାନ୍ତି । ଏହି ବିଷୟରେ ତନଖି କରି ସାଂସଦ ନଭେମ୍ବର ମାସରେ ମିଟିଙ୍ଗ କରିବାକୁ ଏବଂ ସିଏଚ ସି ମାନଙ୍କରେ ଖାଲି ଥିବା ପୋଷ୍ଟ ର ତାଲିକା ପ୍ରେରଣ କରିବାକୁ ସିଡିଏମଓ ଙ୍କୁ କହିଲେ । ପୂର୍ବ ବିଭାଗ କାର୍ଯ୍ୟ ନିର୍ବାହି ଯନ୍ତ୍ର ଙ୍କୁ ସାଂସଦ ଜଟଣୀ ବ୍ଲକରେ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ବହୁତ ପ୍ରଶଂସା କରିଥିଲେ । ଓରମାସ ର ବିଭିନ୍ନ କାର୍ଯ୍ୟକ୍ରମ ବିକାଶ ମେଳା, ଜୈବ ସାର ପ୍ରସ୍ତୁତି ଏବଂ ଅନ୍ୟ ବିଷୟରେ ସାଂସଦଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ଏହି ବିଷୟରେ ଆବଶ୍ୟକ ସ୍ଥଳେ ସାହାଯ୍ୟ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏନ. ଏଚ . ର ଭନ୍ନତିକରଣ କାର୍ଯ୍ୟକୁ ତ୍ୱରାନୀତ କରିବାକୁ ଏବଂ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରିବାକୁ କରିବାକୁ ପରାମର୍ଶ ଦେଇଥିଲେ । ରାଜୁଆ ଡାଇଭରଶନ ପ୍ରୋଜେକ୍ଟ ବିଷୟରେ ମାଇନର ଇରିଗେସନ୍ ଯନ୍ତ୍ରୀ ଏବଂ ଏକାମ୍ର ପ୍ରୋଜେକ୍ଟ, ଭଗ୍ରତାରା ମନ୍ଦିର ପ୍ରୋଜେକ୍ଟ ବିଷୟରେ ସମୀକ୍ଷରା କରିଥିଲେ । ପୌର ପରିଷଦ ଖୋର୍ଦ୍ଧାଙ୍କୁ ୨୧୦ ଭେଣ୍ଡିଙ୍ଗ ୧୨ନଭେମ୍ବର ସୁଦ୍ଧା ସାରିବାକୁ ଏବଂ ଏହାର ଉଦ୍ଘାଟନ ସାରିବାକୁ ପରାମର୍ଶ ଦେଇଥିଲେ । ଅବଶିଷ୍ଟ ଭେଣ୍ଡିଙ୍ଗ ଜୋନ କାର୍ଯ୍ୟ ତ୍ୱରାନିତ କରାଗଲେ ଖୋର୍ଦ୍ଧା ଟ୍ରାଫିକ ସମସ୍ୟା ସୁଧୁରିବ ବୋଲି ପରାମର୍ଶ ଦେଇଥିଲେ । କୃଷି ବିଭାଗ ଏବଂ ଉଦ୍ୟାନ ବିଭାଗ ସହିତ କଥା ହୋଇ କୋଲ୍ଡ ଷ୍ଟୋରେଜ ବିଷୟରେ ପଚାରି ବୁଝିଥିଲେ ଏବଂ ବାଲିଅନ୍ତାରେ ଏକ ଉଦ୍ୟାନ କାର୍ଯ୍ୟାଳୟ ଖୋଲାଯିବାକୁ ଜୟଦେବ ବିଧାୟକଙ୍କ ମନ୍ତବ୍ୟରେ ସାଂସଦ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଗୋଶାଳା ବିଷୟରେ ମଧ ଆଲୋଚନା କରଯାଇଥିଲା । ଶେଷରେ ଧନ୍ୟବାଦ ଦେଇ ବୈଠକ ସାଙ୍ଗ କରାଯାଇଥିଲା ।

### ନିର୍ଭୟର ବାର୍ଷିକ ଉତ୍ସବ

# ଗଣମାଧ୍ୟମର କଣ୍ଠରୋଧର ସମୟ ଶେଷ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଶନିବାର ଦିନ ଦୈନିକ ସମ୍ବାଦପତ୍ର ନିର୍ଭୟର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ଭୟର ସମ୍ପାଦକ ନବୀନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା ମୁଖ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗଣମାଧ୍ୟମର କର୍ତ୍ତବ୍ୟ ଏବଂ କାର୍ଯ୍ୟଧାରାର ଗୁରୁତ୍ୱ ବାବଦରେ ବକ୍ତବ୍ୟ ରଖିବା ବେଳେ ନିର୍ଭୟକୁ ଏକ ଆଦର୍ଶ ଗଣମାଧ୍ୟମ ବୋଲି ବତାଇଥିଲେ। ଗତ ସରକାରବେଳେ କିଛି ଗଣମାଧ୍ୟମ ସରକାରଙ୍କର ଏଚଏମଭି ବା ହିଜ ମାଷ୍ଟର୍ସ ଭଏସ ବନିଥିଲେ। ନିର୍ଭୟ ତାହା କରିପାରିନଥିବାରୁ ବିଜ୍ଞାପନ ପାଇପାରୁନଥିଲା । କିଛି ମିଡିଆକୁ ବିଜ୍ଞାପନ ନଦେବାକୁ ହୁଇପ ହୋଇଥିଲା । ଏବେ କିନ୍ତୁ ଲୋକଙ୍କ ସରକାର କ୍ଷମତାକୁ ଆସିଛି । ଆଉ ମିଡିଆକୁ ଧମକ ନାହିଁ କି କଣ୍ଠରୋଧ କରିବାର ସମୟ ନାହିଁ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ । ଦୀର୍ଘ ୧୦ବର୍ଷ ଭିତରେ ନିର୍ଭୟ ଅନେକ ଦୁର୍ନୀତି ଏବଂ ବ୍ୟବସ୍ଥାଗତ ତ୍ରୁଟିକୁ ସାରା ରାଜ୍ୟରେ ଉଜାଗର କରି ତାହାର ଦାୟିତ୍ୱ ସମ୍ପାଦନ କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ନିର୍ଭୟ ସମ୍ପାଦକ ନବୀନ ଦାସଙ୍କୁ ତାଙ୍କ ସତ୍ୟନିଷ୍ଠତା ପାଇଁ ପ୍ରଶଂସା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ନିର୍ଭୟ ଭାବେ କଥା ରଖିବା, କେବେ ବି ସହଜ ବିଷୟ ନୁହେଁ। ତାଙ୍କ ପ୍ରାକ ବିଧାୟକ ଜୀବନରେ କିପରି ନିର୍ଭୟ ସମ୍ପାଦକଙ୍କ ସହଯୋଗ ଓ ପରାମର୍ଶ ହାସଲ କରିଆସିଥିଲେ ତାହାର ସେ କରିଥିଲେ



ଅବତାରଣା। ନିଜ ୧୦୦ଦିନର ପ ଅବସରରେ କିପରି ପ୍ରତିଶ୍ରୁତି ପାଳନର ଧାରା ଆରମ୍ଭ କରାଯାଇସାରିଛି ତାହାର ପୂର୍ଣ୍ଣ ବିବରଣୀ ଦେଲାବେଳେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମଗୁଡିକୁ ପ୍ରଶଂସା କରିଥିଲେ ଯେ, ସେମାନଙ୍କ ଯୋଗୁ ଲୋକ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ ଏବଂ ଲୋକଙ୍କ ବଜେଟ ଭଳି ସକରାତ୍ମକ ଖବର ପ୍ରକାଶ ପାଇପାରିଛି। ଗଣମାଧ୍ୟମଗୁଡିକ ନିଜ ଏଜେଣ୍ଡା ହାସଲ ଦିଗରେ କାର୍ଯ୍ୟ ନକରି ଗଠନମୂଳକ ଖବର ଏବଂ ସତ୍ୟାସତ୍ୟ ଯାଞ୍ଚ କରି ସମ୍ବାଦ ପରିବେଷଣ କରିବା ପାଇଁ ପରାମର୍ଶ ଦେଇଥିଲେ ମୁଖ୍ୟମନ୍ତ୍ରୀ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ ସାମ୍ବାଦିକର ଧର୍ମ ଡରାଇବା ନୁହେଁ ଶ୍ରଦ୍ଧା ହାସଲ କରିବା । ବେଳେବେଳେ ସଫଳତା ଅହଂକାର ସୃଷ୍ଟି କରେ ବୋଲି କହିଥିଲେ ସୌମ୍ୟ ରଞ୍ଜନ ପଟ୍ଟନାୟକ । ମୁଦ୍ରିତ ଗଣମାଧ୍ୟମର ଭବିଷ୍ୟତ ଆଶଙ୍କାରେ ଥିଲା ବେଳେ ଡିଜିଟାଲ ଗଣମାଧ୍ୟମ ଆଜିର ଆହ୍ୱାନ ହୋଇଛି। ସମୟ ସହ ତାଳ ଦେଇ ଚାଲିବା ଗଣମାଧ୍ୟମର ଦାୟିତ୍ୱ ହେବା ଦରକାର। ସେ କହିଥିଲେ ଜନାଦେଶକୁ ବୁଝିବା ଓ ବିଶ୍ଳେଷଣ କରିବାର ସାହସ ଓ ମାନସିକତା ରହୁନାହିଁ। ଟଙ୍କା ଥିଲେ, କ୍ଷମତା ଥିଲେ ସବୁକିଛିକୁ ନିୟନ୍ତ୍ରିତ କରାଯାଇପାରିବ ବୋଲି ମନକୁ ଆସିଯାଉଛି। ଏଥରର ନିର୍ବାଚନ ବାର୍ତ୍ତା ଦେଇଛି ଅହଂକାରର ସବୁବେଳେ ପତନ ଘଟିଥାଏ। ସେ କହିଥିଲେ ସବୁବେଳେ ମାଟି ବଡ଼, ପାର୍ଟି ନୁହେଁ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଅତୁଲ କୋଠାରୀ ଯୋଗଦେଇ ଏକ ରାଷ୍ଟ୍ର, ଏକ ନିର୍ବାଚନ ଉପରେ ମତ ରଖିଥିଲେ । ଏହି ଉତ୍ସବରେ ନିର୍ଭୟର ସହଯୋଗୀ ସମ୍ପାଦକ ସମ୍ବିତ ମହାପାତ୍ର ସଂଯୋଜନା କରିଥିଲା ବେଳେ ନିଆରା ଚିକିତ୍ସକ ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ନିର୍ଭୟ ଓଡ଼ିଶା ଗୌରବ ପ୍ରଦାନ କରାଯାଇଥିଲା। ସେହିପରି ନିର୍ଭୟ ସତୀର୍ଥ ସମ୍ମାନ ବରିଷ୍ଠ ସାମ୍ବାଦିକ ସୁବ୍ରତ ଦାସ ଏବଂ ଓଟିଭିର କାର୍ଯ୍ୟକ୍ରମ ଆପଣ ଏକା ନୁହଁଙ୍କୁ ପ୍ରଦାନ ହୋଇଥିଲା। ଏହି ସମାରୋହରେ ନିର୍ଭୟର ସମସ୍ତ ଖବରଦାତାଙ୍କ ସହ ରାଜଛର ବହୁ ବିଶିଷ୍ଟ ରାଜନେତା, ସାମ୍ବାଦିକ, ଶିଳ୍ପପତି ଓ 'ନିର୍ଭୟ'ର ଅନେକ ଶୁଭେଚ୍ଛୁ ଯୋଗଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ୮୮ବର୍ଷ ଭିତରେ ଓଡ଼ିଶା ଅଛି କେଉଁଠି ଶୀର୍ଷକ ଆଲୋଚନା ହୋଇଥିଲା । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

# ପ୍ରଫେସର କେଶବ ଚନ୍ଦ୍ର ସାହୁଙ୍କ ୨୩ତମ ଶ୍ରଦ୍ଧାଞ୍ଜଳି ସଭା

କଟକ, (ସବ୍ୟୁ): କଟକ ପ୍ରଫେସରପଡ଼ାସ୍ଥିତ ଡାକ୍ତର କେଶବ ଚନ୍ଦ୍ର ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ପ୍ରଫେସର ଡାକ୍ତର କେଶବ ଚନ୍ଦ୍ର ସାହୁଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଉଷାରାଣୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଉଦ୍ଘାଟନ କରି କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱଳ କହିଲେ, କେଶବ ଚନ୍ଦ୍ର ସାହୁ ଜଣେ ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ଭାବରେ ଓଡ଼ିଶା ଓ ଭାରତରେ ସୁବିଦିତ ଥିଲେ । ସେବା ସମର୍ପଣର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ସହିତ ତାଙ୍କର ସୁସଂପର୍କ ଥିଲା । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ନାଟ୍ୟକାର ସଂଜ୍ଞି କୁମାର ପଟ୍ଟନାୟକ କହିଲେ, ପ୍ରଫେସର ଡାକ୍ତର ସାହୁ ଏକାଧାରରେ ଜଣେ ଚିକିତ୍ସାବିତ୍, ସଂସ୍କୃତି ଉପାସକ, ସାରସ୍ୱତ ସାଧକ ଓ ଆଧାତ୍ମିକ ପୁରୁଷ ଭାବେ ସୁପରିଚିତ ଥିଲେ । ବାୟାବାବାଙ୍କ ଭଳି ଆଧାତ୍ମିକ ସାଧୁ, ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧକଙ୍କର ପ୍ରଫେସର ସାହୁଙ୍କ ବାସଭବନକୁ ଆସିଛନ୍ତି । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ରାସାୟନିକ ଯନ୍ତ୍ରୀ ଇଂ. ଅଶୋକ ରାୟ ଚୌଧୁରୀ କହିଲେ, ସେବା ସମର୍ପଣର ସେ ଥିଲେ ମୂର୍ତିବନ୍ତ ପ୍ରତୀକ ସଭାପତି ଶ୍ରୀମତୀ ସାହୁ ତାଙ୍କ ଅଭିଭାଷଣରେ ପ୍ରଫେସର ସାହୁ କଟକଠାରେ ମହିଳା କଲେଜ ପ୍ରତିଷ୍ଠାକରି ବହୁ ଅଭାବୀ ଛାତ୍ରୀଙ୍କୁ ପଢ଼ିବାର ସୁଯୋଗ ଦେଇଛନ୍ତି । ଆମ ଶିକ୍ଷାଜଗତ ପାଇଁ ସେ ଆଦର୍ଶ । ଏହି ସଭାରେ ଅଧାପିକା ପୁଷ୍ପାଞ୍ଜଳି ସାହୁ, ଡ. ସୁସ୍ମିତା ମହାନ୍ତି, ସଂଗୀତା ସାମଲ, ସୌଦାମିନୀ କର, ଲକ୍ଷ୍ମୀପ୍ରିୟା ରାଉତ, ବନ୍ଦନା ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେଛ ଅଧାପିକା ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱର୍ଗତଃ ଡ. ସାହୁଙ୍କ ରଚିତ ସଂଗୀତ ପରିବେଷଣ କରାଯାଇଥିଲା ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବେତନଟୀ ବନାଞ୍ଚଳ ସ୍ତରୀୟ ୭୦ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବେତନଟୀ (ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବେତନଟୀ ବନାଞ୍ଚଳ ସ୍ତରୀୟ ୭୦ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇ ଯାଇଛିଛି ବେତନଟୀ ବନାଞ୍ଚଳ ଅଧିକାରୀ ମନୁଓ୍ୱାର ଖାଁ ଓ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅକ୍ଟୋବର ୦୨ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରଘୁନାଥ ଉଚ୍ଚ ବିଦ୍ୟାଳୟ ଓ ରାଇକମା ଆଶ୍ରମ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ୦୨ତାରିଖରେ ଶିମିଳିପାଳ ସୁରକ୍ଷାରେ ଆମର କର୍ତ୍ତବ୍ୟ ବିଷୟ ବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା ତଥା କୁଇଜ୍, ୩ତାରିଖରେ ପରିବେଶ ସନ୍ତୁଳନ ରେ ବନ୍ୟଜନ୍ତୁ ଙ୍କ ଆବଶ୍ୟକତା ବିଷୟରେ ପ୍ରବନ୍ଧ ପ୍ରତିଯୋଗିତା ,୪ତାରିଖରେ ବନ୍ୟଜନ୍ତୁ ଓ ମାନବ ସମାଜର ସହାବସ୍ଥାନ ବିଷୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବେତନଟୀ ବନାଞ୍ଚଳ ର ବନପାଳ ପ୍ରଶାନ୍ତ କୁମାର ସିଂ ସାମନ୍ତ, ବଡାମପୁର ବନପାଳ ଦୀପକ କୁମାର ପାତ୍ର, ବନରକ୍ଷୀ ସସ୍ମିତା ଶତପଥୀ, ପ୍ରଭାତୀ ପାତ୍ର, ପ୍ରିୟଙ୍କା ସାହୁ, ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ରଜତ କୁମାର ଦାସ, ସିଆରସିସି ସତ୍ୟରଞ୍ଜନ ରାଉତ, ବରିଷ୍ଠ ଶିକ୍ଷକ ଗନ୍ଧମାର୍ଦନ ଦେହୁରୀ, ଗଜେନ୍ଦ୍ର ବିଶ୍ୱାଳ, ବିଶ୍ୱନାଥ ପ୍ରଧାନ ସମେତ ବହୁ ପରିବେଶବିତ୍ ପ୍ଲାକାର୍ଡ ଧରି ବନ୍ୟ ପ୍ରାଣୀ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଏକ ବିରାଟ ସଚେତନତା ରାଲିରେ ରାଇକମା, ରଙ୍ଗଡା ଓ ବଡଗୁମା ଗ୍ରାମ ପରିକ୍ରମା କରିଥିଲେ ।

# କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନର ୧୮ ତମ କିସ୍ତି ବଣ୍ଟନ କରିଛନ୍ତି । ଏଥିରେ ଦେଶରେ ୯.୪ କୋଟିରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି । ଏହି ଅବସରରେ ଡିବିଟି ମାଧମରେ କୃଷକଙ୍କ ବ୍ୟାଙ୍କ ଆକାଉଂଟକୁ ୨୦ ହଜାର କୋଟି ଟଙ୍କା ପଠାଯାଇଛି। ରାଜ୍ୟର ପ୍ରାୟ ୩୦ ଲକ୍ଷରୁ ଅଧିକ କୃଷକ ଏଥିରେ ଲାଭବାନ ହୋଇଛନ୍ତି । ଏନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ କୃତଜ୍ଞତା ଜଣାଇବା ସହ କୃଷକଙ୍କ ପାଇଁ ଏହା ଦଶହରା ଭେଟି ବୋଲି କହିଛନ୍ତି । ଶ୍ରୀ ସାମଲ କହିଛନ୍ତି, କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ। ଯଶସ୍ୱୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ କୃଷକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି । ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବାଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ମୃର୍ତିକା କାର୍ଡ ସହ ଚାଷ ଜମିରେ ଜଳସେଚନ ପାଇଁ ବ୍ୟବସ୍ଥା କରିଛନ୍ତି । ୟୁରିଆ, ଅନ୍ୟାନ୍ୟ ସାର ଓ କୀଟନାଶକ ପାଇଁ ବ୍ୟାପକ ସବ୍‌ସିଡି ବ୍ୟବସ୍ଥା କରିଛନ୍ତି । ପିଏମ୍ କିଷାନ ଯୋଜନାରେ କୃଷକଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପଠାଇ ସେମାନଙ୍କ ଆୟ ବୃଦ୍ଧି ସହ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ଗ୍ରାମୀଣ ବିକାଶ ଓ କୃଷକ ସମୃଦ୍ଧି ପାଇଁ ବିଜେପି ସରକାର ସର୍ବଦା ବଦ୍ଧପରିକର ବୋଲି ଶ୍ରୀ ସାମଲ କହିଛନ୍ତି ।

# ସୌଭାଗ୍ୟନଗର ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ସୌଭାଗ୍ୟନଗରର ବରିଷ୍ଠ ନାଗରିକ ସଂଘ ର ନବମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହେଇଯାଇଛି । ଅକ୍ଟୋବର ୨



ତାରିଖରେ ଆୟୋଜିତ ଏହି ସମାରୋହରେ ସଂଘର ସଭାପତି ଅନନ୍ତ ପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ । ଷ୍ଟେଟ ବ୍ୟାଙ୍କ ଇଣ୍ଡିଆର ଡିଜିଏମ ପ୍ରଶାନ୍ତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସଞ୍ଚୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସାଇବର ଅପରାଧ ଏହାର କାୟା ବୃଦ୍ଧି କରିଚାଲିଛି, ତେଣୁ ସେଥିନେଇ ନିଜେ ସତର୍କ ରହିବା ସହ ସତର୍କତା ନେଇ ଅନ୍ୟମାନଙ୍କୁ ସଚେତନ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ବୋଲି କହିଥିଲେ । ମୁଖ୍ୟ ବକ୍ତା ବ୍ରହ୍ମାକୁମାରୀ ଗୀତା ତାଙ୍କ ଅଭିଭାଷଣରେ, ଭାଗବତ ଓ ଗୀତାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥି ଡାକ୍ତର ସୁଶୀଲ କୁମାର ମହାନ୍ତି ସ୍ୱାସ୍ଥ୍ୟ ଭଲ ରଖିବାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ବରିଷ୍ଠ ଆଇନ ପରାମର୍ଶଦାତା ମଧୁ ମାଧବ ଜେନା, ମଣିଷ ଜୀବନରେ ଆଇନର ଗୁରୁତ୍ୱ କେତେ ଏବଂ ସାଧାରଣ ମଣିଷଟିଏ, କିପରି ଆଇନ ସହାୟତା ପାଇପାରିବ, ସେ ଉପରେ ନିଜର ଅଭିଭାଷଣ ରଖିଥିଲେ । ଅନ୍ୟତମ ଅତିଥି ଯୁଗଳ କିଶୋର ସାହୁ କହିଥିଲେ ଯେ' ପ୍ରତ୍ୟେକ ମଣିଷ ଜୀବନରେ କିଛିନା କିଛି ସମୟ ସମାଜ ସେବାରେ ବିନିଯୋଗ କରିବା ଅତ୍ୟନ୍ତ ଜରୁରୀ ଯାହା ମଣିଷକୁ ଆତ୍ମତୃପ୍ତି ଦେବା ସହ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରିବ । ଏହି ଅବସରରେ, ୭୦ ବର୍ଷରେ ପଦାର୍ପଣ କରିଥିବା ତପନ ଘୋଷ ଓ ରମାକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରଭାକର ସିଂ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଦର୍ଶକଙ୍କୁ ସୂଚନା ଦେଇଥିଲେ । ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୁବାଷ ସାହୁ, ଧନଞ୍ଜୟ ପାତ୍ର, ସୁବୋଧ ଦାସ, ପ୍ରଦୀପ ପରିଡ଼ା, ରବୀନ୍ଦ୍ର ନାଥ ଦାଶ, ପ୍ରଭାତ କୁମାର ସୁବୁଦ୍ଧିଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତିବିଶେଷ ନିଜ ନିଜର ଅଭିଭାଷଣ ରଖିବା ସହ ସଭାକାର୍ଯ୍ୟରେ ସହଯୋଗ କରି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ ।

## ସୁନା ସଫା ନାଁରେ ଲୁଟିନେଲେ ଦୁର୍ବୃତ୍ତ

ଖୋର୍ଦ୍ଧା,(ସବ୍ୟୁ): ଆଦର୍ଶଥାନା ଅନ୍ତର୍ଗତ ଶାଗୁଆ ବଗିଚାରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ପରିଚୟ ଦେଇ ଦୁଇଜଣ ଦୁର୍ବୃର୍ତ୍ତ ଆସି ସୁନା ଅଳଙ୍କାର ସଫେଇ ନାଁ ରେ ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି । ଶୁକ୍ରବାର ପୂର୍ବାହ୍ନରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ର ପରିଚୟ ଦେଇ ଦୁଇଜଣ ଦୁର୍ବୃର୍ତ୍ତ ଇଭାରାଣୀ ମାଇତିଙ୍କ ଘରକୁ ଆସିଥିଲେ । ତାଙ୍କ ନିକଟରେ ବିଶ୍ୱାସ ଜନ୍ମାଇ ସୁନା ଅଳଙ୍କାର ସଫା କରିବାକୁ ପ୍ରବର୍ତାଇଥିଲେ । ଶେଷରେ ସେ ହାତରେ ପିନ୍ଧିଥିବା ଦୁଇଟି ସୁନା ଶଙ୍ଖା ସଫା କରିବାକୁ ଦେଇଥିଲେ । ଦୁର୍ବୃର୍ତମାନେ ଉଚ୍ଚ ଶଙ୍ଖା ସ୍ଥାନରେ ଦୁଇଟି ପ୍ଲାଷ୍ଟିକ ଶଙ୍ଖାକୁ ଏକ ଜରିରେ ପ୍ୟାକିଂ କରି ତାଙ୍କୁ ଧରାଇଲେ । ୨ଘଂଟା ପରେ ଖୋଲିବେ ପୁରା ସଫା ହୋଇଥିବ କହି ସେଠାରୁ ପଳାଇଥିଲେ । ୨ଘଂଟା ପରେ ଖୋଲିବାରେ ସୁନା ଶଙ୍ଖା ସ୍ଥାନରେ ଦୁଇଟି ପ୍ଲାଷ୍ଟିକ ଶଙ୍ଖା ଦେଖି ସେ ଲୁଟ ର ଶିକାର ହୋଇଥିବା ଜାଣିଥିଲେ ।

## କଟକରେ ଖୋଲିଲା ଜାନୁ ରାମ ଦୁର୍ଗାପ୍ରସାଦ ଲେଡିସ୍ ଏରା

# ଏକ୍ସକ୍ଲୁସିଭ୍ କଲେକ୍ସନ୍ ପାଇବେ ଗ୍ରାହକ, ସମସ୍ତ ଷ୍ଟୋକ୍ ଉପରେ ଫ୍ଲାଟ ୪୦ଶତକଡା ରିହାତି

ବାରିପଦା, (ସବ୍ୟୁ) : ଆନନ୍ଦ ଓ ଉତ୍ସାହର ପର୍ବ ଦୁର୍ଗା ପୂଜାକୁ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛି ଓଡିଶା । ଏହି ଅବସରରେ କଟକ ସ୍ଥିତ ଦିପ୍ତି କମ୍ପ୍ଲେକ୍ସ ବକ୍ସି ବଜାରରେ ଜାନୁ ରାମ ଦୁର୍ଗାପ୍ରସାଦ (ଜେ.ଡି.ପି) ଲେଡିସ୍ ଏରା ନାମକ ଏକ ନୂତନ ସୋରୁମ୍ ଖୋଲିଛି । ଏହି ନୂତନ ସୋରୁମ୍‌କୁ ଉଦ୍ଘାଟନ କରିଥିଲେ ଓଡିଆ ଚଳଚ୍ଚିତ୍ର ଜଗତର ଚୁଲ୍‌ବୁଲି ନାୟିକା ଶିବାନୀ ସଙ୍ଗୀତା । ଖାଲି ସେତିକି ନୁହେଁ ସେହପରି ସେପ୍ଟେମ୍ବର ୪ତାରିଖ ବାରିପଦାରେ ମଧ ଏକ ଷ୍ଟୋର ଖୋଲାଯାଇଛି । ଫଳରେ ବ୍ରାଣ୍ଡର ଏକ୍ସକ୍ଲୁସିଭ୍ କଲେକ୍ସନ ଲୋକଙ୍କ ପାଖରେ ପହଞ୍ଚିବ । ପାର୍ବଣ ଭଳି ସ୍ୱତନ୍ତ୍ର ମୁହୂର୍ତ୍ତ ଗୁଡିକର ଆନନ୍ଦକୁ ବଢାଇବ ଜାନୁ ରାମ ଦୁର୍ଗାପ୍ରସାଦ । ଲେଡିସ୍ ମାନଙ୍କ ପାଇଁ ଜେଡିପି ଲେଡିସ୍ ଏରା ଆଣିଛି ଆମେଗା କଲେକ୍ସନ୍ । ଦୁର୍ଗାପୂଜା ସେଲିବ୍ରେସନ୍‌ରେ ଏ କଲେକ୍ସନ ଉପଯୁକ୍ତ ବିକଳ୍ପ ହେବ । ଏହି ପୂଜା ଋତୁ ସେଲିବ୍ରେସନ



ପାଇଁ ଜେଡିପି ଆଣିଛି ସ୍ୱତନ୍ତ୍ର ଅଫର । ଗ୍ରାହକ ମାନେ ଏହି ଦୁର୍ଗାପୂଜାରେ ସମସ୍ତ ଷ୍ଟୋକ୍ ଉପରେ ୪୦ଶତକଡା ରିହାତି ପାଇବେ । ଏଥିସହିତ ଆକର୍ଷଣୀୟ ମୂଲ୍ୟରେ ନିଜ ମନପସନ୍ଦର ଡ୍ରେସ୍ କିଣିବାର ସୁଯୋଗ ପାଇବେ ଗ୍ରାହକ । ପ୍ରତ୍ୟେକ ସେଲିବ୍ରେସନ୍‌କୁ ସ୍ୱତନ୍ତ୍ର କରିବାରେ କିପରି ଷ୍ଟାଇଲିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ତାହାକୁ ପ୍ରତି ସୁନ୍ଦର ଭାବେ ଦର୍ଶାଯାଇଛି । କଟକ ଏବଂ ବାରିପଦାରେ ନୂତନ ଷ୍ଟୋର, ଧାର୍ଯ୍ୟ ଏବଂ ଆମେଗା କଲେକ୍ସନ ଓ ଆକର୍ଷୀୟ ପୂଜା ଅଫର ସହିତ ଏହି ଦୁର୍ଗାପୂଜା ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ହେବ ବୋଲି ଅମିତ ଅଗ୍ରଓ୍ୱାଲ ପ୍ରକାଶ କରିଛନ୍ତି । ଏଥିସହିତ ସାଲୁଆର୍ ସୁଟ୍, ଲେହେଙ୍ଗା, କୁର୍ତ୍ତି, ନାଇଟି, ନାଇଟ୍ ସୁଟ୍, ବେଡ୍ ସିଟ୍ ଆଦିର ଏକ୍ସକ୍ଲୁସିଭ୍ କଲେକ୍ସନ୍ ଗ୍ରାହମ ମାନେ ପାଇପାରିବେ ବୋଲି ସୌରଭ ମୋଦି, ବିକାଶ ସୁନ୍ଦରକାର୍ ଓ ପଓ୍ୱନ୍ ସୁନ୍ଦରକାର୍ ପ୍ରମୁଖ ପ୍ରକାଶ କରିଛନ୍ତି । ଏହି ଉଦ୍ଘାଟନ ଉତ୍ସବରେ ବହୁ ଗ୍ରାହକଙ୍କ ଭିଡ ଜମିଥିଲା ।

## ହୀରକ ତ୍ରିଭୁଜ ବୌଦ୍ଧକ୍ଷେତ୍ର ପରିଦର୍ଶନ କଲେ ପର୍ଯ୍ୟଟନ ସଚିବ
# ବୌଦ୍ଧ ପର୍ଯ୍ୟଟନର ବିକାଶ ପାଇଁ ପ୍ରସ୍ତୁତ ହେବ ନୂଆ ଯୋଜନା

ବାଲିଚନ୍ଦ୍ରପୁର, (ସବ୍ୟୁ) : ରତ୍ନଗିରି-ଲଳିତଗିରି-ଉଦୟଗିରି-ଲାଙ୍ଗୁଡ଼ିର ମନୋରମ ବୌଦ୍ଧସଂସ୍କୃତି ଓ ଐତିହ୍ୟ ରାଜ୍ୟ ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବରେ ସ୍ଥାନିତ । ଏହାର ଅଧିକ ପାରିପାର୍ଶ୍ୱିକ ବିକାଶ ଏବଂ ଉନ୍ନତି କରାଗଲେ- ଦେଶ ବିଦେଶର ଅନେକ ବୌଦ୍ଧ ପର୍ଯ୍ୟଟକ ରାଜ୍ୟର ଏହି ସୁନ୍ଦର ପର୍ଯ୍ୟଟନସ୍ଥଳୀକୁ ଆସିପାରିବେ ବୋଲି କହିଛନ୍ତି ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ । ହୀରକ ତ୍ରିଭୁଜ ବୌଦ୍ଧ ସର୍କିଟ ଭାବରେ ପରିଚିତ ଏହି ପ୍ରସିଦ୍ଧ ବୌଦ୍ଧକ୍ଷେତ୍ରଗୁଡ଼ିକ ପରିଦର୍ଶନ କରିଛନ୍ତି ପର୍ଯ୍ୟଟନ ବିଭାଗ, ଏ.ଏସ୍.ଆଇର ବରିଷ୍ଠ ଅଧିକାରୀମାନେ । ଅଢ଼େଇହଜାର ବର୍ଷ ତଳର ଏହି ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି, ବୌଦ୍ଧମହାବିହାର, ପୁରାତନ ବୌଦ୍ଧ ମହାସ୍ତୁପ, ପ୍ରସ୍ତରକଟା କୂପ, ଚୈତ୍ୟଗୃହସ୍ତୁପ ପରିମଣ୍ଡଳ, ମହାକାଳ ମନ୍ଦିର, ବୌଦ୍ଧ ସଂଗ୍ରାହଳୟରେ ଥିବା ମନୋରମ ବୌଦ୍ଧକୀର୍ତ୍ତିରାଜି ସେମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା ।



ବୌଦ୍ଧପୀଠଗୁଡ଼ିକର ଆନୁଷଙ୍ଗିକ ବିକାଶ, ସଂଯୋଗ କରୁଥିବା ସଡ଼କପଥ, ପୀଠର ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକମାନଙ୍କ ପାଇଁ ରହଣୀ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା ସମେତ ଏଗୁଡ଼ିକୁ କିଭଳି ବହିରାଗତ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ ସେଥିପାଇଁ ଏକ ପ୍ରାରମ୍ଭିକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ ବୋଲି ସେ ଆଲୋଚନାବେଳେ କହିଥିଲେ । ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ଼ୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ. ପୁରୀ ସର୍କଲର ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଡ. ଦିବିଶଦ ବ୍ରଜସୁନ୍ଦର ଗଡ଼ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବୌଦ୍ଧପୀଠଗୁଡ଼ିକର କ୍ଷେତ୍ର ପର୍ଯ୍ୟବେକ୍ଷଣ କରିଥିଲେ ।

ଡ. ଗଡ଼ନାୟକ କହିଥିଲେ ଯେ, ଉଦୟଗିରିଠାରେ ବାକିଥିବା କିଛି ସଂରକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ । ଉଭୟ କେନ୍ଦ୍ରସରକାରଙ୍କ ଏ.ଏସ୍.ଆଇ. ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ସହଭାଗିତାରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ କହିଥିଲେ ଯେ, ହୀରକ ତ୍ରିଭୁଜ ବୌଦ୍ଧସର୍କିଟ ଆମ ରାଜ୍ୟର ଏକ ଗୌରବମୟ ପର୍ଯ୍ୟଟନସ୍ଥଳୀ । ଏଠାକୁ କିଭଳି ଥାଇଲାଣ୍ଡ, ଶ୍ରୀଲଙ୍କା, ଇଣ୍ଡୋନେସିଆ, ଜାପାନ ଭଳି ବିଦେଶ ରାଷ୍ଟ୍ରର ପର୍ଯ୍ୟଟକ, ଗବେଷକମାନେ ଆସିପାରିବେ ଏ ଦିଗରେ ବିଭାଗ କାର୍ଯ୍ୟାନ୍ୱୟନ ଗ୍ରହଣ କରୁଛି । ଉଦୟଗିରିର ମାଧବପୁର ଓ ସିଂହପ୍ରସ୍ଥ ମହାବିହାର, ପ୍ରସ୍ତରକଟା ପୁରାତନ ବାର୍ମି, ମହାସ୍ତୁପ ଇତ୍ୟାଦି ପରିଦର୍ଶନ କରିବାପରେ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀଙ୍କୁ ଉଦୟଗିରି ପର୍ଯ୍ୟଟନ ଭବନଠାରେ ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ପୀଠର ବିକାଶ ପାଇଁ କେତେକ ପ୍ରସ୍ତାବ ଦିଆଯାଇଥିଲା ।

ବୁଦ୍ଧ ମହୋତ୍ସବ ସମିତିର ଅଧକ୍ଷା ଡ. ଅରୁନ୍ଧତୀ ଦେବୀ, ଆବାହକ ସାମ୍ବାଦିକ ମହେଶ୍ୱର ବଳ, ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଉଦୟଗିରିଠାରେ ବୌଦ୍ଧ ସଂଗ୍ରହାଳୟ ସ୍ଥାପନ, ବିଶ୍ୱ ଐତିହ୍ୟ କୀର୍ତ୍ତିରାଜି ଭାବେ ଏହାକୁ ସ୍ଥାନିତ କରିବାପାଇଁ ପର୍ଯ୍ୟଟନ ସଚିବ ଓ ଏ.ଏସ୍.ଆଇ. ଅଧୀକ୍ଷକଙ୍କ ସହିତ ଆଲୋଚନା କରିଥିଲେ । ପ୍ରତିନିଧି ମଣ୍ଡଳ ଏହାପରେ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଓ ଲାଙ୍ଗୁଡ଼ିସ୍ଥିତ ପୁଷ୍ପଗିରି ବୌଦ୍ଧବିହାର ପରିଦର୍ଶନ କରିଥିଲେ ।

# ପିଏମ୍ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ପ୍ରଦାନ

ଭଞ୍ଜନଗର, (ସବ୍ୟୁ) : ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଭଞ୍ଜନଗରଠାରେ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ବ୍ଲକ ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି,ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାନସ କୁମାର ରଣା, ସହକାରୀ କୃଷି ଯନ୍ତ୍ରୀ ମଦନ ଗୋପାଳ ଜେନା, ସହକାରୀ କୃଷି ଅଧିକାରୀ ସୁମୀ ସାହୁ, ଦେବୀ ପ୍ରସାଦ ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ୧୮ତମ କିସ୍ତି ମହାରାଷ୍ଟ୍ରର ୱାସିମରୁ ଶୁଭାରମ୍ଭ କରିଥିଲେ ।

ପିଏମ୍ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ଅଧୀନରେ ୯ କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରିଥିବାବେଳେ ଏହାର ସିଧା ପ୍ରସାରଣ କରାଯାଇଥିଲା । ଏହାପରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ଗୌଡ଼ କୃଷି ଓ କୃଷକର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ଦ୍ୱାରା ତୃଣମୂଳସ୍ତର ଚାଷୀ ଉପକୃତ ହୋଇ ପାରୁଛନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ରହିଥିବା ବେଳେ ବ୍ଲକ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ କିଷାନ ଯୋଜନା
# ମୟୂରଭଞ୍ଜରେ ୨,୨୩,୭୯୧ ଜଣ ଚାଷୀ ଲାଭାନ୍ୱିତ



ବାରିପଦା, (ସବ୍ୟୁ) : କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପିଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା । ଏହି ଯୋଜନାରେ ଚାଷୀଙ୍କୁ ସ୍ୱଳ୍ପ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନିଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ । ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମହାରାଷ୍ଟ୍ରର ୱାସିମ ସହର ଠାରେ ଆୟୋଜିତ ପିଏମ କିଷାନ ଉତ୍ସବ ସମାରୋହ ଠାରେ ଦେଶର ୯କୋଟି ୪୦ଲକ୍ଷ ଚାଷୀଙ୍କୁ ୨୦ହଜାର କୋଟି ଟଙ୍କା ହସ୍ତାନ୍ତର କରିଥିଲେ । ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଜିଲ୍ଲା ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମଟି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ହୋଇଥିବା ବେଳେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଲୋକସଭା ସାଂସଦ ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା ଏବଂ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ । ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ମାନେ ୱାସିମ ଠାରୁ ଆଭାସୀ ମାଧ୍ୟମରେ ସିଧାପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣରେ ମନ୍ତ୍ରମୁଗ୍ଧ ହୋଇଥିଲେ ।

ଏଥିସହିତ ଉପସ୍ଥିତ ସମସ୍ତଙ୍କୁ ଅତିଥି ମାନେ ଜିଲ୍ଲାରେ ଚାଷ ବିଷୟରେ ଉତ୍ତମ ପଦ୍ଧତି ଏବଂ ପ୍ରଣାଳୀ ଅବଲମ୍ବନ ପାଇଁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୨,୨୩,୭୯୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ପ୍ରାପ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କୃଷି ଉପନିର୍ଦ୍ଦେଶିକା ମଧୁସ୍ମିତା ଜେନା ସଭା କାର୍ଯ୍ୟପରିଚାଳନା କରିଥିଲେ ।

# ଯୁବ ରେଡ଼କ୍ରସ କାଉନସେଲରଙ୍କ ପ୍ରଶିକ୍ଷଣ ଶିବିର

ବାରିପଦା, (ସବ୍ୟୁ) : ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ତ୍ରି-ଦିବସୀୟ ଅଣ ତାଲିମ୍ ପ୍ରାପ୍ତ ୟୁଥ ରେଡ଼କ୍ରସ କାଉନ୍ସେଲର ମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡକ୍ଟର ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ବରିଷ୍ଠ ରାଜ୍ୟପ୍ରଶାସନିକ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ରେଡ଼କ୍ରସର ପତାକା ଉତ୍ତୋଳନ କରିବା ସହିତ ସେବା ମୂଳକ ମନୋଭାବ ରଖିବା ପାଇଁ ପ୍ରଶିକ୍ଷାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ବାଲେଶ୍ୱର ଜିଲ୍ଲା ୟୁଥ ରେଡ କ୍ରସ ସଂଯୋଜକ ସୁଧୀର ମୁଦୁଲି, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି ଯୋଗଦେଇ ରେଡ କ୍ରସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୬୦ଟି ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ମାନେ ପ୍ରଶିକ୍ଷାର୍ଥୀ ମାନେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ରେଡ କ୍ରସର ଜନକ ହେନେରୀ ଡୁନାଣ୍ଟଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରାଯାଇଥିଲା । ଏଥିରେ ମୟୂରଭଞ୍ଜ ଜିଲ୍ଲା ୟୁଥ ରେଡ କ୍ରସ୍ କନଭେନର ସମ୍ପାଦକ ରାଇମଣୀ ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲାବେଳେ ଜିଲ୍ଲା ୟୁଥ ରେଡ କ୍ରସ ସଂଯୋଜକ ଡକ୍ଟର ଦିଲ୍ଲୀପ କୁମାର ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏଥିରେ ପ୍ରଶିକ୍ଷକ ଭାବେ ରାଜ୍ୟ ୟୁଥ ରେଡ କ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜଗବନ୍ଧୁ ମହାନ୍ତି, ଅଧାପକ ଚନ୍ଦ୍ର ମୋହନ ପରିଡା, ଆଇନଜୀବୀ ଶର୍ମିଷ୍ଠା ପଣ୍ଡା, ଆଇସିଟିସି କାଉନସେଲର ସନ୍ୟାସୀ ଜେନା, ଅଧାପକ ରାଜେଶ କୁମାର ଦାସ ଓ ଡକ୍ଟର ଅନ୍ନପୂର୍ଣ୍ଣା ଧଳ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶେଷରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପକ ହରପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ କାଉନସେଲର ଆଲେକ୍ସ ହେମ୍ରମ, ସୁପ୍ରିମ ମଣ୍ଡଳ, ପ୍ରିୟଙ୍କା ମହାନ୍ତି ଓ ଦେବସ୍ମିତା ପାଉଲଙ୍କ ସହିତ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ ।

# ମଜୁରିଆଙ୍କ ଆତ୍ମହତ୍ୟା

ବୁଗୁଡ଼ା, (ସବ୍ୟୁ) : ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ବୁଦ୍ଧିଆ ଭୋଳ(୫୩) ନାମକ ଜନୈକ ଦିନ ମଜୁରିଆ ଆତ୍ମହତ୍ୟା କରିଥିବା ଜଣାଯାଇଛ । ପ୍ରକାଶ ଯେ, ବୁଦ୍ଧିଆ ଦିନ ମଜୁରିଆ ଭାବେ ଭୁବନେଶ୍ୱରରେ ଏକ ଠିକାସଂସ୍ଥାରେ କାମ କରୁଥିଲେ । ସେଠାରୁ ନିଜ ପରିବାର ଲୋକଙ୍କ ପାଖକୁ ଟଙ୍କା ପଠାଇବା ପାଇଁ ଠିକାଦାରଙ୍କୁ ମଜୁରି ଟଙ୍କା ବାରମ୍ବାର ମାଗିଥିଲେ ହେଁ ସେ ନଦେବାରୁ ମନ ବିଗ୍ରାପରେ ବୁଦ୍ଧିଆ ଗାଁକୁ ଫେରିଥିଲେ । ତେବେ ଘୋର ଆର୍ଥିକ ଅନାଟନର ଦୁଃଖ ସହି ନପାରି ସେ ଗତକାଲି ବିଷପାନ କରିଥିଲେ । ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଶନିବାର ଦିନ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୧୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

## ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଦୁର୍ନୀତିର ଗନ୍ତାଘର
# ୧ଲକ୍ଷ ଟଙ୍କାର କାମ ପାଇଁ ୧୯ ହଜାର ପିସି

ପାରଳାଖେମୁଣ୍ଡି, (ସବ୍ୟୁ): ୭ ଗୋଟି ବ୍ଲକ, ଗୋଟିଏ ମ୍ୟୁନିସିପାଲଟି ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଗଜପତି ଜିଲ୍ଲା ଗଠନ ହୋଇଥିବା ବେଳେ ଏଥିରେ ୫ଟି ଆଦିବାସୀ ଅଧୁଷିତ ବ୍ଲକ ରହିଛି । ଗଜପତି ଜିଲ୍ଲାର ଆଦିବାସୀ ଅଧୁଷିତ ଗ୍ରାମାଞ୍ଚଳ ଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଗାଇ ଦେଉଥିବା ବେଳେ ଏହି ଅନୁଦାନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅନିୟମିତତା ଚାଲିଥିବା ଅଭିଯୋଗ ହେଉଥିବା ବେଳେ ଏହି କାର୍ଯ୍ୟରେ ଶତକଡା ୨୦ ରୁ ୩୦ ଭାଗ ପର୍ଯ୍ୟନ୍ତ ପିସି ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଗଜପତି ଜିଲ୍ଲାର ଆଦିବାସୀ ଅଧୁଷିତ ଗୁମ୍ମା ବ୍ଲକରେ ଏକ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ଏକ ରାସ୍ତା କାମରେ ୧୯ ହଜାର ଟଙ୍କା ଆଦାୟ କରାଯାଇଥିବା ନେଇ ଅଭିଯୋଗ ହୋଇଛି ।

ଓଡ଼ିଶାକୁ ଦୁର୍ନୀତି ମୁକ୍ତ କରିବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଥିଲେ ମଧ୍ୟ ଆନ୍ଧ୍ର ପ୍ରଦେଶର ସୀମାନ୍ତରେ ଥିବା ଗଜପତି ଜିଲ୍ଲାର ଆଦିବାସୀ ଅଧୁଷିତ ଅଞ୍ଚଳ ସହ ଅନ୍ୟାନ୍ୟ ଅଞ୍ଚଳରେ ଦୁର୍ନୀତିର ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି ସୁଚନା ଯୋଗ୍ୟ ଏହିକି ଯେ ଗୁମ୍ମା ବ୍ଲକର ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କୁମ୍ବିବା ଗ୍ରାମଠାରେ ରକ୍ଷଣାବେକ୍ଷଣ ଓ ସିସି ରୋଡ ବାବିଲା ସାହି ପାଇଁ ଏକ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କର୍ଯ୍ୟ ଆଦେଶ ଅନୁଯାୟୀ କୁମ୍ବିବା ଠାରେ ସିସି ରୋଡ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । କାର୍ଯ୍ୟ ଶେଷ ହେବା ପରେ ପ୍ରାପ୍ୟ ଏକ ଲକ୍ଷ ଟଙ୍କା ବଦଳରେ ୮୧ ହଜାର ରାସ୍ତା କାର୍ଯ୍ୟ କରୁଥିବା ମହିଳା ବବିଲା ମଣ୍ଡଳଙ୍କୁ ପ୍ରଦାନ କରିଥଲେ । ଗୁମ୍ମା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଉର୍ବଶୀ ପଣୀଙ୍କୁ ଉକ୍ତ ମହିଳା ବବିଲା ଏକ ଲକ୍ଷ ଟଙ୍କା ମୁଁ ପାଇବା ବଦଳରେ ମୋତେ ୮୧ ହଜାର ଟଙ୍କା କାହିଁକି ଦେଉଛନ୍ତି ବୋଲି ପଚାରିବାରୁ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଜଣଙ୍କ କହିଥିଲେ ପିସି ଏବଂ ଅନ୍ୟାନ୍ୟ ବାବଦରେ ୧୯ ହଜାର ଟଙ୍କା କଟା ଯାଇଛି ବଳକା ୮୧ ହଜାର ଟଙ୍କା କାଟିବାକୁ ବାଧ କରିଥଲେ ।

ଉକ୍ତ ପେଟି ଠିକାଦାର ବବିଲା ମଣ୍ଡଳଙ୍କ କହିବା ଅନୁଯାୟୀ ଏହି ସି ସି ରଡର ନିର୍ମାଣ କାର୍ଯ୍ୟରେ ୯୦ ହଜାରରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାଲି, ସିମେଣ୍ଟ, ମେଟେଲ ଓ ଶ୍ରମିକ ମାନଙ୍କ ମଜୁରୀ ଦରବୃଦ୍ଧି ଯୋଗୁଁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥଲେ ମୁ ଧାର କରଜ ସୁଜିବାକୁ ଭୋଲ ହୋଇଥାନ୍ତା । ଉପରୋକ୍ତ ସମସ୍ତ ସମସ୍ୟା ନେଇ ମୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ସେ ମୋତେ ୮୧ ହଜାର ଟଙ୍କା ପ୍ରଦାନ କରିଥଲେ ବୋଲି ଗଣ ମାଧ୍ୟମର ପ୍ରତିନିଧି ମାନଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତି ବବିଲା ମଣ୍ଡଳ । ଏହି ଅଭିଯୋଗ କୁ ନେଇ ଆମ ଗଜପତି ଜିଲ୍ଲା ପ୍ରତିନିଧି ଗରୁଡ଼ ଧ୍ୱଜ ଚୌଧୁରୀ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଉର୍ବଶୀ ପାଣିଙ୍କୁ ବହୁ ଯୋଗା ଯୋଗ କରିବା ପରେ ମଧ୍ୟ ତାଙ୍କ ସହ ଯୋଗା ଯୋଗ ହୋଇ ପାରିନଥିଲା ।

# ସାବିତ୍ରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆଲୋଚନାଚକ୍ର




ଭଞ୍ଜନଗର, (ସବ୍ୟୁ) : ସାବିତ୍ରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼ . ସୁଶାନ୍ତ କୁମାର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅମୂଲ୍ୟ କୁମାର ଶତପଥୀ ସଭା ପରିଚାଳନା କରିଥିଲେ । ଦକ୍ଷିଣାଞ୍ଚଳର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଲୋକ ସାହିତ୍ୟ ବିଷୟରେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ଦାସ ଲୋକ ସାହିତ୍ୟ ବିଷୟରେ ତଥ୍ୟ ପ୍ରଦାନ କରିବା ସହିତ ଆଧୁନିକ ଓଡ଼ିଆ କବିତା ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅଧକ୍ଷ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅଭିଭାଷଣ ଉପସ୍ଥାପନା କରିଥିଲେ ।

ଆୟୋଜିତ ହୋଇଥିବା ଆଲୋଚନା ଚକ୍ରର ବିଷୟ ଲୋକ ହୃଦୟର ଗୀତ – ଲୋକ ଗୀତ ଏକ ବିହଙ୍ଗମ ଦୃଷ୍ଟି କୁ ଉପସ୍ଥାପନା କରିଥିଲେ ତୃତୀୟ ବର୍ଷର ଛାତ୍ରୀ ସ୍ୱର୍ଣ୍ଣଲତା ସ୍ୱାଇଁ । ଏହାକୁ ମାର୍ଗଦର୍ଶନ କରିଥିଲେ ଶ୍ରୀମତୀ ସ୍ୱର୍ଣ୍ଣମୟୀ ମହାରଣା ଏହି ସଭାର ଆୟୋଜିକା ସୁଶ୍ରୀ କମଳିନୀ ବେହେରା ଏବଂ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ପରିଶେଷରେ ସୁଶ୍ରୀ ଲୋପାମୁଦ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିପୁଣ ଓଡ଼ିଶା ମିଶନ-୨୦୨୪ର
## ଜିଲ୍ଲାସ୍ତରୀୟ ଶୁଭ ଉନ୍ମୋଚନ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ମିଶନ -୨୦୨୪ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭ ଉନ୍ମୋଚନ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଶାସକ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାଷିନୀ ଜେନା, ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଉପାଧକ୍ଷା ଅନସୂୟା ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦର ସମସ୍ତ ଉପସଭାପତି ସଦସ୍ୟ/ସଦସ୍ୟା ପଞ୍ଚାୟତ ସମିତିର ଅଧକ୍ଷ/ଅଧକ୍ଷା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନିପୁଣ ଓଡ଼ିଶା ମିଶନ -୨୦୨୪ର ଲୋଗୋ,ଲିଫ୍‌ଲେଟ ଓ ସଙ୍ଗୀତର ଶୁଭ ଉନ୍ମୋଚନ କରାଯାଇଥିଲା ।

ପ୍ରାଥମିକ ଶିକ୍ଷାକୁ ଅଗ୍ରାଧିକାର ଦେଇ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ସୃଜନାତ୍ମକ ଶିକ୍ଷଣ ଶୈଳୀ ଦ୍ୱାରା ଶିକ୍ଷାଦାନ କରିବାକୁ ଅଗ୍ରାଧିକାର ଦିଆଯିବା ସହିତ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତୀକରଣ, ଶିକ୍ଷକ ନିଯୁକ୍ତି ତଥା ନୂତନ କୌଶଳରେ ଶିକ୍ଷାଦାନ ଆଦିକୁ ଗୁରୁତ୍ୱ ଦିଆଯିବ ବୋଲି ମତପ୍ରକାଶ ପାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମକୁ ଗତ ସେପ୍ଟେମ୍ବର ମାସ ୫ତାରିଖ ଗୁରୁଦିବସ ଦିନ ରାଜ୍ୟସ୍ତରରେ ଶୁଭାରମ୍ଭ କରିଥିଲେ । ପ୍ରାଥମିକସ୍ତରରେ ଛାତ୍ରୀଙ୍କ ମୂଳଦୁଆ ସୁଦୃଢ ହେଲେ ସେମାନଙ୍କ ମଧ୍ୟରେ ସାକ୍ଷରତା , ଭାଷା ଓ ଗଣିତ କ୍ଷେତ୍ରରେ ଆଶାତୀତ ସଫଳତା ମିଳିପାରିବ । ଏହି କାର୍ଯ୍ୟକ୍ରମ ବ୍ଲକ, ସ୍କୁଲ ଓ କ୍ଲଷ୍ଟରସ୍ତରରେ ଉନ୍ମୋଚନ କରାଯିବ ।

# ବାଇକ୍ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ଫିରିଙ୍ଗିଆ,(ସବ୍ୟୁ) :ଶୁକ୍ରବାର ସନ୍ଧ୍ୟାରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ – ବାଲିଗୁଡ଼ା ମୁଖ୍ୟ ରାସ୍ତା ମାଶ୍ରିପଡ଼ା ଛକ ଠାରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧଙ୍କ ନାମ ଫିରିଙ୍ଗିଆ ବ୍ଲକ ରତଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଶ୍ରିପଡ଼ା ଗାଁ ପଦ୍ମନାଭ ମଲ୍ଲିକ ବୋଲି ଜଣାପଡ଼ିଛି।। ସେ ରାସ୍ତାରେ ଚାଲିଚାଲି ଯାଉଥିବା ସମୟରେ ଏକ ବାଇକ୍ ଧକ୍କା ଦେଇଥିଲା ।ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କଲାପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ବାମ୍ବୁଲାନ୍ସ ଯୋଗେ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହେଇଥିବା ପରିବାର ଲୋକ ସୂଚନା ଦେଇଛନ୍ତି ।

## ୧୭ବର୍ଷରୁ କମ ବାଳିକା ବିଭାଗ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା
# ମୟୂରଭଞ୍ଜ ଜିଲ୍ଲା ଚାମ୍ପିଅନ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ୧୪ ଓ ୧୭ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ଭାବେ ଗୋରୁମହିଷାଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ରାମ ନାରାୟଣ ପାଣ୍ଡେ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ସାକୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ପ୍ରୀତି ନାଏକଙ୍କ ନେତୃତ୍ୱରେ ୧୭ବର୍ଷରୁ କମ ବାଳିକା ବିଭାଗରେ ଶ୍ୱେତାଙ୍ଗୀ ହୋତା, ମାନସୀ ହୋତା, ମମତା ମୁର୍ମୁ, ପ୍ରଜ୍ଞାପରିମିତା ସିଂ ଓ ଲକ୍ଷ୍ମିପ୍ରିୟା ଗିରି ଯୋଗ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୧୭ବର୍ଷରୁ କମ ବାଳିକା ଦଳ ପ୍ରଥମ ମ୍ୟାଚରେ ବରଗଡ଼, ଦ୍ୱିତୀୟ ମ୍ୟାଚରେ ନବରଙ୍ଗପୁର, ତୃତୀୟ ମ୍ୟାଚରେ ଅନୁଗୁଳକୁ, ଫାଇନାଲ ମ୍ୟାଚରେ ରାଇଗଡାକୁ ସିଙ୍ଗଲ ରେ ଶ୍ୱେତାଙ୍ଗୀ ହୋତା ୧୫-୧୪ରେ ଓ ଡବ୍ଲସରେ ଶ୍ୱେତାଙ୍ଗୀ ହୋତା ଓ ମାନସୀ ହୋତା ୧୫-୧୨ରେ ପରାସ୍ତ କରି ମୟୂରଭଞ୍ଜ ଚମ୍ପିୟାନ ହୋଇ ଟ୍ରଫି ଗ୍ରହଣ କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଚମ୍ପିୟାନ ଦଳ କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଉପଜିଲ୍ଲାପାଳଙ୍କ ଦାୟିତ୍ୱରେ ଆଖଣ୍ଡଳମଣିଙ୍କ
# ସମସ୍ତ ସ୍ୱର୍ଣ୍ଣାଳଙ୍କାର ଓ ଆସବାବପତ୍ର

ଆରଡି, (ସବ୍ୟୁ): ଭଦ୍ରକର ନୂଆ ଉପଜିଲାପାଳ ଭାବେ ଅବସ୍ଥାପନ କରିଥିବା ସୌରଭ ଚକ୍ରବର୍ତ୍ତୀ ଶୁକ୍ରବାର ସଂଧ୍ୟାରେ ଆରଡିପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପହଁଚି ଦର୍ଶନ କରିବା ସହ ସେବାୟତଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ବେଢ଼ା ପରିକ୍ରମା କରି ମଣିବାବାଙ୍କ ମନ୍ଦିର ବାବଦରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ପରମ୍ପରା ଅନୁଯାୟୀ ଟ୍ରଷ୍ଟି ଭାବେ ବଦଳି ହୋଇଥିବା ଉପଜିଲାପାଳ ମନୋଜ ପାତ୍ର ନୂଆ ଉପଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀଙ୍କୁ ମନ୍ଦିରର ଗଛିତ ଥିବା ସ୍ୱର୍ଣ୍ଣାଳଙ୍କାର,ରୁପା,ପିତଳ,ତମ୍ବା,କଂସା ଆଦି ସମେତ ସମସ୍ତ ଆସବାପତ୍ର ଦାୟୀତ୍ୱ ପ୍ରଦାନ କରିଥିଲେ। ଏଥିପାଇଁ ମନ୍ଦିରର ସମସ୍ତ ଟ୍ରଷ୍ଟବୋର୍ଡ ସଭ୍ୟ କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ,କାର୍ଯ୍ୟନିର୍ବାହି ଅଧିକାରୀ ବିଦ୍ୟାଧର ପଲାଇ,ପରିଚାଳକ ସୁଧାକର ବିଶ୍ୱାଳ,ସେବାୟତ ପ୍ରତିନିଧି ସନ୍ତୋଷ ପାଢୀ,ସଭ୍ୟ ସରୋଜ ଦାସ ପ୍ରମୁଖଙ୍କ ଦ୍ୱାରା ମଣିବାବାଙ୍କ ରତ୍ନଭଣ୍ଡାର ଘର ଖୋଲାଯାଇ ସ୍ୱର୍ଣ୍ଣାଳଙ୍କାର ଆଦି ଓଜନ କରାଯାଇଥିଲା। ପରେ ରେକର୍ଡ ସହ ସମାନ ହୋଇଥିବାରୁ ସମସ୍ତ ରେକର୍ଡ ଦସ୍ତାବିଜ ଆଦି ନୂଆ ଉପଜିଲାପାଳ ଶ୍ରୀଚକ୍ରବର୍ତ୍ତୀ ଦାୟୀତ୍ୱଭାର ଗ୍ରହଣ କରିଥିଲେ। ପରେ ମନ୍ଦିର କାର୍ଯ୍ୟାଳୟରେ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ କି ମଣିବାବାଙ୍କ ପୀଠ ରାଜ୍ୟର ବହୁ ପୁରାତନ ଶୈବପୀଠ ଏହିପୀଠର ଭିତିଭୂମୀ ଓ ରକ୍ଷଣାବେକ୍ଷଣା ଉପରେ ଗୁରତ୍ୱ ଦିଆଯିବ। ଏହି ଦାୟୀତ୍ୱଗ୍ରହଣ ସମୟରେ ମନ୍ଦିରର ବହୁ ସେବାୟତଙ୍କ ସହ ଆରଡି ଆରଆଇ ଦେବାଶିଷ ରାୟ,ଫାଣ୍ଡି ଅଧୀକାରୀ ଆରକେ ମହାନ୍ତି ଓ ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# 'ଦି ନ୍ୟୁଏଜ୍ ୟୁରୋ' ସ୍କୁଲକୁ ଯୁକ୍ତ୨ ବିଜ୍ଞାନ ପାଇଁ ସିବିଏସ୍‌ଇ ସ୍ୱୀକୃତି

ଛତ୍ରପୁର,(ସବ୍ୟୁ) :ଗଞ୍ଜାମ ଜିଲ୍ଲା ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ଦିନ୍ୟୁଏଜ୍ ୟୁରୋ' ସ୍କୁଲକୁ ଯୁକ୍ତଦୁଇ ବିଜ୍ଞାନ ପାଇଁ ସିବିଏସ୍‌ଇ ସ୍ୱୀକୃତି ମିଳିଛି । ସହରର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ଉକ୍ତ ସ୍କୁଲ ଏହି ଗୌରବ ହାସଲ କରିଥିବା ସହ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି । ୨୦୨୩ ମସିହାରେ ଏହି ଅନୁଷ୍ଠାନକୁ ୯ମ ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସ୍‌ଇ ବୋର୍ଡ(ଦିଲ୍ଲୀ) ପକ୍ଷରୁ ସ୍ୱୀକୃତି ମିଳିଥିବା ବେଳେ ଆଜି ଯୁକ୍ତଦୁଇ ବିଜ୍ଞାନ ପାଇଁ ସ୍ୱୀକୃତି ମିଳିଛି। ଛତ୍ରପୁର ସହରର ଏକମାତ୍ର ଶିକ୍ଷାନୁଷ୍ଠାନ ଯୁକ୍ତଦୁଇ ବିଜ୍ଞାନ ସିବିଏସ୍‌ଇ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ସ୍ୱୀକୃତି ପାଇଥିବା ନେଇ ଅନୁଷ୍ଠାନ ଏବଂ ଛତ୍ରପୁର ସହର ଓ ଆଖପାଖ ଅଂଚଳ ନିମନ୍ତେ ଗୌରବମୟ ।କାରଣ ସହରରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସ୍‌ଇ କିମ୍ବା ଯୁକ୍ତଦୁଇ ସ୍ୱୀକୃତିପ୍ରାପ୍ତ କୌଣସି ଶିକ୍ଷାନୁଷ୍ଠାନ ନାହିଁ । ସିବିଏସ୍‌ଇ ଅଧ୍ୟୟନ ଲାଗି ବାହାରକୁ ଯାଉଥିବା ଲାଗି ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ପାଇଁ ସୁବିଧା ହୋଇପାରିବ ।

୨୦୧୮ ମସିହାରୁ 'ଶକ୍ତି-ଏନ୍ ଏଜୁକେସନ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ' ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟସ୍ତରର ଏହି ଶିକ୍ଷାନୁଷ୍ଠାନ ଗୁଣାତ୍ମକ ଏବଂ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଜ୍ଞାନକୌଶଳର ବିକାଶ ସ୍ୱତନ୍ତ୍ର ପରିଚୟ ତିଆରି କରିଛି । ସେହିପରି କରୋନା ମହାମାରୀ ବେଳେ ଅନଲାଇନ୍ ଶିକ୍ଷାଦାନର ଉତ୍ତମ ପରିଚାଳନା ପାଇଁ 'କାଇଟସ୍ ପ୍ରଡକ୍ସନ୍ ସଂସ୍ଥା' ପକ୍ଷରୁ ଅନୁଷ୍ଠାନକୁ 'ଏସିଆନ୍ ଏଜୁକେସନ୍-୨୦୨୦' ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୨୦-୨୧ରେ ଲାଇଫ୍ ସ୍କିଲ୍, ଡିଜିଟାଲ ଏଜୁକେସନ୍ ତଥା ସ୍ମାର୍ଟ କୋଚିଂ, ଲାଇବ୍ରେରି, ସ୍ମାର୍ଟକ୍ଲାସ୍, ମୌଖିକ ଶିକ୍ଷାଶୈଳୀ, କମ୍ୟୁନିକେସନ୍ ସ୍କିଲ୍, ଗ୍ରୁପ୍ ଆଲୋଚନା ଓ ପିକ୍ଚର ଆପ୍ରିସିଏସ୍ନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମକୁ ବେଙ୍ଗାଲୁରୁ 'ଇମେଜ୍ ପ୍ଲାନେଟ୍' ସଂସ୍ଥା ତରଫରୁ ପ୍ରଶଂସା କରାଯାଇଥିଲା । ଏହି ଅନୁଷ୍ଠାନ ଶ୍ରେଷ୍ଠ ଏମର୍ଜିଂ ପ୍ରାଇମେରି ସ୍କୁଲ ଇନ୍ ଛତ୍ରପୁର ନାମରେ ପୁରସ୍କୃତ ହୋଇଛି । ବହୁ ମାନ୍ୟଗଣ୍ୟ ଶିକ୍ଷାବିତ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ବିଦ୍ୟାଳୟର ଶିକ୍ଷାଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଜାତୀୟସ୍ତରୀୟ ଭଲିବଲ ଉତ୍ସବରେ ମୟୂରଭଞ୍ଜ ଦଳ

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ କିଟ ଓ କିସ ପରିସରରେ ଜାତୀୟସ୍ତରୀୟ ଭଲିବଲ ଉତ୍ସବରେ ମୟୂରଭଞ୍ଜର ମା' କିଚକେଶ୍ୱରୀ ଭଲିବଲ ଏକାଡେମୀର ୨୪ଜଣିଆ ଦଳ ଅଂଶ ଗ୍ରହଣ କରିଥିଲେ । ଏହି ଉତ୍ସବରେ ୧୪ ଓ ୧୬ବର୍ଷରୁ କମ ବର୍ଗର ଖେଳାଳି ଅଂଶଗ୍ରହଣ କରିଥିବାବେଳେ ଏହା ଚଳିତ ମାସ ୩ ରୁ ୫ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।



ଏନ୍.ଆଇ.ଏସ କୋଚ୍ ମନୋରଞ୍ଜନ ଜୀଉ ଜିଲ୍ଲାର ବିଭିନ୍ନ ଅଂଚଳକୁ ଯାଇ ଖେଳାଳି ଚୟନ କରିଥିବା ବେଳେ ପୂର୍ବତନ ଜାତୀୟ ଖେଳାଳି ଦୀପକ ବେହେରା ଓ ଅନିଲ କୁମାର ଗିରି ଏବଂ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ତାଙ୍କୁ ସହଯୋଗ କରିଥିଲେ । ଦଳ ସହିତ କୋଚ ଓ ମ୍ୟାନେଜର ଭାବେ ଦେବାଶିଷ ସେଠୀ, ରୋହିତ ମହାନ୍ତି ଓ ଅବିନାଶ କୁମାର ସାମିଲ ଥିଲେ ।

## ଧରାପଡିଲା ଅପହରଣକାରୀ
# ରେଙ୍ଗାଳି ପୋଲିସର ତ୍ୱରିତ ପଦକ୍ଷେପକୁ ସାବାସୀ



ରେଙ୍ଗାଳି, (ସବ୍ୟୁ) : ପାରିବାରିକ କଳହର କରୁଣ ପରିଣତି । ୪ ବର୍ଷ ର ଝିଅକୁ ଅପହରଣ ଓ ଶେଷରେ ଧରା ହେଲେ ଅପହରଣକାରି । ଏମିତି ଏକ ଘଟଣା ରେଙ୍ଗାଳି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

ପୋଲିସ ସୂତ୍ର ରୁ ପ୍ରକାଶ ଯେ ବଡମ୍ବା ଥାନା ଗୋପୀନାଥପୁର ଗ୍ରାମର ପ୍ରେମଲତା ରଣା (୩୦), ସ୍ୱାମୀ ଜିତେନ୍ଦ୍ର ରଣା ଓ ଚାରି ବର୍ଷର ଝିଅକୁ ନେଇ ଢେଙ୍କାନାଳ ଜବାହର ଛକ ଅଞ୍ଚଳରେ ଭଡା ଘରେ ରହିଆସୁଥିଲେ । ତାଙ୍କ ପଡୋଶୀ ଘରେ ଧର୍ମଶାଳା ଥାନା ଅନ୍ତର୍ଗତ ଗଡ଼ମାଧପୁରର ରଞ୍ଜନ ସାହୁ (୩୫) ସପତ୍ନୀକ ରହି ଆସୁଥିଲେ । ଦୁଇ ପରିବାର ମଧ୍ୟରେ ଲାଗିରହିଥିବା କଳହ ଯୋଗୁଁ ସମସ୍ତେ ଅଶାନ୍ତି ଭିତରେ ଥିଲେ । ଗତକାଲି ସମୟ ସୁବିଧା ଦେଖି ପ୍ରେମଲତା ଙ୍କ ଛୋଟ ଝିଅକୁ ଧରି ରଞ୍ଜନ ପଳାଇଆସି ରେଙ୍ଗାଳି ଥାନା ଅନ୍ତର୍ଗତ ଶୁଶୁବା ଓ ଭାଲିଆବେଡା ଅଞ୍ଚଳରେ ବୁଲାବୁଲି କରୁଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଙ୍ଗାଳି ପୋଲିସ ଗତ ରାତିରେ ଚଢ଼ାଉ କରି ଭାଲିଆବେଡା ଗାଁ ର ନିରାକାର ଗୁରୁଙ୍କ ଘରୁ ଅପହରଣକାରୀ ରଞ୍ଜନ ସାହୁକୁ କାବୁ କରିବା ସହ କୁନି ଝିଅକୁ ଉଦ୍ଧାର କରିଥିଲେ । ପରେ ଢେଙ୍କାନାଳ ସଦର ପୋଲିସ ରେଙ୍ଗାଳି ଥାନାରେ ପହଞ୍ଚିବା ପରେ କୁନି ଝିଅ ଓ ଅପହରଣକାରୀକୁ ରେଙ୍ଗାଳି ପୋଲିସ ହସ୍ତାନ୍ତର କରିଥିଲେ । ରେଙ୍ଗାଳି ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ କୁନି ଝିଅକୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାରୁ ରେଙ୍ଗାଳି ପୋଲିସକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି ।

## ଟ୍ରକ ମାଲିକ ଆନ୍ଦୋଳନ ପ୍ରସଙ୍ଗ, ୧୫ଦିନ ମହଲତ ନେଲା ପ୍ରଶାସନ
# ସାମୂହିକ ଭାବେ ବନ୍ଦ ଆନ୍ଦୋଳନ ସ୍ଥଗିତ

ତାଳଚେର, (ସବ୍ୟୁ) : କୋଇଲା ପରିବହନରେ ବର୍ଦ୍ଧିତ ଭଡ଼ା ପାଇବାନେଇ ତାଳଚେର ଅଂଚଳରେ ଚାଲିଥିବା କୋଇଲା ଟ୍ରକ ଚଳାଚଳ ବନ୍ଦ ଆନ୍ଦୋଳନ ଆଜି ନିର୍ଦ୍ଧାରିତ ବୈଠକରେ ଆଲୋଚନା ପରେ ପ୍ରଶାସନ ନିଷ୍ପତ୍ତିକ୍ରମେ ଏହା ଆସନ୍ତା ୧୫ଦିନ ପାଇଁ ୨୧/୧୦/୨୦୨୪ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।

ପ୍ରକାଶ ଥାଉକି, ଟ୍ରକମାଲିକ ଓ ପରିବହନକାରୀଙ୍କ ମଧ୍ୟରେ ଟ୍ରକଭଡ଼ା ବୃଦ୍ଧିକୁ ନେଇ ତୁତୁ ମେମେ ଫଳରେ ଆଜକୁ ୩ଦିନ ହେବ ତାଳଚେର ଟ୍ରକ ମାଲିକସଂଘ ପକ୍ଷରୁ କୋଇଲା ଖଣିରୁ ସମ୍ପୂର୍ଣ୍ଣଭାବେ ଟ୍ରକ ଯୋଗେ କୋଇଲା ପରିବହନ ବନ୍ଦ କରିବାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ । ଆଜି ଉପଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଏକ ବୈଠକରେ ୨୦୨୧ ଧାର୍ଯ୍ୟ କରାଯାଇଥିବା




ନିର୍ଦ୍ଧାରିତ ଭଡ଼ା ଅନୁଯାୟୀ ବର୍ତମାନ ଆଗାମୀ ୧୫ଦିନ ପର୍ଯ୍ୟନ୍ତ ସେହି ଦର ଚାଲୁ ରହିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ପୁନଶ୍ଚ ଉପଜିଲ୍ଲାପାଳ ୨୦ରୁ ୨୫ ତାରିଖ ମଧ୍ୟରେ ତାଳଚେର ଅଂଚଳରୁ କୋଇଲା ପରିବହନ କରୁଥିବା ସମସ୍ତ ଅଧିକାରୀଙ୍କୁ ଡ଼ାକି ଆଉ ଏକ ଉଚ୍ଚସ୍ତରୀୟ ବୈଠକ କରି ବର୍ଦ୍ଧିତ ହୋଇଥିବା ୫୦ଟଙ୍କା ଅଧିକ ଭଡ଼ା ଲାଗୁ ହେବାପରେ ନିଷ୍ପତି ନିଆଯିବ ବୋଲି ଉପଜିଲ୍ଲାପାଳ ସମୀର ଜେନାଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇ ନିଷ୍ପତି ନିଆଯାଇଛି । ଏହି ବୈଠକରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ହୋଇଥିବା ବେଳେ ୨୦୧୫ ମସିହା ଅପୋଷ ବୁଝାମଣାରେ ଲାଗୁ ହୋଇଥିବା ଭଡ଼ା ଧାର୍ଯ୍ୟ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି ।

ଟ୍ରକ ମାଲିକ ସଂଘର ନିଷ୍ପତିକ୍ରମେ ବିଭିନ୍ନ ଦାବିକୁ ନେଇ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନକୁ ଉପଜିଲ୍ଲାପାଳ ଶ୍ରୀ ଜେନାଙ୍କ ନିଷ୍ପତିକୁ ସମ୍ମାନ ଜଣାଇ ସ୍ଥଗିତ ରଖାଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହି ବୈଠକରେ ଟ୍ରକମାଲିକ ସଂଘ ସଭାପତି ଓ କର୍ମକର୍ତା, ଗ୍ରାମଚଂଳ ଟ୍ରକ ମାଲିକକସଂଘ କର୍ମକର୍ତା, ତାଳଚେର ଟ୍ରକ ମାଲିକସଂଘ ଅରବିନ୍ଦ ଭୂତିଆ, ଉପସଭାପତି ଟୁକୁନା ସ୍ୱାଇଁ, ସମ୍ପାଦକ ରତନ ଶତପଥୀ, ପରିହବନକାରୀ ସଂସ୍ଥାର ସଭାପତି ଓ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## କଲଣ୍ଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଜିଲିଣ୍ଡା ଚାମ୍ପିଅନ




ସାଉଥବଲଣ୍ଡା, (ସବ୍ୟୁ) : କେଜେୟାଇଏସ ଦ୍ୱାରା ଖମାର ସ୍ଥିତ କଲଣ୍ଡା ଠାରେ ୨୬ତମ କଲଣ୍ଡା କପ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜିଲିଣ୍ଡା ଓ କଲଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ତାଳଚେରର ଜିଲିଣ୍ଡା ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ଉଦଯାପନୀ ଦିବସ ତଥା ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ସମ୍ମାନୀୟ ଅତିଥି ଭାବେ ପରାଛାଟ ପଂଚାୟତ ସରପଂଚ ବବିତା ଘଟୁଆରୀ ଯୋଗ ଦେଇ ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଚମ୍ପିୟାନ ଦଳକୁ ୨୫ ହଜାର ଓ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ କ୍ରିସ ଓ ମ୍ୟାନ୍ ଅଫ ଦି ସିରିଜ ମୁନାଙ୍କୁ ପୁରସ୍କୃତ କରାଯାଇଥିଲା ।

## ହିନ୍ଦୋଳ ଏନ୍ଏସି : ବର୍ଜ୍ୟବସ୍ତୁ ପରିଚାଳନାରେ ପୁଣି ବିଭ୍ରାଟ
## ଗୋଟିଏ ଦୁଇଟି ବ୍ୟାଟେରୀ ଗାଡ଼ିରେ ଚାଲୁଛି ସେବା

ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ଏନ୍ ଏ ସି ୧୬ ଟି ଯାକ ୱାର୍ଡରେ ଦୀର୍ଘ ଦିନ ହେବ ବର୍ଜ୍ୟବସ୍ତୁ ପରିଚାଳନାରେ ଘୋର ବିଭ୍ରାଟ ଦେଖା ଦେଇଛି । ଏହାକୁ ନେଇ ସାହିର ମହିଳା ମାନେ ଅସନ୍ତୋଷ ବ୍ୟକ୍ତ କରିବାଶୁଣା ଯାଉଛି । ୨୦୧୨ / ୨୦୧୩ ମସିହାରୁ ଏନ୍ ଏ ସି ଗଠନ ହେବା ପର ଠାରୁ ୭/୮ ଟି ନିମ୍ନମାନର ବ୍ୟାଟେରୀ ଚାଳିତ ଅଳିଆ ବୁହା ଗାଡ଼ି କ୍ରୟ କରାଯାଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । କେତେକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କୁ ଉକ୍ତ ଗାଡ଼ି ଚଳାଇବାକୁ ନିୟୋଜିତ କରା ଯାଇଥିଲା । ବହୁ ଦିନ ଧରି ଗାଡ଼ି ଗୋଡ଼ିକ କାର୍ଯ୍ୟାଳୟ ପରିସରରେ ଖୋଲା ଆକାଶ ତଳେ ଖରା ବର୍ଷା ଖାଇ ରହିବା ଫଳରେ ଏହାର ବିଭିନ୍ନ ଅଂଶ ଧିରେ ଧିରେ କଳଙ୍କି ଲାଗିବାକୁ ଆରମ୍ଭ କରିଥିଲା । ଏତଦ୍ ବ୍ୟତୀତ ଗାଡ଼ିର ଯନ୍ତ୍ରାଂଶ ଗୋଡ଼ିକ ଖରାପ ହୋଇ ମରାମତି ଆବଶ୍ୟକ କରିଥିଲା । ସଂସ୍ଥା କର୍ତ୍ତୃପକ୍ଷ ଗାଡ଼ିର କିଛି କିଛି ମରାମତି କରି ସେବାରେ ଲଗାଇବା ପାଇଁ ଚେଷ୍ଟା କରିଥିଲେ ମଧ ଆବଶ୍ୟକ ମରାମତି ଅଭାବରୁ ୫/୬ ଗୋଟି ଗାଡ଼ି କାର୍ଯ୍ୟାଳୟ ପରିସରରେ ଥିବା ଗ୍ୟାରେଜ ମଧ୍ୟରେ ଏବେବି ପଡ଼ି ରହିଥିବା ଦେଖା ଯାଉଛି । କିଛି ମାସ ପୂର୍ବରୁ ବର୍ଜ୍ୟ ପରିଚାଳନାରେ ଗୁରୁତର ବିଭ୍ରାଟ ଦେଖା ଦେବାରୁ ଗୋଟିଏ ଦୁଇଟି ପିକପ ଭ୍ୟାନକୁ ସାମୟିକ ଭାବେ ଭଡା ସୂତ୍ରରେ ଲଗାଯାଇ ଅଳିଆ ବୁହା କାର୍ଯ୍ୟ ତୁଲାଇଥିଲେ । ଏବେ ଦୀର୍ଘ ଦିନ ହେବ ଗୋଟିଏ ଦୁଇଟି ବ୍ୟାଟେରୀ ଗାଡିରେ ଘରୁ ବର୍ଜ୍ୟବସ୍ତୁ ପରିଚାଳନା ଜେନତେନ ଚାଲୁ ରହିଥିଲା । କିଛି ଦିନ ହେବ ତାହା ସଂପୂର୍ଣ୍ଣ ବନ୍ଦ ହୋଇ ପଡ଼ି ଥିବାରୁ କେଉଁ ସାହିକୁ କେଉଁ ୱାର୍ଡକୁ ୭/୮ ଦିନରେ ଥରେ ଗାଡ଼ି ଗଡୁଥିବା ଦେଖା ଯାଉଛି । ଏନ୍ ଏ ସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପରମ କର୍ତବ୍ୟ ବୋଲି ପ୍ରଚାର ପ୍ରସାର କରା ଯାଉଥିଲେ ହେଁ ବର୍ଜ୍ୟ ପରିଚାଳନା ସଠିକ୍ ଭାବେ ସମ୍ପାଦନ ହେଉ ନଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେତେକ ରାସ୍ତା କଡ଼ରେ, ଘର ପାର୍ଶ୍ୱରେ ଲଟା ବୁଦାରେ ଅଳିଆ ଆବର୍ଜନା ପକାଉଥିବା ଦେଖାଯାଉଛି । ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ପାଇଁ ଏନ୍ ଏ ସି ଅଧିକାରୀଙ୍କୁ ପଚାରିବାରେ ସେ ଅଟକି ରହିଥିବା ଗାଡ଼ି ଗୋଡ଼ିକ ମଧ୍ୟରୁ ଗୋଟେ ଦୁଇଟିକୁ ସଜାଡି କାର୍ଯ୍ୟରେ ନିୟୋଜିତ କରାଇ ଥିବା ପ୍ରକାଶ କରିଥିବା ବେଳେ ଅନ୍ୟ ଗୋଡ଼ିକୁ କିଛି ଦିନ ମଧ୍ୟରେ ସଜାଡି ଚାଲୁ କରିବେ ବୋଲି ପ୍ରକାଶ କରିଥିଲେ ।

## ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ

ଠାକୁରଗଡ଼ ,(ସବ୍ୟୁ) : ଠାକୁରଗଡ଼ ଥାନା କୋରାବ ଗ୍ରାମର ମାମୁଲା ସିଂଙ୍କୁ ସେହି ଅଞ୍ଚଳର ଜିତେନ୍ଦ୍ର ସିଂ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଶୁକ୍ରବାର ଦିନ ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ନମ୍ବର ୨୧୩/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି – ମାମୁଲା ହାଟପଦା ନିକଟରେ ଥିବା ଏକ ଦୋକାନରେ ବସିଥିବା ବେଳେ ଜିତେନ୍ଦ୍ର ଆସି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ତିଳେଶ୍ୱର ଘାଟି ନିକଟରେ ଶୁକ୍ରବାର ଦିନ ବଇଣ୍ଡା ଅଞ୍ଚଳ ରେ ଥିବା ଏକ ଫାଇନାନ୍ସ କର୍ମଚାରୀ ସୋନପୁର ଜିଲ୍ଲା ଅଞ୍ଚଳ ର ମଳୟ ସେଠିଙ୍କ ଠାରୁ ଦୃବୃତ୍ତ ମାନେ ଟଙ୍କା ଲୁଟି ନେଇଥିବା ଠାକୁରଗଡ଼ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ପୋଲିସ ତାଙ୍କ ଅଭିଯୋଗ କୁ ଭିତ୍ତକରି ନମ୍ବର ୨୧୬/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଜେ ମଳୟ ଏକ ବାଇକ ଯୋଗେ ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରୁ କିସ୍ତି ଟଙ୍କା ଆଦାୟ କରି ତିଳେଶ୍ୱର ଦେଇ ବଇଣ୍ଡା ଫେରୁଥିବା ବେଳେ ତିଳେଶ୍ୱର ଘାଟି ନିକଟରେ ୨ ଟି ବାଇକରେ ୪ ଜଣ ଯୁବକ ଆସି ଭୁଜାଲି ଦେଖାଇ କିସ୍ତି ଟଙ୍କା ଆଦାୟ କରିଥିବା ୧୨୪୭୭ ଟଙ୍କା ଲୁଟି ନେଇଥିଲେ । ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି ।

## ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ

ଅନୁଗୋଳ, (ସବ୍ୟୁ) : ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ଛାତଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି । ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ପ୍ରତାପ ପ୍ରୀତିମୟ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଛନ୍ତି ।




ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ସାଲୋନି ସାହୁ ପ୍ରଥମ, ମନିକା ସାମଲ ଦ୍ୱିତୀୟ ଓ ଅଂଶୁମାନ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଲୋହିତ ଲୋଚନ ସାହୁ ପ୍ରଥମ, ସଂଗ୍ରାମ କୁମାର ସାହୁ ଦ୍ୱିତୀୟ ଓ ସ୍ୱର୍ଣ୍ଣ ନନ୍ଦିନୀ ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏହି ସମସ୍ତ କୃତୀ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଛି ପାଇଛି ।

ଉକ୍ତ ପ୍ରତିଯୋଗିତା ଗତ ସେପ୍ଟେମ୍ବର ମାସ ୨୬ ତାରିଖରେ ହୁଲୁରୁସିଙ୍ଗା ଉଚ୍ଚ ବିଦ୍ୟାଳୟ ଓ ୨୭ ତାରିଖରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ଆୟୋଜିତ ହୋଇଥିଲା । ଏହି ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିଶ ରାୟ ଓ ଅନ୍ୟ କର୍ମଚାରୀଗଣ ଉପସ୍ଥିତ ଥିଲେ ।

## ନାଲକୋ ସିପିପି ଶ୍ରମିକ ସଂଗଠନ ନିର୍ବାଚନ

ବଣ୍ଡଁରପାଳ, (ସବ୍ୟୁ) : ଦୀର୍ଘ ବର୍ଷ ହେଲା ନାଲକୋ ସିପିପି ରେ ବିଭିନ୍ନ କାରଣରୁ ଶ୍ରମିକ ସଂଗଠନ ନିର୍ବାଚନ ସ୍ଥଗିତ ରହିଥିଲା । ତେବେ ଚଳିତ ବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ନାଲକୋ କର୍ମଚାରୀ ମାନଙ୍କ ମଧ୍ୟରେ ଉତ୍ସହ ଦେଖିବାକୁ ମିଳିଛି । ଶୁକ୍ରବାର ଦିନ ନାଲକୋ ସିପିପି ଶ୍ରମିକ ସଂଗଠନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ବୁଥ୍ ରେ ଭୋଟ ଗ୍ରହଣ କରାଯାଇଥିଲା । ୩୮୬ ଜଣ କର୍ମଚାରୀଙ୍କ ମଧ୍ୟରୁ ୩୮୩ ଜଣ ମତଦାନ କରିଥିଲେ । ସଂଧ୍ୟା୫ଟାରୁ ଭୋଟଗଣତି ଆରମ୍ଭ ହୋଇଥିଲା । ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ସର୍ବାଧିକ ୧୭୦ଟି ଭୋଟ ପାଇ ପ୍ରଥମ ସ୍ଥାନ ଅଧିକାର କରି ଥିବାବେଳେ ତାର ନିକଟତମ ପ୍ରତିଦ୍ୱନ୍ଦୀ ନାଲକୋ ବିଦ୍ୟୁତ ମଜଦୂର ସଂଘ ୧୧୨ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଓ ନାଲକୋ ନନ୍ ଏକ୍ ଜିକ୍ୟୁଟିଭ ଏମ୍ପ୍ଲ ଇଜ ୟୁନିୟନ୍ ୧୦୧ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲା । ସେଣ୍ଟ୍ରାଲ ଡେପୁଟି ଲେବର କମିଶନର ସମ୍ପ କୁମାର ନିର୍ବାଚନ ପରିଚାଳନା କରିଥିଲେ । ପୂର୍ବରୁ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ୬ ଥର ବିଜୟ ଲାଭ କରି କର୍ମଚାରୀ ମାନଙ୍କର ହୃଦୟ ଜିତିଥିବାରୁ ଚଳିତ ନିର୍ବାଚନ ରେ ପୁଣି ବିପୁଳ ସଂଖ୍ୟାରେ ଭୋଟ ଦେଇ ୭ମ ଥର ପାଇଁ ବିଜୟୀ କରିଛନ୍ତି । ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ନାଲକୋ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଥିଲେ ।

## ନଗର ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ

ଆଠମଲ୍ଲିକ ,(ସବ୍ୟୁ) : ନଗର ଯୁବମୋର୍ଚ୍ଚା ସଭାପତି ତଥା କାଉନସିଲର ନୂତନ ବେହେରା ଙ୍କ ନେତୃତ୍ୱ ରେ ଆଠମଲ୍ଲିକ କଲେଜ ପରିସରରେ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନଗର ବିଜେପି ସଭାପତି ଅବନୀ କୁମାର ପ୍ରଧାନ, ପୂର୍ବତନ ଏନ ଏ ସି ଅଧକ୍ଷ ତଥା ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସଦସ୍ୟ ସଂଗ୍ରହ ଅଭିଯାନ ରେ ସାମିଲ କରିଥିଲେ । କାର୍ଯ୍ୟକ୍ରମରେ ଏ ବି ଭି ପି ନଗର ସଭାପତି ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ, ମନିଷ ହରିଚନ୍ଦନ, ରାଜେନ୍ଦ୍ର ସିଂ ସାମନ୍ତ, ସତ୍ୟବ୍ରତ ନାଏକ, ସୋମ୍ୟା ମହାକୁଡ଼, ରିଙ୍କି ଦନ୍ତା, ସ୍ମିତି ପ୍ରଜ୍ଞା ଜ୍ୟୋତିଷ ରାଏ, ଆଦ୍ୟାଶ୍ରୀ ଅଂଶୁମାନୀ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । କଲେଜ ଛାତଛାତ୍ରୀ ସଦସ୍ୟତା ଗ୍ରହଣ କଲେ ।

## ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ



ଭୁବନ, (ସବ୍ୟୁ) : ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ବିଶ୍ୱର ସର୍ବ କନିଷ୍ଠ ସହିଦ ବୀର ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅଧକ୍ଷ ଅଜିତ କୁମାର ବେହେରା ସଭାପତିତ୍ୱ କରି କହିଥିଲେ ଯେ ବାଜି ରାଉତ କେବଳ ଭୁବନ ମାଟିର ଗର୍ବ ଓ ଗୌରବ ନୁହନ୍ତି , ସେ ସମଗ୍ର ପୃଥିବୀରେ ତ୍ୟାଗ ଓ ବଳିଦାନର ଅନ୍ୟନାମ । ଆଜିର ବିଦ୍ୟାର୍ଥୀ / ଯୁବକ ମାନେ ବୀର ବାଜି ରାଉତଙ୍କ ଭଳି ସାହସୀ ଓ ଦେଶପ୍ରେମୀ ହେବାକୁ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁ , ଗୌରାଙ୍ଗ ଚରଣ ମହାରଣା , ବାସୁଦେବ ସାହୁ , ଅନୀଲ କୁମାର ଧିର , ଗ୍ରନ୍ଥଗାରିକ ନନ୍ଦକିଶୋର ଧିର , ମୁଖ୍ୟ କିରାଣୀ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଆହ୍ୱାନ ଦେଇଥିଲେ ।

ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷଙ୍କ ଦ୍ୱାରା ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ , ଅଧ୍ୟାପକ ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଗାଇଡ୍ ର ଛାତ୍ରଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟର ପରିସର ଭିତରେ ଏକ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଜ୍ୟୋତିଶ କୁମାର ସାହୁ ବାଜି ରାଉତଙ୍କ ଜୀବନୀ ଆଧାରିତ ଏକ ପ୍ରାମାଣିକ ଚିତ୍ର ପରିବେଷଣ କରି ବଳିଦାନ ଓ ତ୍ୟାଗର ଭାବନାରେ ରସାପ୍ଲୁତ କରିଥିଲେ । ଅଧ୍ୟାପକ କରୁଣାକର ରାଉଳ , ହେମନ୍ତ ରାଉତ , ବିକାଶ ସେଠୀ, ଅଧ୍ୟାପିକା ଧାନୀ ମୂର୍ମୁ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳଚେରରେ ଶାରଦୀୟ ନବରାତ୍ର ପୂଜା

ତାଳଚେର, (ସବ୍ୟୁ) : କଳାହୀରାର ସହର ତାଳଚେରର ବିଭିନ୍ନ ଶକ୍ତିପୀଠରେ ଶାରଦୀୟ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି । ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ପ୍ରସିଦ୍ଧ ଶାରଦୀୟ ନବରାତ୍ର ପୂଜା ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଅଛି । ଦଶ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାର ଆଜି ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହାସହିତ ପ୍ରତ୍ୟହ ମା'ଙ୍କ ପୀଠ ପରିସରରେ ହୋମ, ଯଜ୍ଞ ଆଦି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ସଂପନ୍ନ କରାଯାଉଛି । ସ୍ୱାମୀ ଧୀରେନ୍ ଚୈତନ୍ୟ ମହାରାଜଙ୍କ ଆବାହକତ୍ୱରେ ପଣ୍ଡିତ ସୁରେଶ ଚନ୍ଦ୍ର ଧର ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି । ନବରାତ୍ର ପୂଜାର ପ୍ରଥମ ଦିବସରେ ସ୍ଥାନୀୟ ସିଙ୍ଗଡା ଯୋରରୁ ଏକ କଳସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରତ୍ୟକ୍ଷ ସହାୟତାରେ ମା'ଙ୍କ ପୀଠରେ ନବରାତ୍ର ପୂଜା ଦୀର୍ଘ ୩୫ ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ଅନୁଷ୍ଠିତ ହେଉଅଛି । ନବରାତ୍ର ପୂଜାର ଚତୁର୍ଥ ଦିବସରେ କୁଷ୍ମାଣ୍ଡା, ପଂଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାର୍ତ୍ତାୟନୀ ପୂଜନ, ସପ୍ତମ ଦିବସରେ କାଳରାତ୍ରୀ ପୂଜନ, ଅଷ୍ଟମ ଦିବସରେ ମହାଗୌରୀ ପୂଜନ, ନବମ ଦିବସରେ ସିଦ୍ଧିଦାତ୍ରୀ ପୂଜନ, ଦଶମ ଦିବସରେ ଅପରାଜିତା ପୂଜନ, ଆରତୀ ଓ ପୂର୍ଣ୍ଣାହୂତି ଆଦି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ପାଳନ କରାଯିବ ବୋଲି ଜଣାପଡିଛି । ସେହିପରି ତାଳଚେର ସାଉଥବଲଣ୍ଡାସ୍ଥିତ ଦୁର୍ଗାମନ୍ଦିର ପରିସରରେ ମଧ ନବରାତ୍ର ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଅଛି । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରହିତ୍ୟରେ ମା ଙ୍କ ମନ୍ଦିରରେ ପ୍ରତ୍ୟହ ସୂର୍ଯ୍ୟପୂଜା, ମଙ୍ଗଳ ଆଳତୀ, ଘଟ ପୂଜା, ମଣ୍ଡଳ ପୂଜା ସହ ହୋମ, ଯଜ୍ଞ ଓ ଚଣ୍ଡୀ ପାଠ ଆଦି ଅନୁଷ୍ଠିତ ହେଉଅଛି । ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଅଛି ।

## ପୌରାଞ୍ଚଳ ବେକାରୀ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, (ସବ୍ୟୁ) : ଭାରତୀୟ ଜନତା ଯୁବମୋର୍ଚ୍ଚା ତାଳଚେର ପୌରମଣ୍ଡଳ ପକ୍ଷରୁ ଆଜି ତାଳଚେର ଉପଜିଲ୍ଲାପାଳଙ୍କୁ ପୌରାଚଂଳର ବେକାରୀ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତାଳଚେର ଏକ ଶିଳ୍ପ ବହୁଳ ଓ ଖଣି ଅଂଚଳ ହୋଇଥିବାରୁ ଏହାର ଧୂଳିଧୂଆଁରେ ପୌରାଚଂଳବାସୀ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି । ଏଠି ପୌରାଚଂଳର ପାଖାପାଖି ଜମି ଗୁଡ଼ିକ ମଧ ପ୍ରଦ୍ୟୁଷିତ ଯୋଗୁଁ ଚାଷ ଅନୁପଯୋଗୀ ହୋଇ ଗଲାଣି ଓ ପ୍ରଦ୍ୟୁଷଣ ଦ୍ୱାରା ସ୍ଥାନୀୟ ବାସୀନ୍ଦା ବିଭିନ୍ନ ପ୍ରକାର ଶ୍ୱାସଜନିତ ମାରାତ୍ମକ ରୋଗରେ ପିଡ଼ିତ ହେଉଛନ୍ତି । ଏଣୁ ଲିଙ୍ଗରାଜ କୋଇଲା ଖଣିର ସାଇଲୋ ଓ ବିଭିନ୍ନ ଠିକାକମ୍ପାନୀ, ଭୂବନେଶ୍ୱରୀ କୋଇଲା ଖଣିରେ ଥିବା ସାଇଲୋ ଠିକମ୍ପାନୀ ଓ ଟିଟିପିଏସ୍, ଏନଟିପିସି ଥର୍ମାଲର ଟିଏଫଏଲ କାର୍ଯ୍ୟରତ ଥିବା ବିଭିନ୍ନ ଠିକାକମ୍ପାନୀରେ ସର୍ବନିମ୍ନ ୩୦% ବେକାରୀ ଯୁବକମାନଙ୍କୁ ନିଯୁକ୍ତି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ନଚେତ ଆଗାମୀ ୧୦ଦିନ ପରେ ତାଳଚେର ପୌରମଣ୍ଡଳ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଟ୍ରକ ଓ ଟ୍ରେନ ଯୋଗେ ଏମସିଏଲ ପକ୍ଷରୁ ହେଉଥିବା କୋଇଲା ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ଏହାର କପି ଏସଡ଼ିପିଓ ତାଳଚେର, ଜିଏମ ଲିଙ୍ଗରାଜ ଏରିଆ, ଜିଏମ ଭୂବନେଶ୍ୱରୀ ଏରିଆ, ତାଳଚେର କୋଲିୟରୀ ଥାନା ଅଧିକାରୀ ଓ ତାଳଚେର ଟାଉନଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ର ପ୍ରଦାନ ବେଳେ ସଭାପତି ବିଶ୍ୱରଞ୍ଜନ ତୁଙ୍ଗ ସାମନ୍ତ, ଉପସଭାପତି ମନୋଜ ବେହେରା, ସମ୍ପାଦକ ସୁଧାଂଶୁ ସାହୁ, ତପନ ପଟ୍ଟନାୟକ, ପୂର୍ବତନ ସଭାପତି ସୁବ୍ରତ ସାହୁ, ସୁଜିତ କୁଅଁର, ମାନସ ରଞ୍ଜନ ସାହୁ, ପ୍ରିତିଶ କୁଅଁର, ଅରକ୍ଷିତ ସିଙ୍ଗ, କିଶୋର ସାହୁ, ବିଜୁ ବେହେରା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ: ପୂଜାରେ ଡିଜେ ସାଉଣ୍ଡ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ବାରଣ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଢେଙ୍କାନାଳରେ ଶାନ୍ତି ଶୃଙ୍ଖଳା ଏବଂ ଆନନ୍ଦର ସହିତ ଯେପରି ପାର୍ବଣ ଋତୁ ଶେଷ ହେବ ସ୍ୱେଥିପ୍ରତି ପଦସ୍ଥ ପୋଲିସ ଅଧିକାରୀ, ଅବକାରୀ ଅଧିକ୍ଷକ, ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହେବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଦୁର୍ଗାପୂଜା,କାଳୀପୂଜା ଓ ଲକ୍ଷ୍ମୀପୂଜା ଅବସରରେ ଡିଜେ ସାଉଣ୍ଡ ଭାଇବ୍ରେଟର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବରେ କଡାକଡି କରାଯିବ । ଧାର୍ଯ୍ୟ ସ୍ତର ଠାରୁ ଅଧିକ ଶବ୍ଦକରି ଭାଇବ୍ରେଟର ବ୍ୟବହାର କଲେ ସଂପୃକ୍ତ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପ୍ରକାଶ କରିଛନ୍ତି । ଗତ ବର୍ଷ ଏଥି ନିମନ୍ତେ ୭ ଜଣ ବ୍ୟାଣ୍ଡପାର୍ଟି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । କୌଣସି ପ୍ରକାରର ବିଶୃଙ୍ଖଳା ବା ଅପରାଧକୁ ପ୍ରତିହତ କରିବା ନିମନ୍ତେ ୧୦୮ ଜଣ ଅଭ୍ୟାସଗତ ଅପରାଧିଙ୍କୁ ବାଉଣ୍ଡ ଡାଇନ ଜାରି ରହିଛି । ସେହିପରି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଯୋଗୁ ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୧ ହଜାର ୨୪୨ଟି କେସ ରେକର୍ଡ କରାଯାଇଥିବା ବେଳେ ୫ ହଜାର ୩୫ଜଣଙ୍କ ନାମରେ କେସ ରୁଜୁ କରାଯାଇଛି । ଭୁବନରେ ବଳଦ ଯାତ୍ରା ଏବଂ କାମାକ୍ଷାନଗରରେ ଦୁର୍ଗାପୂଜା ଓ ଢେଙ୍କାନାଳରେ ଲକ୍ଷ୍ମୀପୂଜା ସମୟରେ ମାଦକ ଦ୍ରବ୍ୟ ଚୋରା କାରବାର ରୋକିବା, ନିଶା ଖୋରଙ୍କୁ ଜବତ କରିବା ନିମନ୍ତେ ଅଧିକରୁ ଅଧିକ ସଜାଗ ରହିବାକୁ ଅବକାରୀ ଅଧିକ୍ଷକଙ୍କୁ କୁହାଯାଇଛି । ବାହାର ରାଜ୍ୟରୁ ଆସି ଦିର୍ଘ ବର୍ଷ ଧରି ରହୁଥିବା ବ୍ୟକ୍ତି ଏବଂ ପରିବାରକୁ ଚିହ୍ନଟ କରାଯିବ । ପାର୍ବଣ ସମୟରେ ହାତୀ ଚଳାଚଳ ଆକ୍ରମଣ ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଭାରିଯାନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ ନିୟମ ଉଲଘଂନ ପାଇଁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ସଦର ଉପଜିଲ୍ଲାପାଳ ବିଭୁଧ ପଟ୍ଟନାୟକ, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ଏବଂ ତହସିଲଦାରମାନେ ଯୋଗ ଦେଇଥିଲେ ।

## ମଣ୍ଡଳ ସଭାପତିଙ୍କ ଶେଷ ଦର୍ଶନ କଲେ ବିଜେପି ନେତା

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ବିଜେପି ର ଠାକୁରଗଡ଼ ମଣ୍ଡଳ ସଭାପତି ଗଗନ ବାରିକଙ୍କ ୫୮ ବର୍ଷ ବୟସରେ ଅକାଳ ବିୟୋଗ ହୋଇଯାଇଛି । ତାଙ୍କର ଠାକୁରଗଡ଼ ସ୍ଥିତ ବାସ ଭବନରେ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ, କାଉନସିଲର ନୂତନ କୁମାର ବେହେରା, ନଗର ସଭାପତି ଅବନୀ କୁମାର ପ୍ରଧାନ ପ୍ରମୁଖ ପହଂଚି ସ୍ୱର୍ଗତଃ ବାରିକଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସ ରେ ପୋଷ୍ଟ କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିବା ଜଣାପଡ଼ିଛି ।

## ଇଣ୍ଡିଆ ବୁକ ଅଫ ରେକର୍ଡରେ ୩ବର୍ଷର ବାଳକ ଅରୂପ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସିମିନଇ ଗ୍ରାମର ବିସ୍ମୟ ବାଳକ ଅରୂପ ମାତ୍ର ୩ ବର୍ଷ ତିନି ମାସରେ ଇଣ୍ଡିଆ ବୁକ ଅଫ ରେକର୍ଡ ଏବଂ ଏଲିଟ ବୁକ ଅଫ ରେକର୍ଡର୍ସର ଅଧିକାରୀ ହୋଇପାରିଛନ୍ତି। ସିମିନଇ ଗ୍ରାମର ରାମଚନ୍ଦ୍ର ଦେବତା ଏବଂ ସଞ୍ଜୁ ଦେବତାଙ୍କ ନାତି ତଥା ବର୍ଷା ଦେବତାଙ୍କ ପୁଅ ଅରୂପ କୁମାର ଦାସ ପିଲାଟି ଦିନରୁ ବିଭିନ୍ନ ଫୁଲଫଳ ସହିତ ଅନ୍ୟାନ୍ୟ ଦ୍ରବ୍ୟର ନାମକୁ ସହଜରେ ମନେ ରଖିପାରୁଥିଲା। ଆଈ ରୋଷେଇ କରୁଥିବା ବେଳେ ପନିପରିବା,ଫଳ ନାମ ମନେ ରଖୁଥିଲା। ଗତ ୨୦୨୧ ମସିହାରେ ଜନ୍ମଲାଭ କରିଥିବା ଅରୂପ ଯେଉଁ ବୟସରେ ଠିକ୍ ରେ କଥା କହିବା ସମ୍ଭବ ହୋଇ ନଥାଏ ସେହି ବୟସରେ ସେ ଦୁଇ ଦୁଇଟି ରେକର୍ଡ ତାଙ୍କ ନାଁ ରେ କରିବାରେ ସଫଳ ହୋଇଛନ୍ତି।

ଜାତୀୟ ସଙ୍ଗିତ ସହ ଜାତୀୟ ପ୍ରତିକ,ଭାରତ ବର୍ଷର ସମସ୍ତ ରାଜ୍ୟ ରାଜଧାନୀର ନାମ ଓ ଇଂରାଜୀରେ ଅନେକ ମାସ ,ଦିଗ, ଫଳ, ଫୁଲର ନାମ ଅନର୍ଗଳ କହୁଛନ୍ତି ସୋଯେଉଁଥି ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡ ଓ ଇଲାଇଟ ବୁକ ଅଫ ରେକର୍ଡରେ ସାମିଲ



ହୋଇ ପାରିଛନ୍ତି । ଭଲରେ କଥା କହିବା ବି ଶିଖି ନଥାଏ ସେହି ବୟସରେ ଅରୂପ କରିଛନ୍ତି କମାଲ ।

ଅରୂପଙ୍କ ମାଆ ବର୍ଷା ଦେବତାଙ୍କ କହିବା ଅନୁସାରେ ସେ ଭାରତ ବର୍ଷର ୨୮ ଟି ରାଜ୍ୟ ରାଜଧାନୀର ନାମ, ୨୨ଟି ଜାତୀୟ ପ୍ରତୀକ, ୪୫ ଟି ଶରୀରର ଅଙ୍ଗ, ୮ ଟି ପ୍ଲାନେଟର ନାମ, ଇଂରାଜୀରେ ୧୭ଟି ପକ୍ଷୀ, ୧୬ଟି ଫୁଲର ନାମ, ୧୩ଟି କଲର, ଚାରି ଦିଗ ସହ ବାର ମାସ, ସାତ ଦିନର ନାମ କହି ଇଣ୍ଡିଆ ବୁକ ଅଫ ରେକର୍ଡ ଓ ହିନ୍ଦୀ ପୋଏମ ଓ ଏକ ଠାରୁ ୧୫ଯାଏ ଉଚ୍ଚାରଣ ସହ ଆହୁରି ଅନେକ କିଛି କଥା ସେ ଅନର୍ଗଳ କହି ପାରୁଛନ୍ତି। ଯେଉଁଥି ପାଇଁ ଏତେ କମ୍ ବୟସରେ ସେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଅରୂପ ଆଗକୁ ଏସିଆ ବୁକ ଅଫ ରେକର୍ଡ ଓ ଗିନିଜ ବୁକ ଅଫ ରେକର୍ଡ ରେ ସ୍ଥାନ ପାଇବେ ଏହି ଆଶା ରଖିଛନ୍ତି ଅରୂପଙ୍କର ପୁରା ପରିବାର । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଅରୂପ ଯେତେବେଳେ ବର୍ଷକର ହୋଇଥିଲେ ସବୁ ଜିନିଷ ବାବଦରେ ଜାଣିବାର ତାଙ୍କର ବହୁତ ଇଛା ହେଉଥିଲା ଆଉ ସେ ସମସ୍ତଙ୍କୁ ସବୁ କଥା ପଚାରି ପଚାରି ବୁଝୁଥିଲେ। ଆଉ ଥରକରେ ସବୁ ମନେ ରଖି ପାରୁଥିଲେ ମଧ୍ୟ। ଯେଉଁଥି ପାଇଁ ଆଜି ସେ ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି ପରିବାର ଲୋକ କହିଛନ୍ତି।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୁଶ୍ରୀ ରଶ୍ମିତା ନେତମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜବାହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଆରସିସି ତୋଫାନ ମାଝୀ ଉପସ୍ଥିତ ଥିବା ବେଳେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ କରିଥିଲେ। ନିପୁଣ ଓଡ଼ିଶାର ମାର୍ଗ ଦର୍ଶିକା କୋକସରା ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ପଠନ କରିଥିଲେ। ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ବିଇଓ ନେତମ ଓ ମୁଖ୍ୟ ବକ୍ତା ଦୀପକ କୁମାର ବେହେରା ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବିଆରସିସି ତୋଫାନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ବିଭାଗର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କ୍ଲାଇମେଟପ୍ରୋ ପ୍ରକଳ୍ପର ଶିକ୍ଷାମୂଳକ କର୍ମଶାଳା



ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରୀ) ପକ୍ଷରୁ ଓଡ଼ିଶାରେ ଜଳବାୟୁ ସହନଶୀଳ କୃଷି ବ୍ୟବସ୍ଥା ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାରେ ଏକ ଶିକ୍ଷାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶାର ଜଳବାୟୁ ସହନଶୀଳ ଧାନ ଭିତ୍ତିକ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇ କୃଷକ ଓ କୃଷି ଅଂଶୀଦାରଙ୍କ ମଧ୍ୟରେ ଜ୍ଞାନ ବିନିମୟ ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖାଯାଇଥିଲା ।

କର୍ମଶାଳାରେ ବଲାଙ୍ଗିର ମୁଖ୍ୟ ଜିଲ୍ଲା କୃଷି ବିଭାଗ ଅଧିକାରୀ ବାବୁଲି ଚରଣ ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ, ଅନେକ କୃଷି ବୈଜ୍ଞାନିକ, କୃଷି ଅଧିକାରୀ, କୃଷକ ଏବଂ କୃଷକ ଉତ୍ପାଦକ ସଂଗଠନ (ଏଫପିସି)ର ନେତୃ ବୃନ୍ଦ ଓ ସଦସ୍ୟ ସମେତ ବିଭିନ୍ନ ଅଂଶୀଦାରଙ୍କୁ ଏକାଠି କରାଯାଇ ସ୍ଥାୟୀ ଏବଂ ନିରନ୍ତର କୃଷିର ଭବିଷ୍ୟତକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। କର୍ମଶାଳାରେ ସରକାରୀ କୃଷି ଅଧିକାରୀ, କ୍ଲାଇମେଟପ୍ରୋ ପ୍ରକଳ୍ପରେ ସମ୍ପୃକ୍ତ ଥିବା ପାଣି ପଞ୍ଚାୟତର କର୍ମକର୍ତ୍ତା, କୃଷକ ଏବଂ କୃଷକ ଉତ୍ପାଦକ ସଂଗଠନର ସଦସ୍ୟ ମାନେ ନିଜର ଅଭିଜ୍ଞତା ପ୍ରଦାନ କରିଥିଲେ । କର୍ମଶାଳାରେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରି କିଭଳି ସାଂପ୍ରତିକ ସମୟରେ କୃଷି କ୍ଷେତ୍ରରେ ଉନ୍ନତି ଆଣିବା ସହିତ ଚାଷୀ ମାନଙ୍କ ଉତ୍ପାଦନରେ ଉନ୍ନତି ଆଣି,ଗୋଷ୍ଠୀ ଦ୍ୱାରା ପରିଚାଳିତ ବିହନ ବ୍ୟବସ୍ଥାକୁ ବୃଦ୍ଧି କରିବା, ଜଳବାୟୁ ସହନଶୀଳ ଜ୍ଞାନକୌଶଳ ସହିତ ଜୈବିକ ଉପାୟରେ ସମନ୍ୱିତ ପୋଷକ ତତ୍ତ୍ୱ ପରିଚାଳନା ଏବଂ ଏହି ଅଞ୍ଚଳରେ କ୍ଲାଇମେଟପ୍ରୋ ପ୍ରକଳ୍ପ ଦ୍ୱାରା କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଆଲୋଚନା କରାଯାଇଛି ।

ସମାବେଶକୁ ସମ୍ବୋଧିତ କରି କ୍ଲାଇମେଟପ୍ରୋର ପ୍ରକଳ୍ପ ସଂଯୋଜକ ଜ୍ଞାନଦୀପ ପାଣ୍ଡିଆ କ୍ଲାଇମେଟପ୍ରୋ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ୭ଟି ପ୍ରମୁଖ ଉପାଦାନ ଉପରେ ଆଲୋକପାତ କରିବା ସହିତ ଓଡ଼ିଶାର କୃଷି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନପାଇଁ ସେଥିରେ କିପରି ସ୍ଥିରତା, ଉତ୍ପାଦକତା ଏବଂ ଗୋଷ୍ଠୀ ଭିତ୍ତିକ ସମ୍ବଳ ପରିଚାଳନାବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବା ପାଇଁ ଆଲୋକପାତ କରିଥିଲେ। ବିଶେଷଜ୍ଞ ଦିଲ୍ଲୀପ କୁମାର ରାଉତ କହିଲେ ଯେ କ୍ଲାଇମେଟପ୍ରୋ ଅଧୀନରେ ଆମେ ବଲାଙ୍ଗିରର ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମଆଇପି) ଅଞ୍ଚଳରେ ୬୦୦ ହେକ୍ଟର ଜମିରେ ୩୨୦୦ ଚାଷୀଙ୍କ ସହ କାମ କରୁଛୁ। ଇରୀ କ୍ରପ୍ କ୍ୟାଫେଟେରିଆ ଏବଂ କ୍ଷେତ ପ୍ରଦର୍ଶନ ମାଧ୍ୟମରେ ଆଶାଜନକ ଉଚ୍ଚ ଉତ୍ପାଦନକାରୀ ଏବଂ ଚାପ ସହଣୀ ଧାନ କିଶମକୁ ପ୍ରୋତ୍ସାହିତ କରୁଛି। କର୍ମଶାଳାରେ ବଲାଙ୍ଗିର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ସେଠୀ ନୂତନ ଚାପ ସହିଷ୍ଣୁ ଧାନ ପ୍ରଜାତିର ପରୀକ୍ଷଣ ଓ ପ୍ରୋତ୍ସାହନ ତଥା ସ୍ଥାୟୀ କୃଷି ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ । ଧନିତା ଓ ସୁଗନ୍ଧିତ ଧାନ ପ୍ରଜାତିର ବିହନ ଗୁଣ ମାଧ୍ୟମରେ ସବୁଜ ମାନୁରିଂ ବୃଦ୍ଧି ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

ଅବସରରେ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ)ର ପ୍ରମୁଖ ବୈଜ୍ଞାନିକ ଡ. ସତ୍ୟମାୟା ଶତପଥୀ କହିଲେ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନର ମୁକାବିଲା ଦିଗରେ ଓଡ଼ିଶାରେ କ୍ଲାଇମେଟପ୍ରୋ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ହସ୍ତକ୍ଷେପ ମାଧ୍ୟମରେ ଆମେ କେବଳ ଧାନ ଭିତ୍ତିକ ଚାଷ ପ୍ରଣାଳୀର ସ୍ଥିରତା ବୃଦ୍ଧି କରୁନାହୁଁ ବରଂ ଅନିଶ୍ଚିତ ପରିବେଶରେ ସମୃଦ୍ଧ ହେବା ପାଇଁ କୃଷକମାନଙ୍କୁ ଆବଶ୍ୟକ ଉପକରଣ ଏବଂ ଜ୍ଞାନ ମଧ୍ୟ ସୁନିଶ୍ଚିତ କରୁଛୁ । ପ୍ରଶିକ୍ଷଣ ଓ ବୈଷୟିକ ସହାୟତା ମାଧ୍ୟମରେ କୃଷକଙ୍କ ଦକ୍ଷତା ବୃଦ୍ଧି ଜାରି ରଖିବାକୁ ପ୍ରତିଶ୍ରୁତି ଦେଇ କର୍ମଶାଳା ଶେଷ ହୋଇଥିଲା। କର୍ମଶାଳାରୁ ମିଳିଥିବା ମୂଲ୍ୟବାନ ବୁଝାମଣା ପାଇଁ ଅଂଶଗ୍ରହଣକାରୀମାନେ ପ୍ରଶଂସା କରିବା ସହ ବଲାଙ୍ଗୀର ଜିଲ୍ଲାର କୃଷକମାନେ ଯେପରି ଅଧିକ ଅମଳକ୍ଷମ ଓ ଚାପ ସହଣି ଧାନ କିସମରୁ ଉପକୃତ ହୁଅନ୍ତି ଏବଂ ଉନ୍ନତ କୃଷି ପଦ୍ଧତିରେ ଉନ୍ନତି ଆଣି ଚାଷୀଙ୍କ ପାଇଁ ଅଧିକ ଲାଭ ପାଇବେ ସେଥିପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

## ଲାଞ୍ଚ ନେଇ ଧରାପଡ଼ିଲେ ଅମିନ

ଝାରସୁଗୁଡ଼ା,(ସବ୍ୟୁ): ଜମି ପଟ୍ଟା ସମ୍ପର୍କିତ କାମ ପାଇଁ ଅମିନ ଭାସ୍କର ମେହେର ଜଣେ ବ୍ୟକ୍ତିଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେହି ବ୍ୟକ୍ତି ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ଶନିବାର ସେ ଲାଞ୍ଚ ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଅମିନ ଭାସ୍କର ମେହେରଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ଚାଷୀଙ୍କୁ ଦଳିଦେଲା ଦନ୍ତା

ଦେବଗଡ଼,(ସବ୍ୟୁ): ରିଆମାଳ ବନାଞ୍ଚଳ ଡୁଙ୍ଗାମାଳ ପଞ୍ଚାୟତ ଅନ୍ତର୍ଗତ କାଞ୍ଜିଆମ୍ବ ଗ୍ରାମରେ ବାଇଗଣ ବଗିଚାରେ ଦନ୍ତାହାତୀ ପଶି ନଷ୍ଟ କରୁଥିବା ବେଳେ ଘଉଡ଼ାଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହେଲେ ଚାଷୀ। ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ହେଉଛନ୍ତି ଉକ୍ତ ଗ୍ରାମର ଯାତ୍ରା ପ୍ରଧାନ (୫୦)। ଶନିବାର ଅପରାହ୍ନରୁ ଘର ନିକଟରେ ଥିବା ବାଇଗଣ ବଗିଚାରେ କାମ କରୁଥିଲେ। ୫ଟା ସମୟରେ ଅଚାନକ ଏକ ଦନ୍ତାହାତୀ ଆସି ବଗିଚାରେ ପଶିଥିଲା। ଆକ୍ରମଣରେ ଘଟଣାସ୍ଥଳରେ ମୃତ୍ୟୁ ଘଟି ଥିଲା। ସ୍ଥାନୀୟ ଓ ପରିବାର ଲୋକ ଶବ ଦେଖି ନିକଟକୁ ଯାଇ ଦେଖିଲେ। ବନବିଭାଗକୁ ଖବର ଦେବା ପରେ ରେଞ୍ଜର ନିରଞ୍ଜନ ଧରୁଆ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏବେବି ହାତୀ ସେହି ଅଞ୍ଚଳରେ ରହିଛି, ଶବ ପଡ଼ି ରହିଛି। ଯାତ୍ରା ନ୍ରଧାନର ମୃତ୍ୟୁରେ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି।

## ବସ ଧକ୍କାରେ ଶିଶୁ ପୁତ୍ରର ମୃତ୍ୟୁ

ରାୟଗଡା,(ସବ୍ୟୁ): ଗ୍ରାମାଞ୍ଚଳ ପରିବହନ ବସ ତଥା ଲକ୍ଷ୍ମୀ ବସ ଧକ୍କାରେ ୧୫ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ କାଙ୍କୁବାଡ଼ି ପଞ୍ଚାୟତ କିତିଙ୍ଗି ଗ୍ରାମ ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ କିତିଙ୍ଗି ଗ୍ରାମରେ ବସ୍ ଠିଆ ହୋଇଥିବା ବେଳେ ଶିଶୁଟି ବସର ପଛ ଚକ ତଳେ ବସିଥିଲା। ବସ ଡ୍ରାଇଭର ବସ ଆଗକୁ ଚଳାଇଥିବା ବେଳେ ଶିଶୁଟି ବସ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଛି। ସେ ସମୟରେ ମୃତ ଶିଶୁର ମା ରାସ୍ତାକଡ଼ରେ ଥିବା ନଳକୂପରେ ଗାଧୋଉଥିଲେ। ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ ବିଷମକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଲାଇଛି। ମୃତ ଶିଶୁଙ୍କ ପରିଚୟ ସାଇଁରାମ ହିକକା ହୋଇଥିବା ବେଳେ ତାଙ୍କ ପିତା ଯୋଗୀ ହିକକା ବୋଲି ଜଣା ପଡ଼ିଛି।

## ମନରେଗା ଦୁର୍ନିତୀର ତଦନ୍ତ ନେଇ ପ୍ରଶ୍ନବାଚୀ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ମନରେଗା ଦୁର୍ନିତୀ ଚର୍ଚ୍ଚାର ବିଷୟ ପାଲଟିଛି । ବିଭାଗୀୟ ଉଦାସୀନତା ଆହୁରି ଜଟିଳ କରି ଦେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ଦୁର୍ନିତୀ ଗ୍ରସ୍ତ ଅଧିକାରୀଙ୍କ ସାହସ ବଢ଼ିବାରେ ଲାଗିଛି। ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍ ଦାଦନପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରେ ୧୦୦ ଦିନର କାମ ପରିବର୍ତ୍ତେ ୨୦୦ ଦିନ ପାଇଁ କାମ ଯୋଗାଇ ଦେବା ପ୍ରାବଧାନ ଥିବାରୁ ମନରେଗା ଦୁର୍ନିତୀ ମଧ୍ୟ ଦୁଇ ଗୁଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ନର୍ଲା ବ୍ଲକର କମର୍ଦ୍ଧା ପଞ୍ଚାୟତରେ ଦୁର୍ନିତୀ ଚରମ ସୀମାରେ ପହଞ୍ଚିଥିବା ବେଳେ ବିଭିନ୍ନ ପ୍ରକଳ୍ପରେ ହୋଇଥିବା ଖୁଲମ୍ ଖୁଲ୍ଲା ଲୁଟ୍ ତରାଜ୍ ସମ୍ପର୍କରେ ଗ୍ରାମବାସୀ ତଳ ସ୍ତରରୁ ଉପର ସ୍ତର ଯାଏଁ ଅଭିଯୋଗ କରି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୁନ ।କାମ କରିନଥିବା ଶ୍ରମିକ ମାନଙ୍କ ଆକାଉଣ୍ଟରେ ମନରେଗା ମଜୁରୀ ଟଙ୍କା ଜମା ହୋଇ ପଞ୍ଚାୟତ ଅଧିକାରୀ ମାନଙ୍କ ଦ୍ୱାରା ହଡ଼ପ ହୋଇଥିବା ତଥା ବିଭିନ୍ନ ପ୍ରକଳ୍ପରେ ସାମଗ୍ରୀ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ନକଲି ଭେଣ୍ଡର ନାମରେ ଜମା ହୋଇ ଚଲୁ କରାଯାଇଥିବା ନେଇ ଗ୍ରାମବାସୀ ଗଣମାଧ୍ୟମରେ ମୁକ୍ତ କଣ୍ଠରେ ବୟାନ ଦେବା ସହ ବିଡ଼ିଓ ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ମୁଖ୍ୟ ମନ୍ତ୍ରୀ ଯାଏଁ ଅଭିଯୋଗ କରି ସାରିଲେଣି । ହେଲେ କେହି କିଛି ଶୁଣୁ ନାହାନ୍ତି। କିଛି ଦିନ ପୂର୍ବେ କେସିଙ୍ଗା ବ୍ଲକର କଣ୍ଟପଡ଼ା ପଞ୍ଚାୟତରେ ସମାନ ଧରଣର ଦୁର୍ନିତୀ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇ ଥିବା ପରେ ଲାଞ୍ଜିଗଡ଼ କମର୍ଦ୍ଧା ପଞ୍ଚାୟତରେ ମଧ୍ୟ ଏହାର ତଦନ୍ତ ଶୀଘ୍ର ହେବ ବୋଲି ଗ୍ରାମବାସୀ ଆଶା ରଖିଥିଲେ । ହେଲେ ଏଥି ପ୍ରତି ପ୍ରଶାସନ ଆଗ୍ରହ ପ୍ରକାଶ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଦୁର୍ବୃତ୍ତ ଜାଳିଦେଲେ ଗୋ-ସେବାଶ୍ରମ : ୪୦ରୁ ଉର୍ଦ୍ଧ୍ୱ ଗୋରୁ ବେସାହାରା

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘିକୁଣ୍ଡି ଗାଁରେ ଥିବା ମାଁ ମାହେଶ୍ୱରୀ ଗୋ ସେବାଶ୍ରମକୁ କିଛି ଦୃର୍ବୃତ୍ତ ଜାଳି ଦେବା ସହିତ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀକୁ ମାରଣାସ୍ତ୍ର ଦେଖେଇ ହତ୍ୟା ଧମକ ଦେବା ନେଇ ବୀରମହାରାଜପୁର ଥାନାରେ ଗୋ ସେବକ ଅଭିଯୋଗ କରିଛନ୍ତି। ରାଜ୍ୟରେ ନୂତନ ସରକାର ଗୋ ସୁରକ୍ଷା ନେଇ ଯୋଜନା ପ୍ରସ୍ତୁତ କରିବା ସହିତ ପ୍ରତି ବିଧାନସଭା କ୍ଷେତ୍ରରେ ଗୋ ସେବା କେନ୍ଦ୍ର କରିବାକୁ ସମସ୍ତ ବିଧାୟକଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଥିବା ଗୋ ସେବା କେନ୍ଦ୍ର ଓ ଗୋ ସେବକଙ୍କ ଉପରେ ଆକ୍ରମଣ ଏବଂ ଗୋ ଚାଲାଣ ଚାଲିଥିବା ଅଭିଯୋଗ ହୋଇ ଆସୁଛି। ସୂଚନା ଅନୁସାରେ ବୀରମହାରାଜପୁର ଥାନା ଘିକୁଣ୍ଡୀ ଗାଁରେ ଗୁଞ୍ଜିପାଲି ଗାଁର ମଧୁସୂଦନ ମହାକୁରଙ୍କ ମାଲିକାନାରେ ଥିବା ମା ମାହେଶ୍ୱରୀ ଗୋ ସେବାଶ୍ରମରେ ଗୁଞ୍ଜିପାଲି ଓ ଘିକୁଣ୍ଡି ଗାଁ ର ୩ ଜଣ ବ୍ୟକ୍ତି ଗତ ନିର୍ବାଚନରେ ମଧୁସୂଦନ ବ୍ୟକ୍ତିଗତ ଭାବେ ବିଜେପି ସମର୍ଥକ ହୋଇଥିବାରୁ ତାଙ୍କ ଗୋ ସେବାଶ୍ରମକୁ ଯାଇ ଗୋପାଳକ ମଧୁସୁଦନଙ୍କୁ ମାରଣାସ୍ତ୍ର ଦେଖାଇ ଗୋରୁ ଗୁଡ଼ିକ ଗୋ ବେପାରୀକୁ ବିକ୍ରି କରିବା ସହିତ ଜୀବନରେ ମାରିଦେବୁ କହି ମାଡଧର କରିଥିଲା । ବନ୍ଧୁକ ଦେଖେଇ ମାରିଦେବା ଧମକ ଦେବାରୁ ମଧୁସୂଦନ ଜୀବନ ବିକଳରେ ସେଠାରୁ ପଳେଇ ଯାଇଥିଲେ। ପରେ ରାଗରେ ଦୃର୍ବୃତ୍ତ ମାନେ ଆଶ୍ରମରେ ଥିବା ସମସ୍ତ ଗୋରୁ ଗୁଡ଼ିକ ନେଇ ଯିବା ଉଦ୍ଦେଶ୍ୟରେ ଗୁହାଳରୁ ଫିଟେଇ ଦେଇ ମାଡମାରି ଜଙ୍ଗଲରେ ଛାଡି ଦେବା ସହ ଗୋରୁ ମାନଂକ ପାଇଁ ଗଚ୍ଛିତ ଥିବା ଖାଦ୍ୟ ପୁଆଳ, ଦାନା, ତସୁ ସବୁକୁ ନିଆଁ ଲଗେଇ ଦେଇଥିଲେ। ଘଟଣାରେ ଘିକୁଣ୍ଡ୍ ଗାଁ ର ଅଯୋଧ୍ୟା ବଣ୍ଡକି ଓ ଗୁଞ୍ଜିପାଲି ଗାଁର ଚତୁରୁ ବାଗ ଓ ପ୍ରଦୀପ ମହାକୁର ଥିବା ସୂଚନା ରହିଛି। ପୁଲିସ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଶୋଭାକର ସେଟ ସୂଚନା ଦେଇଛନ୍ତି । ବଜରଙ୍ଗ ଦଳ କର୍ମୀ, ଗୋ ସେବା ଶ୍ରମ କର୍ମଚାରି, ଗ୍ରାମବାସୀ ଓ ଗୋ ସେବକ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ ନ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନ ନେଇ ଧମକ୍ ଦେଇଛନ୍ତି । ଏ ନେଇ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ନିର୍ବାଚନ ସରିବା ଅନେକ ଦିନ ହେବା ସହିତ ନୂଆ ସରକାର ଗଠନ ହୋଇ ରାଜ୍ୟ ହିତ ଓ ହିନ୍ଦୁ ସୁରକ୍ଷା, ଗୋ ରକ୍ଷା ନେଇ ବଦ୍ଧ ପରିକର ଥିବା ବେଳେ ଗୋ ମାନଙ୍କ କ୍ଷତି କରିଥିବା ଅପରାଧୀ ମାନଙ୍କୁ କ୍ଷମା କରାଯିବ ନାହିଁ ବୋଲି କହିଛନ୍ତି । ଆଇନ୍ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ।

## ଫରେଷ୍ଟର ସଞ୍ଜୟ ନାୟକ ଆତ୍ମହତ୍ୟା ଘଟଣା : ଡିଏଫଓଙ୍କୁ ଜେରା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡିର ଫରେଷ୍ଟର ସଞ୍ଜୟ ନାୟକ ଆତ୍ମହତ୍ୟା ଘଟଣାରେ ରାୟଗଡ଼ା ଡିଏଫଓ ଦେବେନ୍ଦ୍ର ବେହେରାଙ୍କୁ ପୁଲିସ ପକ୍ଷରୁ ଜେରା କରାଯାଇଛି। କୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇବା ପରେ ଡିଏଫଓ ଶ୍ରୀ ବେହେରା ଭବାନୀପାଟଣା ଟାଉନ ଥାନାରେ ହାଜର ହୋଇଥିଲେ। ଭବାନୀପାଟଣା ଟାଉନ ପୁଲିସ ଥାନାରେ ଏସଡିପିଓ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିଥିବା ସୂଚନା ମିଳିଛି। ଡିଏଫଓ ମୃତ ଫରେଷ୍ଟରଙ୍କୁ ପିସି ମାଗି ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ ମୃତକ ସଞ୍ଜୟ ନାୟକଙ୍କ ପତ୍ନୀ। ରାୟଗଡ଼ା ଡିଏଫଓ ଦେବେନ୍ଦ୍ର ବେହେରାଙ୍କ ସହ ଏସିଏଫ ରଜନୀକାନ୍ତ ରାଓ, ରାୟଗଡ଼ା ଏରିଆ ରେଞ୍ଜର ପ୍ରକାଶ ରଥଙ୍କୁ ବି ଜେରା କରାଯାଇଛି ।

## ୫୦ବର୍ଷରେ କନ୍ଧମାଳ ବସଷ୍ଟାଣ୍ଡ ଦୁର୍ଗାପୂଜା

କନ୍ଧମାଳ, (ସବ୍ୟୁ) : ୫୦ବର୍ଷରେ ପଦାର୍ପଣ କରିଛି କନ୍ଧମାଳ ବସଷ୍ଟାଣ୍ଡ ଦୁର୍ଗାପୂଜା । ସୁବର୍ଣ୍ଣଜୟନ୍ତୀ ପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି । ପୂଜା ମଣ୍ଡପକୁ ଆକର୍ଷଣୀୟ ଓ ମନଲାଖି କରିବାକୁ କମିଟି ପକ୍ଷରୁ ପ୍ରୟାସ ଜାରି ରହିଛି । ଏଥର ରାବଣ ଦରବାର, ମୀନାବଜାର, ନାମଯଜ୍ଞ,ମା ବିନ୍ଧ୍ୟବାସିନୀ ଦଣ୍ଡନୃତ୍ୟ ହେବ ମୁଖ୍ୟଆକର୍ଷଣ । ଷଷ୍ଠୀ ତିଥି ପୂର୍ବରୁ ମୂର୍ତ୍ତି ଓ ତୋରଣ କିପରି ଶେଷ ହେବ ସେଥିପାଇଁ କାରିଗର ଲାଗିପଡିଛନ୍ତି । ପ୍ରତିବର୍ଷ ଅପେକ୍ଷା ଚଳିତ ବର୍ଷ ସୁବର୍ଣ୍ଣଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପୂଜା କମିଟି ତରଫରୁ ଆକର୍ଷଣୀୟ ତୋରଣ, ପୂଜାମଣ୍ଡପ, ମୂର୍ତ୍ତି,ଆଲୋକ ସାଜସଜ୍ଜା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବ୍ୟାପକ ପ୍ରୟାସ କରାଯାଇଛି । ଚଳିତ ବର୍ଷ ସାଜସଜ୍ଜା, ମୂର୍ତ୍ତି ଓ ପୂଜାବିଧି କୁ ଅଧିକ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ପୂଜାକମିଟି ସଭାପତି ବନମାଳୀ ପୁଟେଲ । ସେହିପରି ପ୍ରଥମଥର ଆୟୋଜିତ ରାବଣ ଦରବାରରେ ପ୍ରତ୍ୟେହ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ । ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ କମିଟି ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ ହାଇସ୍କୁଲ ଖେଳ ପଡିଆରେ ରାବଣ ଦରବାର ଓ ମୀନାବଜାରରେ ସ୍ୱତନ୍ତ୍ର ତଥା କିଛି ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉଦ୍ୟମ କରାଯାଇଛି । ପ୍ରତ୍ୟେହ ଭକ୍ତମାନଙ୍କ ପାଇଁ ଅନ୍ନ ଭୋଗ ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକଙ୍କ ସମ୍ବଲପୁର ଓ ଝାରସୁଗୁଡ଼ା ଗସ୍ତ



ସମ୍ବଲପୁର / ଝାରସୁଗୁଡ଼ା,(ସବ୍ୟୁ): ସମ୍ବଲପୁର ସ୍ଥିତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍ତରାଞ୍ଚଳ ଉପନିର୍ଦ୍ଦେଶକ କଲ୍ୟାଣୀ ଦାଶ ଶନିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିବା ସହ ବିଭାଗର ସମ୍ମାନ ବୃଦ୍ଧି କରାଇବା ନିମନ୍ତେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟାଳୟର ବିଭିନ୍ନ ନଥି ଓ ରେଜିଷ୍ଟର ତନଖି କରିବା ସହ ସମସ୍ତ କାର୍ଯ୍ୟ ସମୟାନୁବର୍ତ୍ତିତା ଅବଲମ୍ବନ ପୂର୍ବକ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ, ସଂଚାଳକ ହାରାଧନ ମେଣ୍ଡଲି, ଲାଇବ୍ରେରିୟାନ ନଗେନ ଚନ୍ଦ୍ର ନାୟକ, ଜେଏସ ବ୍ରଜେଶ୍ୱରୀ ଦାସଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

ସେହିପରି ଶୁକ୍ରବାର ଝାରସୁଗୁଡ଼ା ଗସ୍ତ ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପ ନିର୍ଦ୍ଦେଶକ ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥି ଓ ରେଜିଷ୍ଟାର ତନଖି କରିବା ସହ ସମସ୍ତ କାର୍ଯ୍ୟ ସମୟାନୁବର୍ତ୍ତିତା ଅବଲମ୍ବନ ପୂର୍ବକ ସମ୍ପନ୍ନ ସକାଶେ ପରାମର୍ଶ ଦେଇଥିଲେ ।ସେହିପରି ନଥି ତଥା କାର୍ଯ୍ୟାଳୟ ସୁସଜ୍ଜିତ କରି ରଖିବା ପାଇଁ ପରାମର୍ଶ ଦେବା ସହ ତ୍ୱରାନ୍ୱିତ ଢ଼ଙ୍ଗରେ କାର୍ଯ୍ୟ ନିର୍ବାହ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ରେଡକ୍ରସ୍ କାର୍ଯ୍ୟନିର୍ବାହୀ କମିଟି ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରେଡକ୍ରସ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜସ୍ବ ଅଜାମ୍ବର ମହାନ୍ତି, ରେଡକ୍ରସ ସମ୍ପାଦକ ଜୟ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ରେଡକ୍ରସ ଶାଖାର କାର୍ଯ୍ୟକଳାପ, ୨୪-୨୫ ବର୍ଷରେ ଲକ୍ଷ୍ୟ, ଉପଲବ୍ଧି ଓ ଖର୍ଚ୍ଚ, ମହାପ୍ରୟାଣ ଯାନ ପରିଚାଳନା, ରେଡକ୍ରସ ଭବନ (ଘର ଭଡ଼ା ପ୍ରଦାନ ସ୍ଥିତି), ପାର୍ବତୀ ଗିରି ସ୍ମାରକୀ ରେଡକ୍ରସ ଭବନ ପରିଚାଳନା, ରେଡକ୍ରସ ସଦସ୍ୟଙ୍କ ସଦସ୍ୟତା ଅଭିଯାନ, ୨୦୨୩-୨୦୨୪ ବର୍ଷର ଅଡିଟ୍ ହିସାବ, ବୁର୍ଲାରେ ରେଡକ୍ରସ ରେଷ୍ଟ ସେଡର ପରିଚାଳନା ଓ ସମ୍ବଲପୁର ଜିଲ୍ଲା ରେଡକ୍ରସ କାର୍ଯ୍ୟକାରିତାର ରିପୋର୍ଟ, ବୁର୍ଲାସ୍ଥିତ ରେଡକ୍ରସ ମାର୍କେଟ କମ୍ପ୍ଲେକ୍ସ ସମ୍ପର୍କରେ ଆଲୋଚନା ହୋଇଥିଲା।

## ୭ ତାରିଖରେ ୯ ଘଣ୍ଟିଆ ବିଦ୍ୟୁତ କାଟ

ସମ୍ବଲପୁର, (ସବ୍ୟୁ): ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. କଟାପାଲି ଏବଂ ରେଢାଖୋଲ ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ । ଏଥିପାଇଁ ଆସନ୍ତା ୭ ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେବ । ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କଟାପାଲି, ଭୂଇଁଡୁଙ୍ଗୁରୀ, ଚାଉଁରପୁର, ବିଆର୍ ଷ୍ଟିଲ୍, ଏମସିଏଲ୍, ରେଢାଖୋଲ, କଦଳୀଗଡ଼, ନାକଟିଦେଉଳ, କିସିଣ୍ଡା, ବାଟଗାଁ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ।

## ଲରପଙ୍କ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ସ୍ମାର୍ଟ ଶ୍ରେଣୀ ଗୃହ ଉଦଘାଟିତ



ସମ୍ବଲପୁର,(ସବ୍ୟୁ): ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ଲରପଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରକଳ୍ପ ଅନ୍ୱେଷା ଅନ୍ତର୍ଗତ ସ୍ମାର୍ଟ ଶ୍ରେଣୀ ଗୃହ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ହିଣ୍ଡାଲକୋର ଏଫଆରପି ବିଜିନେସ ମୁଖ୍ୟ ସନ୍ଦୀପ ରାୟ, ହିଣ୍ଡାଲକୋ ହୀରାକୁଦର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ, ଏଫ ଆରପି ପ୍ଲାଣ୍ଟ ମୁଖ୍ୟ ସୌମିତ୍ର ରାୟ ମିଳିତ ଭାବେ ଉଦଘାଟନ କରିଥିଲେ । ଆଜିର ଦୁନିଆରେ ଡିଜିଟାଲ ଶିକ୍ଷାର ଗୁରୁତ୍ୱ ରହିଛି । ନୂତନ ଡିଜିଟାଲ ଶ୍ରେଣୀଗୃହ କିପରି ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବଢାଇବ ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଉତ୍ତମ ସୁଯୋଗ ପ୍ରଦାନ କରିବ ସେ ବିଷୟରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

କାର୍ଯ୍ୟକ୍ରମରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଡାଉନ ଷ୍ଟ୍ରୀମ ଏଚ୍. ଆର୍. ହେଡ୍ ଟିଏମ୍ ପ୍ରକାଶ, ହିଣ୍ଡାଲକୋ ହୀରାକୁଦ କଂପ୍ଲେକ୍ସର ଏଚ୍. ଆର୍. ହେଡ୍ ବିଶ୍ୱାସ ସିନ୍ଧେ, ଏଫଆରପିର ଏଚ ଆର୍ ମୁଖ୍ୟ ଶିବ ମିଶ୍ର, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଓଡିଶାର କ୍ଲଷ୍ଟର ସିଏସ୍ଆର୍ ମୁଖ୍ୟ ଶିବ ମହାପାତ୍ର ଏବଂ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ହିମାଦ୍ରୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ହିଣ୍ଡାଲକୋ ହୀରାକୁଦର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଜଣସାଧାରଣଙ୍କୁ ଉଦବୋଧନ ଦେଇ ହିଣ୍ଡାଲକୋ ଏହିପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ ।

## ମଦ ଜବତ, ବନ୍ଧାହେଲେ ବେପାରୀ

ରାଉରକେଲା,(ସବ୍ୟୁ): ମାତିଥିଲେ ମଦ ବେପାରୀ । ଶେଷରେ ଅବକାରୀ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ମଦ ରାନ୍ଧିବା ଓ ବିକ୍ରି କରିବା ଅଭିଯୋଗରେ ରାଉରକେଲା ଅବକାରୀ ପୁଲିସ ୮ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

ଅଭିଯୁକ୍ତମାନେ ହେଲେ ଖୁଣ୍ଟଗାଁର ଭାଗିରଥୀ ଲାଖୁଆ(୫୦), ଲାଲୁ ଲାଖୁଆ(୩୫), ତୁନ୍ଦ୍ରାର ସାବିତ୍ରୀ କୁମ୍ଭାର(୩୪), କାଳେଶ୍ୱର କୁମ୍ଭାର(୨୫), ଖୀଦା ବଡ଼ାଇ(୫୦), ଦୁଣ୍ଡା କୁମ୍ଭାର(୪୫), ସୁଇଡିହିର ବିଜୟ ସିଂହ(୩୭) ଓ ଟାଙ୍ଗରପାଲୀର ମୁଗିଆ ଓରାମ(୪୧)। ଅଭିଯୁକ୍ତଙ୍କ ପାଖରୁ ୨୮୨ ଲିଟର ଦେଶୀ ମଦ ଓ ୨୭୫୦ କେଜି ମହୁଲପୋଚ ଓ ଗୋଟିଏ ମୋଟର ସାଇକଲ ଜବତ ହୋଇଛି। ଦୀର୍ଘଦିନ ହେଲା ସୁଇଡିହି, ଟାଙ୍ଗରପାଲି, ଖୁଣ୍ଟଗାଁ, କୁନ୍ଦ୍ରା ଅଞ୍ଚଳରେ ଦେଶୀ ମଦ ରାନ୍ଧୁଥିଲେ। ଉକ୍ତ ଦେଶୀ ମଦକୁ ରାଉରକେଲା ସହର ଭିତରକୁ ଚୋରାଚାଲାଣ କରୁଥିଲେ। ସହରର ବିଭିନ୍ନ ବସ୍ତି ତଥା ଛୋଟବଡ଼ ଢ଼ାବାକୁ ଯୋଗାଉଥିଲେ। ଏନେଇ ସୂଚନାପାଇ ଅବକାରୀ ପୁଲିସ ଶନିବାର ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଅଭିଯୁକ୍ତମାନେ ମଦ ତିଆରିରେ ମସଗୁଲ ଥିଲେ । ଘଟଣାସ୍ଥଳରୁ ୮ ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବାବେଳେ କିଛି ଅଭିଯୁକ୍ତ ଫେରାର ହେବାରେ ସକ୍ଷମ ହୋଇଥିଲେ।

## ମଦ ଜବତ, ୨ ଗିରଫ

ଜମନକିରା,(ସବ୍ୟୁ): ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ କଦଳିପାଲ ଗାଁ ନିକଟରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଅପରାହ୍ନ ସମୟରେ ଏକ ବାଇକରେ ମଦ କାରବାର କରୁଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବିହାର ରାଜ୍ୟ ଔରଙ୍ଗାବାଦ ଦାଉଦନଗରର ରାକେଶ କୁମାର ( ୨୫) ଏବଂ ଝାରଖଣ୍ଡ ରାଜ୍ୟ ତୁମ୍ପାପେଦା ଗାଁର ସୁଧୀର କୁମାର (୩୫) ବୋଲି ଜଣାପଡିଛି। ପୋଲିସ ମଦ, ବାଇକ ଜବତ କରି ଜମନକିରା ଥାନା କେସ ନ.୧୮୭/୨୪ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତକୁ ବିଚାର ବିଭାଗ କୋର୍ଟ ହାଜତକୁ ପଠେଇଥିବା ପୋଲିସ କହିଛି।

## ରାଜ୍ୟସ୍ତରୀୟ ଯୋଗ ଓ ସନ୍ତରଣ ପ୍ରତିଯୋଗିତା ଉଦଯାପିତ



ସମ୍ବଲପୁର,(ସବ୍ୟୁ): ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଯୋଗ ଓ ସନ୍ତରଣ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସନ୍ତରଣରେ ୧୪ ବର୍ଷରୁ କମ ବର୍ଗର ବାଳିକା ବିଭାଗରେ ସମ୍ବଲପୁର ଓ ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିଅନ ହୋଇଛି । ୧୭ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିଅନ ହେଇଥିଲେ। ଯୋଗ ପ୍ରତିଯୋଗିତାର ୧୪ ବର୍ଷରୁ କମ ବାଳିକା ବିଭାଗରେ ପୁରୀର ଫାଲଗୁନି ନାୟକ ପ୍ରଥମ, କେନ୍ଦ୍ରାପଡାର ପ୍ରିୟଙ୍କା ପ୍ରିୟଦର୍ଶନୀ ମାଝି ଦ୍ୱିତୀୟ,ବରଗଡର ପ୍ରଜ୍ଞା ପାରମିତା ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ମୟୁରଭଞ୍ଜର କୃଷ୍ଣ ନାୟକ ପ୍ରଥମ, ପୁରୀର ଜନାର୍ଦ୍ଦନ ପୂଜାପଣ୍ଡା ଦ୍ୱିତୀୟ ଓ ଗଣେଶ ସୁଆର ତୃତୀୟ ସ୍ଥାନ ଅଧିକାର କରିଥିଲେ। ୧୭ ବର୍ଷରୁ କମ ବର୍ଗର ବାଳିକା ବିଭାଗରେ ବରଗଡର ରଞ୍ଜିତା ଭୁଏ, କଟକର ପାୟଲ ପରିଡା, ଶକ୍ତି ସ୍ୱରୂପା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବାଳକ ବିଭାଗରେ ପୁରୀର ଅଭିଜିତ ତ୍ରିପାଠୀ ପ୍ରଥମ,କିଶନ ରଥ ଦ୍ୱିତୀୟ, ସୋନପୁରର ପ୍ରକାଶ ମେହେର ତୃତୀୟ ସ୍ଥାନ ପାଇଥିଲେ। ଉଦଯାପନୀ ଉତ୍ସବରେ ଆଞ୍ଚଳିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବିକାଶ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ରାଜ୍ୟ ଶାରୀରିକ ଶିକ୍ଷାର ଅତିରିକ୍ତ ନିର୍ଦ୍ଦେଶକ ଭାଗିରଥି ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ ଲୁହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଝୁଲନ୍ତା ମୃତ ଦେହ ଉଦ୍ଧାର : ମିଳିଲାନି ଚାରି କାନ୍ଧ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଞ୍ଚଳରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ପୁରୁଣାକଟକ ପୋଲିସ । ଶେଷରେ ମିଳିଲାନି ଚାରିକାନ୍ଧ । ଗ୍ରାମବାସୀଙ୍କ ସହାୟତାରେ ମର ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଲା ପୋଲିସ ।

ସୂଚନା ଅନୁଯାଇ ପୁରୁଣାକଟକ ଥାନା ତିଲେଶ୍ୱର ପଞ୍ଚାୟତ ଖଣ୍ଡହତା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଘଟିଛି ଏଭଳି ଘଟଣା । ଗ୍ରାମର ଜୈନିକ ଯୁବକ (୫୩) ଗାଁ ଜଙ୍ଗଲ ଥିବା ଏକ ମହୁଲ ଗଛରେ ନିଜେ ପିନ୍ଧିଥିବା ଲୁଙ୍ଗିକୁ ବେକରେ ଲଗାଇ ଝୁଲନ୍ତା ଅବସ୍ଥାରେ ଥିବା ଗ୍ରାମର କିଛି ବ୍ୟକ୍ତି ଗାଈ ଚରାଇ ଫେରୁଥିବା ବେଳେ ଦେଖିଥିଲେ । ଏନେଇ ଗ୍ରାମବାସୀଙ୍କୁ ଯାଇ କହିଥିଲେ । ଖବର ଶୁଣିବା ପରେ ଗ୍ରାମବାସୀ ପୁରୁଣାକଟକ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ପହଂଚି ଗ୍ରାମବାସୀ ସହ ଆଲୋଚନା କରି ପରିବାରଙ୍କ ପରାମର୍ଶ ନେଇଥିଲେ । କିନ୍ତୁ ପରିବାର ଲୋକେ ଶବ ଛୁଇଁବା ପାଇଁ ମନା କରିବାରୁ ପୋଲିସ ଗ୍ରାମରେ ପଞ୍ଚନାମା କରି ଗ୍ରାମବାସୀଙ୍କ ସହାୟତାରେ ଘଟଣା ସ୍ଥଳରେ ପହଂଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ଅନ୍ୟପଟେ ଉକ୍ତ ମୃତ ଯୁବକଙ୍କ ସପରିବାର ଥିଲେ ମଧ୍ୟ ଶେଷ ସମୟରେ ଚାରି କାନ୍ଧ ମିଳିନ ଥିବା ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି । ଶବ ବ୍ୟବଛେଦ ଗୃହରେ ପଡି ରହିଥିବା ଜାଣି ବୌଦ୍ଧ ରାମଲୀଳା ନାଟ୍ୟ ସଂଶଦ୍ୟ ଏବଂ ସ୍ଥାନୀୟ ପୋଲିସଙ୍କ ସବ ବ୍ୟବଚ୍ଛଦ କରାଯାଇଥିଲା ବୋଲି ପୁରୁଣାକଟକ ଥାନା ପକ୍ଷରୁ ସୂଚନା ମିଳିଛି ।

## ଖପ୍ରାଖୋଲରେ ବ୍ଲକ୍ ବୈଷୟିକ କମିଟି ବୈଠକ
## ସମନ୍ୱିତ କୃଷି ପଦ୍ଧତି ଓ ଜୈବିକ କୃଷି ଉପରେ ଗୁରୁତ୍ୱ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକ୍ ବୈଷୟିକ କମିଟିର ବୈଠକ କମିଟି ଆବାହକ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା,ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ଏ ଭି ଓ ଅଭିଜିତ ପଣ୍ଡା, ମୃତ୍ତିକା ସଂରକ୍ଷଣ ଅଧିକାରୀ ପି .ମେହେର ପ୍ରମୁଖ ଯୋଗଦେଇ ସମନ୍ୱିତ କୃଷି ପଦ୍ଧତି, ଜୈବିକ କୃଷି ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ସେହିପରି କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, କ୍ଷୁଦ୍ର ଶସ୍ୟ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ସମନ୍ୱିତ କୃଷି ପଦ୍ଧତି ପାଇଁ ଚିହ୍ନଟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ କିଷାନ ଯୋଜନାର ୧୮ ତମ କିସ୍ତି ପ୍ରଦାନ ଉତ୍ସବର ସିଧା ପ୍ରସାରଣ ଚାଷୀ ଓ ଅଧିକାରୀ ଦେଖିଥିଲେ। ଏହି ଅବସରରେ ଏ ଟି ଏମ ପରେଶ୍ ମେହେର, ମାନସ ଖମାରୀ, ଏସ ପି ପି ଏଫ୍ ର ସୁରେଶ ବେହେରା, ଗଣେଶ ବନଛୋର ସମେତ ଚାଷୀ ମାନେ ଉପସ୍ଥିତ ଥିଲେ।

# ଏକ ନିଆରା ଓଷା ‘ଜହ୍ନିଓଷା’

## ବୈଷ୍ଣବ ଚରଣ ଦାଶ

ଓଡ଼ିଶା ଏକ ଗ୍ରାମ୍ୟ ବହୁଳ ରାଜ୍ୟ । ଏହି ଗ୍ରାମ୍ୟ ପରିବେଶ ଖୁବ୍ ମନ ମୁଗ୍ଧକର । ଗ୍ରାମ୍ୟ ଜୀବନର ମାଧୁରିମା ଏହାର ବୈଶିଷ୍ଟ୍ୟ ବର୍ଣ୍ଣନା କରେ ।

*ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ତୁଳସୀ ଦେବୀଙ୍କ ନିକଟରେ ଏହି ଓଷା ପାଳନ କରନ୍ତି । ବିଭିନ୍ନ ଗୀତ, ଖେଳ, ହୁଳହୁଳି ସହିତ ଝିଅମାନେ ଏହା ପାଳନ କରିଥାନ୍ତ । ତତ୍ ସହିତ ପୂଜା ମଧ୍ୟ କରିଥାନ୍ତି । କୁମାରୀମାନେ ସକାଳେ ସୂର୍ଯ୍ୟ ଉଇଁବା ପରେ ନଦୀ-ପୋଖରୀରେ ଗାଧୋଇ ବାଲିପିଣ୍ଡ ଦେଇଥାନ୍ତି । ଏହି ବାଲିପିଣ୍ଡକୁ ବିଭିନ୍ନ ପ୍ରକାରର ଫୁଲରେ ସଜାଇଥାନ୍ତି ।*

ଏହି ଗ୍ରାମ୍ୟ ପରିବେଶରେ ଅନେକ ଓଷା-ବ୍ରତ ପାଳନ କରାଯାଏ । ନାନାଦି ପିଠାପଣାର ସୁଗନ୍ଧରେ ଆଖପାଖ ମହକି ଉଠେ । ସେହି ଗ୍ରାମୀଣ ପର୍ବ ମଧ୍ୟରୁ ଜହ୍ନି ଓଷା ଅନ୍ୟତମ ।

ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ତୁଳସୀ ଦେବୀଙ୍କ ନିକଟରେ ଏହି ଓଷା ପାଳନ କରନ୍ତି । ବିଭିନ୍ନ ଗୀତ, ଖେଳ, ହୁଳହୁଳି ସହିତ ଝିଅମାନେ ଏହା ପାଳନ କରିଥାନ୍ତ । ତତ୍ ସହିତ ପୂଜା ମଧ୍ୟ କରିଥାନ୍ତି । କୁମାରୀମାନେ ସକାଳେ ସୂର୍ଯ୍ୟ ଉଇଁବା ପରେ ନଦୀ-ପୋଖରୀରେ ଗାଧୋଇ ବାଲିପିଣ୍ଡ ଦେଇଥାନ୍ତି । ଏହି ବାଲିପିଣ୍ଡକୁ ବିଭିନ୍ନ ପ୍ରକାରର ଫୁଲରେ ସଜାଇଥାନ୍ତି । ସଞ୍ଜରେ ସେମାନେ ତୁଳସୀ ଚଉରା ମୂଳକୁ ଜହ୍ନିଫୁଲରେ ସଜାଇ, ଲିଆ ଭୋଗ କରିଥାନ୍ତି । ଏହି ମାସ ସାରା ଓଷାକାରିଣୀ ଝିଅମାନେ ଜହ୍ନି ଖାଇନଥାନ୍ତି । ସଞ୍ଜବେଳେ ଝିଅମାନେ ଜହ୍ନିଓଷା ଗୀତ ବୋଲିଥାନ୍ତି । ଏହି ଓଷାରେ ଦୀନକୃଷ୍ଣ ଦାସଙ୍କର ରଚିତ ‘ଜହ୍ନିଓଷା’ କଥା ପଠିତ ହୁଏ, ଯେଉଁଥିରେ ବିଭିନ୍ନ ଛାନ୍ଦରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ବର୍ଣ୍ଣନା କରାଯାଇଛି । ଏହି ଗୀତ ଏକାଦଶ ଅକ୍ଷରୀ ପଦ୍ୟରେ ପାଞ୍ଚ ଛାନ୍ଦରେ ବିଭକ୍ତ । ଆଶ୍ୱିନ ମାସସାରା ପ୍ରତି ଅପରାହ୍ଣରେ ଜହ୍ନିଫୁଲ ଫୁଟିବା ପରେ, ଜହ୍ନିଫୁଲକୁ ନେଇ ଅନ୍ୟ ଦ୍ୱାରା ଗଛରୁ ତୋଳାଇ ଆଣି, ତୁଳସୀ ଚଉରା ମୂଳେ କୁମାରୀମାନେ ବୃନ୍ଦାବତୀଙ୍କୁ ପୂଜା କରନ୍ତି । ଏଥି ସମୟରେ ଲିଆ, ଉଖୁଡ଼ା, କଦଳୀ, କାକୁଡ଼ି ଆଦି ଭୋଗ କରନ୍ତି । କୁଷ୍ଠ ରୋଗରୁ ମୁକ୍ତି, ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ଜହ୍ନିଓଷା କରାଯିବାର କଥିତ ଅଛି । ଏହି ପର୍ବରେ ପୁଚି ଖେଳ ମଧ୍ୟ ହୋଇଥାଏ । କୁମାରୀମାନେ ଗୀତ ଗାଇ ଗାଇ ପୁଚି ଖେଳନ୍ତି ।

*‘କୁଆଁର ପୁନେଇଁ ଜହ୍ନଗୋ*
*ଫୁଲ ବଉଳ ବେଣୀ*
*କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ*
*ପୁଚି ଖେଳିବାକୁ ମନ ଗୋ*
*ଫୁଲ ବଉଳ ବେଣୀ ।*

ଯେଉଁମାନେ ଜହ୍ନିଓଷା ପାଳନ କରନ୍ତି ସେମାନେ ମାସ ସାରା ଆମିଷ, ଜହ୍ନି, ପ୍ରଭୃତି ଜିନିଷ ଖାଇ ନଥାନ୍ତି । ଅତି ନିଷ୍ଠାର ସହ ଏହି ପୂଜାକୁ ବିଧିବିଧାନର ସହ ପାଳନ କରାଯାଏ । ଜହ୍ନି ଓଷା ପାଳନ କଲେ ଭଲ ବର ଓ ଭଲ ଘର ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏଭଳି ବିଶ୍ୱାସ ରହିଥିବାରୁ କୁଆଁରୀ କନ୍ୟାମାନେ ଜହ୍ନି ଓଷା ବ୍ରତ କରିଥାନ୍ତି । ବିଶେଷ କରି ଗଞ୍ଜାମ ଓ ଗଜପତି ଜିଲ୍ଲାର ଝିଅମାନେ ଏହି ବ୍ରତକୁ ଅତି ଧୂମ୍‌ଧାମରେ ପାଳନ କରିଥାନ୍ତି । ପୌରାଣିକ କଥା ଅନୁଯାୟୀ ଶିବଙ୍କୁ ପାଇବା ପାଇଁ ପାର୍ବତୀ ଏହି ଓଷା କରିଥିଲେ । ଏହି ଓଷା କରିବା ପାରେ ମା’ ପାର୍ବତୀଙ୍କୁ ଶିବ ପ୍ରାପ୍ତ ହୋଇଥିଲେ ବୋଲି କଥିତ ରହିଛି । ଏଣୁ ଏହି ବ୍ରତର ଅନ୍ୟ ନାମ ଗୌରୀ ପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଇଥାଏ । ଜହ୍ନି ଓଷା ଆରମ୍ଭ ଦିନ ପଲ୍ଲୀର କୁମାରୀମାନେ ତୁଳସୀ ଚଉରା ମୂଳରେ ଛାମୁଣ୍ଡିଆ ନିର୍ମାଣ କରି ଗୋବରରେ ଲିପାପୋଛା କରିଥାନ୍ତି । ପଞ୍ଚବର୍ଣ୍ଣ ମୁରୁଜରେ ନାନାଦି ଚିତା, ଝୋଟି ପକାଇଥାନ୍ତି । କଳସ ସ୍ଥାପନ କରି ଜହ୍ନି ଫୁଲରେ ପୂଜା କରିଥାନ୍ତି । ତତ୍ ସହିତ ଲକ୍ଷ୍ମୀ ନାରାୟଣ ପୁରାଣ, ବିଭିନ୍ନ ଚଉତିଶା, ଜଣାଣ ବୋଲିଥାନ୍ତି । ଶେଷରେ ପୂଜା କରାଯାଇଥିବା ଭୋଗକୁ ବାଣ୍ଟିଥାନ୍ତି । କୁମାର ପୂର୍ଣ୍ଣିମା ଦିନ ରାତିସାରା ଉଜାଗର ରହି ଏହି ଓଷା ସମାପନ କରାଯାଇଥାଏ । ରାତିରେ କୁମାରୀମାନେ ପୁଚି, ତାସ, ଲୁଡୁ ଇତ୍ୟାଦି ଖେଳ ମଧ୍ୟ ଖେଳିଥାନ୍ତି ।ବହୁ ବାଦବିସମ୍ବାଦ ସତ୍ତ୍ୱେ ପଲ୍ଲୀରେ ଏକ ପରିବାରତ୍ୱର୍ ପରମ୍ପରା ଗଢି ଉଠିଛି କେଉଁ ଅନାଦି କାଳରୁ । ବିଭିନ୍ନ ଓଷା ବ୍ରତ ଏହି ସମ୍ପର୍କକୁ ଆହୁରି ଦୃଢୀଭୂତ କରିଥାଏ । ଜହ୍ନିଓଷା ଏହାର ଏକ ଉଦାହରଣ ମାତ୍ର । ଆଜିର ଉଗ୍ର ଆଧୁନିକତାର ସ୍ପର୍ଶରେ ଅନେକ ଓଷା ଗ୍ରାମାଞ୍ଚଳରୁ ଲୋପ ପାଇଥିଲେ ମଧ୍ୟ ଜହ୍ନିଓଷା ତାର ସ୍ୱତନ୍ତ୍ରତା ବଜାୟ ରଖିଛି ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା ଗଞ୍ଜାମ**
**ମୋ-୯୭୭୬୫୩୪୯୩୦**

# ସାରସ୍ୱତ ସାଧକ ଗୋଦାବରୀଶ ମହାପାତ୍ର

## ବିଶ୍ୱବିଜୟୀ ଦାଶ

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଜଣେ ସାରସ୍ୱତ ବ୍ୟକ୍ତିତ୍ୱ । ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିଦ୍ଧାଣି । ନିତିଦିନିଆ ଜୀବନରେ ସାମାଜିକ ଏବଂ ଜାତୀୟ ସମସ୍ୟା ସମ୍ବଳିତ, ଚିନ୍ତନ ଓ ଅନୁଭୂତିରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି, ସେହିସବୁ ଲେଖା ସମୂହର ସ୍ରଷ୍ଟା ହେଉଛନ୍ତି, ଅନନ୍ୟ ପ୍ରତିଭାଧାରୀ ଗୋଦାବରୀଶ ମହାପାତ୍ର । ସେ ଏକାଧାରାରେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚକ, ସମାଜସେବକ ତଥା ବ୍ୟଙ୍ଗ ରଚନାକାର । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ ।

ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ । ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ । ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା, ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା । ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟରେ ପାଠ ପଢ଼ିବା ଆରମ୍ଭ କଲେ । ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲରେ ପରିଣତ ହେବା ପରେ, ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ । ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା, ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ । ଷଷ୍ଠ ଶ୍ରେଣୀର ଛାତ୍ର ଥିବା ସମୟରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ, ତାଙ୍କ ଜୀବନର ପ୍ରଥମ କାବ୍ୟ ‘ବାଣପୁର’ ଲେଖି । ଏହି କବିତା ଏତେ ଭାବଗର୍ଭକ ଏବଂ ଚିତ୍ତାର୍କଷକ ଥିଲା ଯେ ତତ୍କାଳୀନ ‘ମୁକୁର’ ପତ୍ରିକାର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ ‘ମୁକର’ରେ ସ୍ଥାନିତ କରିବା ସହ ‘ମୁକୁର ପ୍ରେସ’ ରେ ପୁସ୍ତକ ଆକାରରେ ଛପାଇଥିଲେ । ଏହି କବିତାର କିଛି ପଂକ୍ତି-

*‘ନିଃସର୍ଗ ମାଧୁରୀ ଲଳିତ ପ୍ରକୃତି*
*ସୃଷ୍ଟି ଆଦି ଦିନୁ ବିଶ୍ୱେ ଯା’ର ସ୍ଥିତି ।*
*ଆହା ବାଣପୁର ମୋ’ ପ୍ରିୟ ଜନନୀ*
*ତୋ’ ରୂପ ଛଟା କି ବର୍ଣ୍ଣିବ ପୁଣି*
*ଯହିଁ ଚାହେଁ ଶତ ଶୋଭାର ଭଣ୍ଡାର*
*ବିଲ,ବଣ,ପଦା,ଶଇଳ,କେଦାର*
*ଗୋଟିଏ ଗୋଟିକି ବଳି ଶୋଭାବନ*
*କାନନୁ ଭୂଧର ଭୂଧରୁ କାନନ ।’*

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି । କବିର ଅନ୍ୟନାମ ସ୍ରଷ୍ଟା । ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର, ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି,ଯାହାଙ୍କ ସୃଷ୍ଟ ମାନସ ସନ୍ତାନମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ । ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ‘କୁମାର ପାଠାଗା’ର ଏବେ ବି ଠିଆ ହୋଇଛି, ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଏକ ଉନ୍ନତ ପାଠାଗାର ଭାବରେ । ଏହି ପାଠାଗାର ହିଁ ଥିଲା ଗୋଦାବରୀଶଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ ।

ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ । ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚାର୍ଯ୍ୟ ହରିହରଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା ।

ଗୋଦାବରୀଶଙ୍କ ଦ୍ୱାରା ରଚିତ ‘କଣ୍ଟା ଓ ଫୁଲ’ ଏବଂ ‘ଉଠ କଙ୍କାଳ’ କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଶିଶୁ ସାହିତ୍ୟ ‘ମୋ ଖେଳ ସାଥୀ’ ଓ ‘ବଙ୍କା ଓ ସିଧା’ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁରରୁ ତାଙ୍କ ପ୍ରକାଶିତ ‘ହିତୈଷିଣୀ’ ପତ୍ରିକାରେ କାମ କଲେ । ଏମିତି ପ୍ରାୟ ଅନେକ ପତ୍ରିକାରେ ସେ କାମ କରିଥିଲେ । ତେଣୁ ବହୁଦିନର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ । ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ ‘ନିଆଁଖୁଣ୍ଟା’ ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର । ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା । ଆଜି ପର୍ଯ୍ୟନ୍ତ ‘ନିଆଁଖୁଣ୍ଟା’ର ସ୍ଥାନ ଅନ୍ୟ କୌଣସି ପ୍ରତ୍ରିକା ନେଇପାରିନାହାନ୍ତି’ । ୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ ‘ନିଆଖୁଣ୍ଟା’ ପତ୍ରିକା ତାଙ୍କୁ ଏକ ବିଶାଳ ଜାତୀୟତାବାଦୀ ଅନୁଷ୍ଠାନରେ ପରିଣତ କରିଦେଲା ।

‘ଓଡ଼ିଆ ସାହିତ୍ୟରେ ହାସ୍ୟ ଏବଂ ବ୍ୟଙ୍ଗର ଏକ ସମୃଦ୍ଧ ପରମ୍ପରା ରହିଛି । କିନ୍ତୁ ସମାଜର ତୃଣମୂଳ ସ୍ତରରେ ରମ୍ୟ, ବ୍ୟଙ୍ଗ ଏବଂ ହାସ୍ୟକୁ ପହଞ୍ଚାଇବାରେ ଗୋଦାବରୀଶ ମହାପାତ୍ରଙ୍କ ସବୁଠୁ ଅଧିକ ଅବଦାନ ରହିଛି । ଗୋଦାବରୀଶ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ । ବାଲ୍ୟକାଳରୁ ସେ ସତ୍ୟବାଦୀ ବନ ବିଦ୍ୟାଳୟ ସହ ସମ୍ପୃକ୍ତ ଥିଲେ । ଏହି ବିଦ୍ୟାଳୟ ତାଙ୍କ ଜୀବନ ଦର୍ଶନକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା’ । ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ । ସେ ଅନେକ ଗପ, ଉପନ୍ୟାସ, କବିତା ଆଦି ଲେଖିଛନ୍ତି । ଗୋଦାବରୀଶ ମହାପାତ୍ରଙ୍କ ରଚିତ ‘ଉଠ କଙ୍କାଳ’ କବିତା ମୋ ଭଳି ଅନେକଙ୍କୁ ପ୍ରଭାବିତ କରିଛି । ସେହି କବିତାର କିଛି ପଂକ୍ତି-

*ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,*
*ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ!*
*ପୃଥ୍ୱୀ ବିଦାରି ବାରବାଟୀ ମଡ଼ା ଉଠ ଉଠ ଚଞ୍ଚଳ,*
*ଖୋରଧାର ଶତ ସରଦାର ଶିର କର*
*ଉନ୍ନତତର !*
*ଉଠ କଙ୍କାଳ, ଛିନ୍ଦୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି,*
*ଉଠୁ ଗତ ଗୌରବ, ହୃତ ଗୌରବ, ମୃତ*
*ଗୌରବ ।’*

ଏହି ସାରସ୍ୱତ ସାଧକଙ୍କର, ୨୫ ନଭେମ୍ବର ୧୯୬୫ ମସିହାରେ ପରଲୋକ ହୋଇଥିଲା ।

**ମୋ- ୬୩୭୦୨୦୮୪୨୮**

# ଠିକଣା ବାଟରେ ଜୀବନ...

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଗଳ୍ପ

ରବିବାର ଛୁଟିଦିନ । ଘର ବାହାର ବାରଣ୍ଡାରେ ପିଲାଙ୍କୁ ପାଠ ପଢାଉଥିଲେ ବିମଳେଶ । ପ୍ରତି ରବିବାର ବୀମଳେଶଙ୍କ ନିୟମ ଥିଲା ବସ୍ତିବାସିନ୍ଦାଙ୍କ କୋମଳମତି ପିଲାଙ୍କୁ ପାଠ ପଢେଇବା, ସେମାନଙ୍କୁ ସହାୟତାର ହାତ ବଢ଼େଇବା । ଆଉ ସକାରାତ୍ମକ ମାର୍ଗରେ ଅନୁପ୍ରେରିତ କରିବା ।

ପଢ଼ା ଶେଷ ହେଲା ପରେ ପିଲାଏ ଉଠିକରି ଯାଉଛନ୍ତି, ଭିତରେ ଯାଉ ଯାଉ ବିମଳେଶଙ୍କ ପାଦ ଥମ୍ କିନା ଅଟକିଗଲା । ସାମନାରେ ନଜର ଲାଖିଗଲା ପଇଁତିରିଶ ଛତିଶ ବର୍ଷ ସରିକି ଲୋକଟି ଉପରେ । ସେ ଘର ଭିତରକୁ ପ୍ରବେଶୁଥିଲା । ଲୋକଟି କିଛିଟା ଚିହ୍ନା ଜଣା ଭଳି ମନେ ହେଉ ନଥିଲା । ପାଖକୁ ଆସିବାକ୍ଷଣି ପାଦ ଛୁଇଁଲା ବିମଳେଶଙ୍କର । ବିମଳେଶ ତାକୁ ଚିହ୍ନିବାର ପ୍ରୟାସ କରୁଥିବା ଲକ୍ଷ୍ୟକରି ଲୋକଟି କହିଲା-ସାର୍ ! ଆପଣ ମତେ ଚିହ୍ନିପାରୁନାହାନ୍ତି, ମୁଁ ପରା ଆପଣଙ୍କ ପୁରୁଣା ଛାତ୍ର ଅମର ।

ନାମ କହିବା ମାତ୍ରେ ବିମଳେଶଙ୍କର ମନେ ପଡ଼ିଗଲା ଅଠର ଉଣେଇଶ ବର୍ଷ ପୂର୍ବର ଘଟଣା । ବର୍ଷକର କୋଚିଂ ଆଉ ହାଡ଼ଭଙ୍ଗା ପରିଶ୍ରମ ସତ୍ତ୍ୱେ ମେଧାବୀ ଅମର ଯେତେବେଳେ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ଚୟନ ହୋଇପାରିଲା ନାହିଁ, ସେତେବେଳେ ନୈରାଶ୍ୟ, ଗ୍ଲାନିରେ ଭାଙ୍ଗିପଡ଼ି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲା ସେ । ଅତୀତ ସ୍ମୃତିରୁ ମୁକୁଳି ଆସିଲେ ବିମଳେଶ ବର୍ତ୍ତମାନ ସ୍ଥିତିକୁ । ମନକୁ ଫେରାଇ ଆଣି କହିଲେ- ଅମର ତୁମେ,ଭିତରକୁ ଚାଲ ।

ସେ ପତ୍ନୀ ଶୁଭା ସହିତ ପରିଚିତ କରାଇଲେ ଅମରଙ୍କୁ । ସତ୍କାର, ସମ୍ଭାଷଣ ଓ ଖାନାପିନା ପର୍ବ ସରିବା ପରେ ଶୁଭା ବି ବସି ପଡ଼ିଥିଲେ ସେଠି । ପୁରୁଣା ଦିନର ମଧୁର ସ୍ମୃତିକୁ ରୋମନ୍ଥନ କରି ଭାବବିହ୍ୱଳ ହୋଇ ସେ କହିଲା- ସାର୍ ! ଆପଣଙ୍କ ସେହି ଚିଠି ଖଣ୍ଡିକ ବଡ ସନ୍ତର୍ପଣରେ ସାଇତି ରଖିଛି ଏଯାଏ । ମନେପଡୁଛି ନା, ମୁଁ କେଡେ ବିପଜ୍ଜନକ ପଦକ୍ଷେପ ନେଇଥିଲି ସେତେବେଳେ । ମତେ ଭେଟିବାକୁ ଡାକ୍ତରଖାନା ଆସିଥିଲେ ଆପଣ ।

ସାର୍, ମୁଁ ଜାଣେ ଆପଣ ଅଜଣାତରେ କେତେ କେତେ ପିଲାଙ୍କର ପ୍ରେରଣାର ଉତ୍ସ ପାଲଟି ଯାଇଥିବେ । ମତେ ତ ନୂତନ ଭାବେ ଜୀବନ୍ୟାସ ଦେଇଥିଲେ ଆପଣ । ବାପା ଜଣେ ସରକାରୀ ଚାକିରିଆ, ତାଙ୍କର ବଦଳି ହୋଇ ଯିବାରୁ ମୁଁ ଫେରିଆସି ଦେଖାକରି ପାରି ନ ଥିଲି ଆପଣଙ୍କୁ । ନୈରାଶ୍ୟ ଗ୍ଲାନିରେ ସନ୍ତାପିତ ହେଉଥିବାବେଳେ ଆପଣଙ୍କ ହାତ ଲେଖା କେଇଧାଡ଼ି ମତେ ବେଶ୍ ଅନୁପ୍ରେରିତ କରୁଛି । ଗ୍ରାଜୁଏସନ ପାସ୍ କଲା ପରେ ମ୍ୟାନେଜମେଣ୍ଟ କୋର୍ସ କରିଥିଲି । ତା’ପରେ କିଛିବର୍ଷ ଚାକିରିର ସ୍ୱାଦ ଆସ୍ୱାଦାନ କଲା ପରେ ଆରମ୍ଭ କଲି ବ୍ୟବସାୟ । ଆପଣମାନଙ୍କ ଭଳି ସବୁ ବଡ଼ମାନଙ୍କ ଆଶୀର୍ବାଦ ଓ ଦିଗ୍‌ଦର୍ଶନ ଯୋଗୁ ଆଜି ଅନେକ ବେରୋଜଗାରୀ ଯୁବାଙ୍କୁ ଚାକିରି ଦେବାର ମତେ ସୌଭାଗ୍ୟ ମିଳିଛି ।

ଅମରର ଲୁହ ଛଳଛଳ ବତୁରା ଆଖି ଯୋଡିକୁ ଲକ୍ଷ୍ୟ କରି ନିଜ କୋହକୁ ଆଉ ଚାପି ରଖିପାରିଲେ ନାହିଁ ବିମଳେଶ । ଆବେଗରେ କୁଣ୍ଢାଇ ପକେଇଲେ ଅମରକୁ । ଉତ୍କଣ୍ଠିତ ହୋଇ ପଚାରିଲେ - ଆରେ କଣ ହେଲା ତୁମର ?

ଶୁଭା କହିଲା, କାଲି ଭଳି ମନେ ପଡୁଛି ସେ ଦିନର କଥା । ସେତେବେଳେ ତୁମେ ସଫ୍ଟୱେର କମ୍ପାନୀରେ ଲୋଭନୀୟ ମୋଟାଅଙ୍କର ଦରମାର ଚାକିରି ଛାଡ଼ି ହାଇସ୍କୁଲ ଶିକ୍ଷକ ରୂପେ ଯୋଗ ଦେଇଥିଲ । ଆପଣଙ୍କର ପାଠ ପଢ଼େଇବା ପ୍ରତି ଅନୁରାଗ ଥିଲା, ଆପଣ ନିଜ ପସନ୍ଦର କାମ କରିବାକୁ ଇଚ୍ଛା କରୁଥିଲ । ସେ ସମୟରେ ମୁଁ ଖୁବ୍ ବ୍ୟଥିତ ଓ ଅସୁଖୀ ହୋଇଥିଲି ତୁମର ଏଭଳି ଚୂଡାନ୍ତ ସିଦ୍ଧାନ୍ତ ପାଇଁ ।

ମତେ ମନେ ହେଉଥିଲା ଇଞ୍ଜିନିୟର ପତ୍ନୀ ହେବାର ଗୌରବ ଶିକ୍ଷକ ପତ୍ନୀ ହେବା ଅପେକ୍ଷା ଅଧିକ । କେଡେ ବିଭ୍ରାନ୍ତିକର ଧାରଣା ଥିଲା ମୋର । ତୁମେ ଚାହିଁଥିଲେ କୌଣସି କଲେଜରେ ଅଧ୍ୟାପକ ଚାକିରି ଖଣ୍ଡେ କରି ପାରିଥାନ୍ତ, ତୁମର ପଢେଇବାର ଥିଲା କୈଶୋର ଅବସ୍ଥା ଦେଇ ଗତି କରୁଥିବା ପିଲାଙ୍କୁ । କିନ୍ତୁ ତୁମର କହିବା କଥା ଥିଲା ପଥଭ୍ରଷ୍ଟ ପିଲାଙ୍କୁ ଠିକଣା ମାର୍ଗକୁ ନେଇ ଆଣି ପାରିଲେ ମୋର ଶିକ୍ଷକ ହେବା ସାର୍ଥକ ହେବ ଏବଂ ମୋ ଜୀବନ ଅର୍ଥପୂର୍ଣ୍ଣ ହୋଇପାରିବ । ମୁଁ ବଡ ପାଟିରେ କହିଥିଲି- ଆପଣ ହିଁ ରହିଗଲେ ଦୁନିଆରେ ସୁଧାରିବାକୁ ।

ଲକ୍ଷ ଲକ୍ଷ ପିଲା ବାଟହୁଡ଼ି କୁପଥଗାମୀ ହେଉଛନ୍ତି, ଉଦ୍‌ଭ୍ରାନ୍ତ ହୋଇ ପଡୁଛନ୍ତି । ସେମାନଙ୍କ ଭିତରୁ କେତେକଙ୍କୁ ଯେ ଆପଣ ସଠିକ୍ ମାର୍ଗ ଦେଖାଇ ପାରିବେ । ତେବେ ଆପଣଙ୍କର କହିବା କଥା ହେଲା,ମୁଁ ମାର୍ଗଦର୍ଶନ କରୁଥିବି । ଶିକ୍ଷକଟେ ହୋଇ ପିଲାଙ୍କ ନିକଟବର୍ତ୍ତୀ ହୋଇପାରିବି । ସେ ସମୟରେ ମୁଁ ତୁମର ସମୁଚିତ ନିର୍ଣ୍ଣୟରେ ଖୁସି ବ୍ୟକ୍ତ କରୁ ନଥିଲେ ମଧ୍ୟ ଆଜି କିନ୍ତୁ ମୁଁ ସେଥିପାଇଁ ଦର୍ପିତ,ସ୍ପର୍ଦ୍ଧିତ ଅନୁଭବ କରୁଛି ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର,ଓସ୍କାର ସିଟି ,**
**ଲକ୍ଷ୍ମୀ ସାଗର କେନାଲ ରୋଡ଼,ଭୁବନେଶ୍ୱର**
**ମୋ-୯୫୩୮୩୩୨୧୪୮**

# କବିତା

## ଯା ଦେବୀ ସର୍ବଭୂତେଷୁ...

### ରାମଚନ୍ଦ୍ର ବେହେରା

ନିର୍ମଳ ଧରଣୀ ଶୁଭ୍ର ମେଘମାଳା
ସ୍ୱଚ୍ଛ ଚନ୍ଦ୍ରମା ଗଗନେ
ଶୁଭ୍ର କାଶତଣ୍ଡୀ ଡାକ ଶୁଣି ମାତ
ବିରାଜିଛ ମର୍ତ୍ତ୍ୟ ଧାମେ ।
ପୁଷ୍କରିଣୀ ତଟେ କମଳ ଖେଳୁଛି
ପ୍ରଫୁଲ୍ଲ ଦିଶେ ତା’ ମନ
ତୁମ ଗଳା ହସ୍ତେ ସେ ଶୋଭା ପାଇବ
ତା’ ଜନ୍ମ ହୋଇବ ଧନ୍ୟ ।
ତୁମ ମଣ୍ଡପରେ ଆଳତୀ କାଳରେ
ସଭିଏଁ ହେବେ ଏକତ୍ର
ତୂରୀ ଭେରି ଧ୍ୱନି ଚହଟି ଉଠିବ
ମନ ହୋଇବ ପବିତ୍ର ।
ନଅ ଦିନ ଧରି ଭିନ୍ନ ଭିନ୍ନ ରୂପେ
ତବ ପୂଜାର୍ଚ୍ଚନା ହେବ
ଅସତ୍ୟ ଅଧର୍ମ ଧର୍ମ ଦୁନିଆଁରୁ
ଧୀରେ ଦୂର ହୋଇଯିବ ।
ତୁମ ଆଗମନେ ଧର୍ମର ଆଲୋକ
ଛୁଇଁବ ସଭିଙ୍କ ପ୍ରାଣ
ଅନ୍ଧକାର ରୂପୀ ଅଧର୍ମ ଅନୀତି
ଭବୁ ହୋଇଯିବ ଲୀନ ।
ସୁବର୍ଣ୍ଣ ଲଙ୍କାର ପାପୀ ଦଶାନନ
କରିଥିଲା ସୀତା ଚୋରୀ
ପ୍ରଭୁ ରାମଚନ୍ଦ୍ର ଦଶମୀରେ ତାକୁ
ବଦ୍ଧ କଲେ ତୀର ମାରିଛ
ସାରା ଦେବଗଣ ଅତିଷ୍ଠ ହୋଇଲେ
ମହିଷାସୁର କାରଣେ
ତୁମ ଆର୍ବିଭାବେ ସେ ହେଲା ନିହତ
ଶାନ୍ତି ମିଳିଲା ଭୁବନେଛ
ତୁମରି ଆଶିଷେ ସତ୍ୟ ନ୍ୟାୟ ଧର୍ମ
ଜଗତକୁ ଫେରି ଆସୁ
ତୁମ ନାମ ଜପି ସୁଖ ଶାନ୍ତି ମିଳୁ
ଯା ଦେବୀ ସର୍ବଭୂତେଷୁ ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

## ଶରତ ଶୋଭା

### ଆଦ୍ୟାଶା ମହାପାତ୍ର

ଦିଗେ ଚଉଦିଗେ ଶାରଦୀୟ ଶୋଭା
ଶରତର ଆଗମନେ
ଜଳ ଦର୍ପଣରେ ଶୁଭ୍ର ମେଘ ଛବି
ଆନନ୍ଦ ଭରଇ ମନେ ।
ନଈ ପଠା ଧାରେ କାଶତଣ୍ଡୀ ଫୁଲ
ମନ ମୋହେ ଅପ୍ରମିତ
ଶାଗୁଆ ରଙ୍ଗରେ ସୁନ୍ଦର ଦିଶଇ
ବନ ଉପବନ କ୍ଷେତ ।
ନୀଳ ସାଗରର ଅଧୀର ତରଙ୍ଗ
ଗାଏ ଛଳଛଳ ଗୀତି
କୁମୁଦିନୀ ହୁଏ ଜ୍ୟୋତ୍ସ୍ନାବିଳାସୀ
ସତେ କି ଅଭେଦ୍ୟ ପ୍ରୀତି ।
ସରସୀ ବକ୍ଷରେ ଶୋଭିତ ପଙ୍କଜ
ଅପରୂପା ଚାରୁହାସି
ପ୍ରୀତିସ୍ୱଦା ହୋଇ ଚାହେଁ ନଭ ଦେଶେ
ମନସ୍ୱିତା ମଦିରାକ୍ଷୀ ।
ନାନାଜାତି ପୁଷ୍ପେ ପ୍ରକୃତି ଶୋଭିତ
ଉର୍ବୀ ଦିଶେ ପୁଲକିତ
ଚାରୁ ଚାରୁମୟ ଲାସ୍ୟ ଲାବଣ୍ୟତା
ପ୍ରତି ପ୍ରାଣେ ଅନୁଭୂତ ।



ଶରତ ସନ୍ଧ୍ୟାରେ କୁଆଁତାରା କାନ୍ତି
କେଡେ ମନୋହର ଦିଶେ
ବସୁନ୍ଧରା ହୁଏ ଜ୍ୟୋତ୍ସ୍ନା ବିଧୌତ
ଭୂମି ଠାରୁ ଭୂମା ହସେ ।
ଶରତ ଋତୁର ଯାଦୁକରୀ ସ୍ପର୍ଶେ
ଜଗତ ଦିଶଇ ତୋରା
ଶାଶ୍ୱତ ସୁନ୍ଦର ସମ୍ମୋହିତ ରୂପ
ଦିବ୍ୟ ଅପରୂପା ଧରା ।

**ନୂଆପଡା, କଟକ**
**ମୋ-୯୪୩୮୧୭୫୫୪୨**

## ଗାଆଁରେ ପାର୍ବଣ

### ନିରଞ୍ଜନ ସାହୁ

ପାର୍ବଣ ଆସିଲେ ଗାଆଁକୁ ଫେରନ୍ତି
ଦୂର ବିଦେଶୀଏ ଯିଏ
ଗାଆଁରେ ଚାଲଇ ମିଳନର ପର୍ବ
ଦେଖାଦେଖି ଇଏ ସିଏ ।
ପାର୍ବଣ ସମୟେ ଆମରି ଗାଆଁଟା
ଉତ୍ସବ ମୁଖର ହୁଏ
ଲୁଗାପଟା ଠାରୁ ସଉଦା ପତର
ଗୃହସ୍ୱାମୀ କିଣି ଥୁଏ
ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଯାଏ
ଅପାର ଆନନ୍ଦ ଦିଏ ।
ଗାଆଁସାରା ଯାକ ପ୍ରତିଟି ସାହିରେ
ମୃଣ୍ମୟୀ ଦେବୀଙ୍କ ପୂଜା
ପୂଜା ମଣ୍ଡପରେ ସିଂହ ବାହନରେ
ବିରାଜିତା ଦଶଭୁଜା
ଶୁଳବିଦ୍ଧ ହୋଇ ମହିଷା ଅସୁର
ସାଜେ ମୃତ ପିଣ୍ଡଟିଏ ।
ସାଜସଜ୍ଜା ଆଉ ମନୋରଞ୍ଜନରେ
ସରବେ ହୁଅନ୍ତି ଖୁସି
ସଭିଙ୍କ ମନରେ ସରସତା ଭରେ
କେହି ତ ନ ବସେ ରୁଷି
ପାର୍ବଣ ସମୟେ ହାତଖୋଲା ଖର୍ଚ୍ଚ
ନ କରଇ ଅବା କିଏ ?
ବିସର୍ଜନ ପରେ ପାର୍ବଣ ସରଇ
ଆଖିରେ ଭରଇ ଲୁହ
ବଞ୍ଚିଥିଲେ ପୁଣି ଗୋଟିଏ ବରଷ
ଅପେକ୍ଷା କରିକି ରୁହ
ସ୍ୱସ୍ଥାନକୁ ସର୍ବେ ବାହୁଡ଼ି ଯାଆନ୍ତି
ଛାଡିଦେଇ ସ୍ମୃତି ଖିଏ ।

**ନିହଲ ପ୍ରସାଦ , ଗଁଦିଆ ପାଟଣା**
**ଢେଙ୍କାନାଳ,ମୋ-୯୯୩୮୭୪୧୫୮୩**

## ଶରତ ଶୋଭା

### ରତ୍ନକାନ୍ତି ମିଶ୍ର

ମରତେ ଶରତ ଶୋଭାରେ ପୂରିତ
ନିରିମଳ ଜଳ ସ୍ଥଳ
ସୁନାରଙ୍ଗୀ ଖରା ଦିଶେ ଭାରି ତୋରା
ଲତା କୁଞ୍ଜେ ଫୁଲ ଫଳ ।
ନଈ ପଠା କ୍ଷେତ ପୋଖରୀ ହୁଡ଼ାରେ
କାଶତଣ୍ଡୀ ଫୁଟି ହସେ
ମଧୁମୟ ଲାଗେ ସୁନୀଳ ଆକାଶ
ଶୁଭ୍ର ମେଘ ମାଳା ଦିଶେ ।
ଶସ୍ୟ କ୍ଷେତ ପରେ ସବୁଜ ସୁଷମା
ଦେଖି ମନ ତହିଁ ହଜେ
ଭାବ ବିହ୍ୱଳରେ ମୁଠା ମୁଠା ସ୍ୱପ୍ନ
କୃଷକ ମନରେ ସୃଜେ ।
ଫୁଲେ ଫୁଲେ ଖେଳେ ଦୁଷ୍ଟ ପ୍ରଜାପତି
ରଙ୍ଗ ଭରା ଡେଣା ମେଲି
ପୁଷ୍ପ ସମାରୋହେ ସମୀରଣ ଖେଳେ
ସତେ ସୁରଭିତ ହୋଇ ।
ଶରତ ଆଗମେ ଆକାଶ ନିର୍ମଳ
ହସୁଥାଏ ପରା ଇନ୍ଦୁ
ପୁଷ୍କରିଣୀ ପରେ ହସଇ କୁମୁଦ
ପାଣି ସ୍ୱଚ୍ଛ କାଚକେନ୍ଦୁ ।
ନାନାଜାତି ଫୁଲ ସମ୍ଭାରକୁ ଧରି
ଧରା ସତେ ପୁଲକିତ
ମରତ ଲାଗଇ ସରଗ ସମାନ
ବିଜେ ଯେଣୁ ଦୁର୍ଗା ମାତ ।
ପାର୍ବଣ ପରଶେ ବସୁନ୍ଧରା ହସେ
ବାଢଇ ପୂଣ୍ୟ ପସରା
ଭକ୍ତି ଭାବନାରେ ସ୍ନେହ ସଂପ୍ରୀତିରେ
ପୁଲକିତ ସସାଗରା ।

**ଆଳି, କେନ୍ଦ୍ରାପଡା**
**ମୋ-୮୨୪୯୭୯୯୯୬୧**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇଲେକ୍ଟୋରାଲ...

ବଣ୍ଡ ଜରିଆରେ କେଉଁମାନେ କେଉଁ ଦଳକୁ କେତେ ଅର୍ଥ ଦେଇଛନ୍ତି ତାହାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ କହିଥିଲେ । ଇଲେକ୍ଟୋରାଲ ବଣ୍ଡ ଜରିଆରେ କ୍ଷମତାସୀନ ଦଳକୁ ଅଧିକ ଅର୍ଥ ମିଳିଥିଲା ବୋଲି ଅଭିଯୋଗ ହୋଇଥିଲା । ୨୦୧୭ରେ ଏହି ବଣ୍ଡ ଯୋଜନା ପ୍ରଚଳନ କରାଯାଇଥିଲା । କେବଳ ଏସ୍‌ବିଆଇ ଦ୍ୱାରା ଏହି ବଣ୍ଡକୁ କିଣାଯାଇପାରିବ ବୋଲି କୁହାଯାଇଥିଲା । ତେବେ ଆବେଦନକାରୀ ଏହା ଏକ ଆର୍ଥିକ ଆଇନ୍ ବୋଲି ପ୍ରଶ୍ନ କରିଥିଲେ ।

## ଶିକ୍ଷାଦାନକୁ...

ଆମ ସରକାର ସଦାସର୍ବଦା କାମରେ ହିଁ ବିଶ୍ୱାସ କରିଥାଏ । ଶିକ୍ଷାର ଉନ୍ନତିରେ ଦେଶର ଉନ୍ନତି ଛ ଆଜିର ସରକାର ୧୦୦ ଦିନର ପୂର୍ତ୍ତି ଅବସରରେ ଶିକ୍ଷା ବିଭାଗ ପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଆଣିଛନ୍ତି । ପୂର୍ବ ସରକାର ୫ଟି ସ୍କୁଲ ରୂପାନ୍ତରଣ ନାମରେ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଅଯଥା ଅର୍ଥ ଖର୍ଚ୍ଚ କରିଚାଲିଲେ । କିନ୍ତୁ ପ୍ରାଥମିକ ଶିକ୍ଷା ଉପରେ ଧ୍ୟାନ ଦେଲେ ନାହିଁ । ମୂଳରୁ ପିଲା ଦୁର୍ବଳ ହେଲେ ଉଚ୍ଚ ଶ୍ରେଣୀରେ ପାଠ ପଢିବାକୁ କଣ ଯୋଗ୍ୟ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିପାଇଁ ପ୍ରାଥମିକ ସ୍ତରରୁ ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ମଜବୁତ କରିବା ପାଇଁ ଆମ ସରକାର ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ଡ୍ରପଆଉଟ୍ ହାରକୁ କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ୫ହଜାର ଟଙ୍କାର ସହାୟତା, ନିପୁଣ ଓଡିଶା ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିବେ ।

ସେ ପୁଣି କହିଥିଲେ ଯେ, ଯେଉଁ ରାଷ୍ଟ୍ରର ଶିକ୍ଷକମାନେ ସଂସ୍କାରକ, ନିଷ୍ଠାପର, ପରିଶ୍ରମୀ, ଉଦ୍ୟମୀ ସେ ରାଷ୍ଟ୍ର ଶିକ୍ଷାକ୍ଷେତ୍ରରେ ସେତିକି ସୁଦୃଢ ଓ ପ୍ରଗତିଶୀଳ । ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ପ୍ରତିଶୃତିବଦ୍ଧ । ବିକଶିତ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ହେଉଛନ୍ତି ଜଣେ ଜଣେ ପଥ ପ୍ରଦର୍ଶକ । ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ ପାଇଁ ତଥା ଅନୁକୂଳ ପରିବେଶ ଓ ଗୁଣାତ୍ମକ ଶିକ୍ଷା ନିମନ୍ତେ ପିଏମ୍ ଶ୍ରୀ ଯୋଜନାର ଶୁଭାରମ୍ଭ କରାଯାଇଛି ।

ସେ ଆହୁରି ମଧ୍ୟ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ୫ଟି ପରାମର୍ଶ ଦେଇ କହିଥିଲେ ଯେ ଶିକ୍ଷକତାକୁ ପେଶା ନୁହେଁ, ନିଶା ଭାବେ ଗ୍ରହଣ କରନ୍ତୁ । ତାହେଲେ ଆପଣ ଶିକ୍ଷକତା ଜୀବନର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ସହିତ ଶିକ୍ଷାଦାନକୁ ମଧ୍ୟ ଆନନ୍ଦମୟ କରିପାରିବେ ।

ସେହିପରି ଗୋଟିଏ ଶିଶୁ ନିଜ ବାପା ମା'ଙ୍କ ପରେ ସବୁଠାରୁ ବେଶୀ ସମୟ ଅତିବାହିତ କରିଥାଏ ଶିକ୍ଷକଙ୍କ ସହିତ । ତେଣୁ ସବୁବେଳେ ଚେଷ୍ଟା କରିବେ ଯେ ଶିଶୁଟି ଯେପରି ଆପଣଙ୍କ ସାନ୍ନିଧ୍ୟରେ ନିଜକୁ ସୁରକ୍ଷିତ ମନେ କରିବ । କିଛି ଶିକ୍ଷକ ଶିକ୍ଷୟତ୍ରୀ ନିଜକୁ ଜଣେ ଜଣେ 'କଡା' ଶିକ୍ଷକ ବା ଶିକ୍ଷୟତ୍ରୀଭାବେ ଗଢି ତୋଳିବାକୁ ଚାହାନ୍ତି । ମୋର ଅନୁରୋଧ, ସେଥିରୁ କ୍ଷାନ୍ତ ରୁହନ୍ତୁ ।

ଶିକ୍ଷାଦାନକୁ 'ଆନନ୍ଦମୟ' କରନ୍ତୁ । ଆପଣମାନେ 'ଶିକ୍ଷାଦାନ କୌଶଳ' ଏବଂ 'ଆନନ୍ଦମୟ ଶିକ୍ଷା' ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିବେ । ଆପଣମାନେ ଜାଣିଛନ୍ତି, ଆଜିକାଲି ଆଉ କର୍ପୋରାଲ୍ ଦଣ୍ଡ ବିଧାନ ସ୍କୁଲରେ ନାହିଁ । ତେଣୁ, ଏଥିପ୍ରତି ଧ୍ୟାନ ଦେବେ ଏବଂ ମୁଁ ଯେପରି ଆଗରୁ କହିଛି ଯେ ବିଦ୍ୟାର୍ଥୀ ଆପଣଙ୍କୁ ବନ୍ଧୁ ଭାବେ ଭାବିବା ଆବଶ୍ୟକ ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଆଜି ଆପଣ ମାନେ ଏକ ଗୁରୁ ଦାୟିତ୍ୱ ବହନ କରିବାକୁ ଯାଉଛନ୍ତିଛ ପ୍ରାରମ୍ଭିକ ଶିକ୍ଷା ହିଁ ପିଲାଙ୍କୁ ଦିଗବିଜୟୀ ହେବା ପାଇଁ ଗଢି ତୋଳିଥାଏ । ଓଡିଶାରେ ପ୍ରାୟ ୭୬ ଲକ୍ଷ ୪୯ ହଜାର ପିଲା ବିଦ୍ୟାଳୟରେ ପଢୁଛନ୍ତି । ସେମାନଙ୍କୁ ଶିକ୍ଷିତ ଓ ନିର୍ଭିକ କରି ଗଢି ତୋଳିବାର ଦାୟିତ୍ୱ ଆପଣ ମାନଙ୍କ ଉପରେଛ ୨୦୩୬ ମସିହା ବେଳକୁ ବିକଶିତ ଓଡିଶାର ଗଠନର ଲକ୍ଷ୍ୟ ରହିଛି । ଆଜି ଯେଉଁ ପିଲା ୧୨-୧୩ ବର୍ଷ ବୟସରେ ଅଛି ସେତେବେଳକୁ ତାର ଯୁବବସ୍ଥା ହୋଇଥିବ । ଆପଣମାନଙ୍କ ନିଷ୍ଠାପର ଉଦ୍ୟମରେ ତାର ଆତ୍ମ ବିଶ୍ୱାସ ମଧ୍ୟ ବୃଦ୍ଧି ହୋଇଥିବ । ଆପଣମାନେ ହେଉଛନ୍ତି ସେ ପିଲାମାନଙ୍କ ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ । ଓଡିଶାରେ ଧନୀ ଲୋକ ନାହାନ୍ତି କିନ୍ତୁ ଜ୍ଞାନୀ ଲୋକଙ୍କ ଅଭାନ ନାହିଁଛ ଆଗାମୀ ଦିନରେ ଜ୍ଞାନ ଆଧାରିତ ବିକଶିତ ଭାରତର ମୂଳ କେନ୍ଦ୍ର ହେବେ ଶିକ୍ଷକସମାଜ ।

ଅନ୍ୟତମ ଅତିଥି ଭାବେ ରାଜ୍ୟର ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଆଜିର ଏହି କାର୍ଯ୍ୟକ୍ରମ ଏକ ଐତିହାସିକ କାର୍ଯ୍ୟକ୍ରମ । ଓଡିଶା କିପରି ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିବ ।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ନବନିଯୁକ୍ତ ଶିକ୍ଷୟିତ୍ରୀ ଚିନ୍ମୟୀ କର, ସମ୍ବଲପୁରର ଭବାନୀ, ନବରଙ୍ଗପୁରର ସୌମ୍ୟରଞ୍ଜନ ଦାସ, କଟକର ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା ସେମାନଙ୍କ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଧନ୍ୟବାଦ ଦେଇଥିଲେ ।

## ସତ୍ୟପାଠ...

ଦାଖଲ କରିପାରିବେ । ସେହିପରି ସଚେତନ ନାଗରିକ, ପୂର୍ବତନ ପୁଲିସ ଅଧିକାରୀ, ଆଇନଜୀବୀ ପ୍ରମୁଖ କିଭଳି ଏଭଳି ଘଟଣାର ଆଗକୁ ପୁନରାବୃତ୍ତି ନହେବ ଏବଂ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିହେବ ସେନେଇ ସତ୍ୟପାଠ ଜରିଆରେ ମତାମତ ଦେଇପାରିବେ ।

ଶନିବାର ଠାରୁ ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବ । ବିବୃତ୍ତି ଓ ମତାମତ ଗ୍ରହଣ ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆୟୋଗଙ୍କ କାର୍ଯ୍ୟାଳୟ ଫୋନ୍ ନମ୍ବରରେ ଯୋଗାଯୋଗ କରିହେବ । ସେହିପରି ସତ୍ୟପାଠ ଦ୍ୱାରା ବିବୃତ୍ତି ଓ ମତାମତ ଗ୍ରହଣ ପାଇଁ ଅଫିସ କାର୍ଯ୍ୟ ଦିବସ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ ।

ସୂଚନାଯୋଗ୍ୟ, ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନ ମାମଲାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହି ଘଟଣାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ଏହି ଘଟଣା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି ।

## ଦୁଇ...

ଜୋର ଜବରଦସ୍ତ ଘରୁ ଉଠାଇ ନିଆଯାଇଥିଲା । ସେମାନେ ପ୍ରତିରୋଧ କରିବାରୁ ଆରପିଏଫ କର୍ମଚାରୀମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏନକାଉଣ୍ଟର କରି ଦେବେ ବୋଲି ଧମକ ଦେଇଥିଲେ। ରାତି ପ୍ରାୟ ସାଢ଼େ ୨ଟା ବେଳେ ସେମାନଙ୍କୁ ନେଇ ବୋଲେରୋଟି ବିମଳାଗଡ଼ ଆରପିଏଫ ଅଫିସରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ନିସ୍ଠୁକ ମାଡ଼ ମରାଯାଇଥିଲା। ରେଳଗାଡ଼ିରୁ ଫ୍ୟାନ ଓ ଡିଜେଲ ଚୋରି କରିଛନ୍ତି ବୋଲି ସ୍ୱୀକାର ନକରିବା ପର୍ଯ୍ୟନ୍ତ ସେମାନଙ୍କୁ ରାତି ସାରା ମାଡ଼ ମରାଯିବ ବୋଲି କୁହାଯାଇଥିଲା। ସେମାନଙ୍କୁ ଓଲଟା ଟାଙ୍ଗି ନିତମ୍ବ ଓ ପାଦରେ ନିସ୍ଠୁକ ମାଡ଼ ମରାଯାଇଥିଲା।

ଘଟଣା ସଂପର୍କରେ ଦୁଇ ଭାଇ କେ.ବଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେମାନେ କେ. ବଲାଙ୍ଗ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ସେମାନେ ଥାନାରେ ଗୁହାରୀ କରିବାର ୪୮ ଘଣ୍ଟାରୁ ଅଧିକ ସମୟ ହୋଇଯାଇଥିଲେ ହେଁ ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଦୁଇ ଭାଇ ଅଭିଯୋଗ କରିଛନ୍ତି।


Government of Odisha
"e" Procurement Notice
B-360
WORKS DEPARTMENT
Bid Identification No. CCEKC -17 / 2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4549 dt. 27.09.2024

| | | | |
|---|---|---|---|
| 1 | No. of the work | : | 4 number Road & Bridge Works. |
| 2 | Estimated cost | : | Rs. 227.81 Lakhs to Rs. 651.12 Lakhs |
| 3 | Class of Contractor | : | "B", "A" & "Special"Class |
| 4 | Period of completion | : | 06 (Six) Calendar Months to 11 (Eleven) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 08.10.2024 to 16.00 Hours of 23.10.2024 |
| 6 | Last date / Time for receipt of bids in the portal | : | 16.00 Hours of 23.10.2024 |
| 7 | Date of opening of Bid from Portal | : | 11.30 Hours on 24.10.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal "http://tendersodisha.gov.in"
OIPR : 34033/11/0034/2425
Sd/- Chief Construction Engineer
Keonjhar (R&B) Circle, Keonjhar



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1317 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା ୧୮୫ **ବିଜ୍ଞାପନ** ତା : ୦୪.୦୧.୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ହରିବନ୍ଧୁ ପ୍ରଧାନ<br>ପିତା- ସ୍ୱର୍ଗତ ମହେନ୍ଦ୍ର ପ୍ରଧାନ<br>ସା-ଝିଙ୍କିବାହାଲ, ପୋ-ବାମୁର<br>ଥାନା- କିଶୋର ନଗର<br>ଜିଲ୍ଲା-ଢେଙ୍କାନାଳ | ଏମ୍‌ଆଇଜି-୦୩<br>(MIG-03)<br>ବରମୁଣ୍ଡା<br>ଭୁବନେଶ୍ୱର | ୧. ସତ୍ୟଭାମା ପ୍ରଧାନ (ସ୍ତ୍ରୀ)<br>୨. ଲଲାଟେନ୍ଦୁ ପ୍ରଧାନ (ପୁତ୍ର)<br>୩. ରାଜଶ୍ରୀ ପ୍ରଧାନ (ଅ.କନ୍ୟା) |

OIPR : 13030/11/0292/2425
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


## କେମିକାଲ...

ଦେବାପରେ ୫ ଅଗ୍ନିଶମ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ ପ୍ରଥମେ ପଟିଆ-ଇନ୍‌ଫୋସିଟି ରାସ୍ତାରେ ଯାତାୟତ ବନ୍ଦ କରିଦେଇଥିଲା । କେବଳ ଏହି ରାସ୍ତା ନୁହେଁ ଆଖପାଖ ସମସ୍ତ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଲା । ୫ ଅଗ୍ନିଶମ ଟିମ୍ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବା ସହ ମୁହଁରେ ମାସ୍କ ପିନ୍ଧି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରିଥିଲେ । ଦୀର୍ଘ ୨ ଘଣ୍ଟା ଚେଷ୍ଟା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା । ୪ ଟାଙ୍କିରୁ ଗ୍ୟାସ୍ ଲିକ୍ ହେଉଥିବା ସନ୍ଦେହ କରାଯାଉଥିବାବେଳେ ଦୁଇଟି ଟାଙ୍କିରୁ ଜନବସତିରୁ ଦୂରକୁ ନିଆଯାଇଥିଲା ଓ ଅନ୍ୟ ଦୁଇ ଟାଙ୍କିକୁ ଘଟଣାସ୍ଥଳରେ ନିୟନ୍ତ୍ରଣ କରାଗଲା । ଶିଭମ୍ କେମିକାଲ୍ ଏକ୍ସପାୟାରି ଟାଙ୍କି ବ୍ୟବହାର କରୁଥିବା ଅଗ୍ନିଶମ କର୍ମଚାରୀ କହିଛନ୍ତି । ଅଗ୍ନିଶମ ଡିଜିଙ୍କ କହିବାନୁଯାୟୀ ପରିସ୍ଥିତି ନିୟନ୍ତ୍ରିତ ହୋଇଛି । ଏହି ଗ୍ୟାସ୍ ଲୋକଙ୍କ ପାଇଁ କ୍ଷତିକାରକ ନୁହେଁ । ଅନ୍ୟପକ୍ଷରେ ମେସିନ୍ ସହାୟତାରେ ଗ୍ୟାସ୍‌କୁ ଭେଣ୍ଟିଲେଟ୍ କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣାଧିନ ଥିଲେ ମଧ୍ୟ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ପଟିଆ ଇନ୍‌ଫୋସିଟି ରାସ୍ତା ଓ ଆଖପାଖ ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲେ ମଧ୍ୟ ପଥଚାରୀ ଭୟରେ ଯାତାୟତ କରୁଛନ୍ତି । ଶିଭମ୍ କେମିକାଲର ଖାମଖିଆଲି ପାଇଁ ଏପରି ଲିକ୍ ଘଟଣା ଘଟିଲା । ଯେଉଁ ସୋଡିୟମ୍ ହାଇପୋକ୍ଲୋରାଇଡ୍ ଗ୍ୟାସ୍ ଲିକ୍ ହେଉଥିଲା ତାହା ଲୋକଙ୍କ ପାଇଁ ହାନିକାରକ ନୁହେଁ । ତଥାପି ୫ ଅଗ୍ନିଶମ ଟିମ୍ ମୁହଁରେ ମାସ୍କ ଓ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି ।

## ହରିୟାଣାରେ...

ଲାଗି ୪୬ ଆସନର ଆବାଶ୍ୟକତା ରହିଛି । ହରିୟାଣାରେ ବିଜେପି ୧୦ ବର୍ଷ ଧରି କ୍ଷମତାରେ ଥିଲା । ଠାରେ ୧୮ ରୁ ୩୨ ଆସନ ବିଜେପି ପାଇପାରେ ବୋଲି ଆକଳନ କରାଯାଉଛି । ଇଣ୍ଡିଆଟୁଡେ ଓ ସି ଭୋଟର ସର୍ଭେ ଅନୁଯାୟୀ କଂଗ୍ରେସକୁ ୫୦ ରୁ ୫୮, ବିଜେପିକୁ ୨୦ ରୁ ୨୮, ଜେଜିପିକୁ ୨ ଓ ଅନ୍ୟ ଦଳକୁ ୧୦ ରୁ ୧୪ ଆସନ ମିଳିପାରେ । ସେହିଭଳି ଭାସ୍କର ରିପୋର୍ଟ ପୋଲ୍‌ର ଆକଳନ ଅନୁଯାୟୀ କଂଗ୍ରେସ ୪୪ ରୁ ୫୪, ବିଜେପି ୧୯ ରୁ ୨୯, ଆଇଏନ୍‌ଏଲ୍‌ଡି ୧ ରୁ ୫, ଜେଜିପି ୧ ଓ ଅନ୍ୟାନ୍ୟ ୪ ରୁ ୧୦ ଆସନ ପାଇପାରନ୍ତି । ରିପବ୍ଲିକ୍ ମାର୍ଟିଜ୍ ସର୍ଭେ ଅନୁଯାୟୀ କଂଗ୍ରେସକୁ ୫୫ ରୁ ୬୨ ଆସନ ମିଳିବାର ସମ୍ଭାବନା ରହିଛି । ବିଜେପିକୁ ୧୮ ରୁ ୨୪, ଆଇଏନ୍‌ଏଲ୍‌କୁ ୩ ରୁ ୬, ଜେଜିପିକୁ ୦ ରୁ ୩ ଓ ଅନ୍ୟାନ୍ୟ ୨ ରୁ ୫ ଆସନ ପାଇପାରନ୍ତି । ସେହିଭଳି ଜିଷ୍ଟି-ଟିଆଇଏଫ୍ ରିସର୍ଚ୍ଚ ଅନୁଯାୟୀ କଂଗ୍ରେସକୁ ୪୫ ରୁ ୫୩ ଓ ବିଜେପିକୁ ୨୯ ରୁ ୩୭ ଆସନ ମିଳିପାରେ । ତେବେ ଧ୍ରୁବ ରିସର୍ଚ୍ଚ ସଂସ୍ଥାର ଆକଳନ ଅନୁଯାୟୀ କଂଗ୍ରେସ ୫୭ ରୁ ୬୪ ଆସନ ପାଇବାକୁ ଥିବାବେଳେ ବିଜେପିକୁ ୨୭ ରୁ ୩୨ ଆସନ ମିଳିବାର ସମ୍ଭାବନା ରହିଛି ।

ସେହିଭଳି ଜମ୍ମୁ-କାଶ୍ମୀରରେ ଝୁଲା ବିଧାନସଭା ନେଇ ସମସ୍ତେ ଆକଳନ କରିଛନ୍ତି । ସେଠି ବହୁମତ ପାଇଁ ୪୬ ଆସନ ଆବଶ୍ୟକ। ତେବେ ଇଣ୍ଡିଆ ଟୁଡେ ଓ ସି ଭୋଟର ସର୍ଭେ ଅନୁଯାୟୀ ଏନ୍‌ସି-କଂଗ୍ରେସକୁ ୪୦ ରୁ ୪୮, ବିଜେପିକୁ ୨୭ ରୁ ୩୨, ପିଡିପି ୬ ରୁ ୧୨ ଓ ଅନ୍ୟାନ୍ୟ ୬ ରୁ ୧୧ ଆସନ ପାଇପାରନ୍ତି । ଭାସ୍କର ରିପୋର୍ଟ ପୋଲ୍ ଅନୁଯାୟୀ ଏନ୍‌ସି-କଂଗ୍ରେସକୁ ୩୫ ରୁ ୪୦, ବିଜେପିକୁ ୨୦ ରୁ ୨୫, ପିଡିପିକୁ ୪ ରୁ ୭ ଓ ଅନ୍ୟାନ୍ୟ ୧୨ ରୁ ୧୮ ଆସନ ପାଇପାରନ୍ତି। ସେହିଭଳି ରିପବ୍ଲିକ୍ ଗୁଲ୍‌ସ୍ତା ସର୍ଭେ ଅନୁଯାୟୀ ବିଜେପି ୨୮ ରୁ ୩୦, ଏନ୍‌ସି ୨୮ ରୁ ୩୦, ପିଡିପି ୫ ରୁ ୭, କଂଗ୍ରେସ ୩ ରୁ ୬ ଓ ଅନ୍ୟାନ୍ୟ ୮ ରୁ ୧୬ ଆସନ ପାଇପାରନ୍ତି । ପ୍ରଦୀପ୍ତ ଗୁପ୍ତା ଆକ୍ସିସ୍ ମାଇଁ ଇଣ୍ଡିଆର ସର୍ଭେ ଅନୁଯାୟୀ ଏନ୍‌ସି-କଂଗ୍ରେସକୁ ୩୫ ରୁ ୪୫ ଆସନ ମିଳିବାକୁ ଆକଳନ କରାଯାଇଥିବାବେଳେ ବିଜେପିକୁ ୨୪ ରୁ ୩୪ ଆସନ, ପିଡିପିକୁ ୪ ରୁ ୬ ଓ ସ୍ୱାଧୀନ ଓ ଅନ୍ୟଦଳ ୮ ରୁ ୧୭ ଆସନ ଜିତିପାରନ୍ତି ବୋଲି ଆକଳନ ହୋଇଛି ।


Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 07/2024-25
Email ld-sedklnwd@gmail.com
Letter No. 2028 / Dt. 30.09.2024

B-373 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Repair & Rehabilitation of Bridge works as detailed below :

| | | | |
|---|---|---|---|
| 1. | Name of the work | : | Repair & Rehabilitation of Bridge works |
| 2. | No of works | : | 04 (Four) Nos |
| 3. | Estimated Cost | : | **Rs.1.24 Crore to 4.41 Crore (as given in column No. 03 of table)** |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'A' Class & 'B' Class **(as given in column No. 07 of table)** |
| 6. | Period of Completion of work | : | 05 (Five) to 07 (Seven) **(as given in column No. 08 of table)** |
| 7. | Date and time of availability of the website | : | From Dt.08.10.2024 tobid Document in 5.00 P.M. of Dt.22.10.2024 |
| 8. | Date of opening of bid | : | Dt.23.10.2024 at 11.30 A.M. |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd/- Chief Construction Engineer
Dhenkanal (R&B) Circle, Dhenkanal
OIPR : 34132/11/0015/2425



Office of District Manager Annexure-II
Odisha State Civil Supplies Corporation Ltd. (OSCSC)
Bhadrak (District)
District Web site : csobdk@gmail.com
NOTICE INVITING TENDERS
Tender No. 4641 Dt. 05.10.2024

CAD-1314 : District Manager, Odisha State Civil Supplies Corporation Ltd, Bhadrak-(District) invites tenders in Double Cover System through ONLINE MODE ONLY for the works below :

| | | | |
|---|---|---|---|
| 1 | Name of the work | : | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | : | From 05.10.2024 (Date) |
| 3 | Last Date / Time for receipt of bids in the portal | : | Dt 18.10.2024 up to 5.30 P.M. |
| 4 | Date/Time of Opening of Technical Bid | : | Dt 19.10.2024 at 11.00 A.M |
| 5 | Name and address of the Officer Inviting Tender | : | District Manager, OSCSC Ltd, Bhadrak (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd/- District Manager,
OSCSC Ltd. Bhadrak
OIPR : 07055/11/0001/2425



Office of District Manager Annexure-II
Odisha State Civil Supplies Corporation Ltd. (OSCSC)
Angul (District),
Phone : 06764230282
District Web site https://angul.odisha.gov.in
Tender No. 3596 Dt. 01.10.2024

CAD-1304 : District Manager, Odisha State Civil Supplies Corporation Ltd, Angul (District) invites tenders in Double Cover System through **ONLINE MODE ONLY** for the works below :

| | | | |
|---|---|---|---|
| 1 | Name of the work | : | for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC). |
| 2 | Availability of bid document in the portal | : | From 04.10.2024 |
| 3 | Last Date / Time for receipt of bids in the portal | : | Dt 17.10.2024 up to 5.30 P.M. |
| 4 | Date/Time of Opening of Technical Bid | : | Dt 18.10.2024 at 11.00 A.M |
| 5 | Name and address of the Officer Inviting Tender | : | District Manager, OSCSC Ltd, Angul (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd/- District Manager,
OSCSC Ltd. Angul
OIPR : 07064/11/0002/2425


## ପୁରୀରେ ପର୍ଯ୍ୟଟନ ବିକାଶ ଲାଗି କୁନା ଦାଶଙ୍କୁ ଶ୍ରୀକ୍ଷେତ୍ର ମିତ୍ର ରୂପେ ନିଯୁକ୍ତ କଲା ଜିଲ୍ଲାପ୍ରଶାସନ



ଭୁବନେଶ୍ୱର (ସବ୍ୟୁ) : ପୁରୀରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଜାପାନକୁ ଦୀର୍ଘ ୩୫ ବର୍ଷ ଧରି ନିଜର କର୍ମଭୂମି ରୂପେ ବାଛି ନେଇଥିବା କୁନା ଦାଶଙ୍କୁ ଶନିବାର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶ୍ରୀକ୍ଷେତ୍ର ମିତ୍ର ଭାବେ ନିଯୁକ୍ତ ଦେଇଛନ୍ତି । ପର୍ଯ୍ୟଟନ ସହର ପୁରୀର ଐତିହ୍ୟ, କଳା, ସଂସ୍କୃତି, ଭାଷା ଓ ଶିକ୍ଷାର ବହୁଳ ମାତ୍ରାରେ ଜାପାନରେ ପ୍ରଚାର ପ୍ରସାର କରିବାରେ ଶ୍ରୀଦାଶଙ୍କ ଭୂମିକା ଅତୁଳନୀୟ । ଆଗାମୀ ଦିନରେ ପୁରୀକୁ ଅଧିକରୁ ଅଧିକ ବିଦେଶୀ ଓ ଭାରତ ପର୍ଯ୍ୟଟକଙ୍କ ସଂଖ୍ୟା କିପରି ବୃଦ୍ଧି ହେବ ସେ ନେଇ କାର୍ଯ୍ୟ କରିବେ ଶ୍ରୀ ଦାଶ । ଏସଂପର୍କରେ ଶ୍ରୀ ଦାଶ କୁହନ୍ତି, ଜାପାନରେ ଦୀର୍ଘ ବର୍ଷ ରହିବା ସହିତ ପୁରୀ ଓ ଓଡ଼ିଶାର କଳା ଓ ସଂସ୍କୃତି ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ଜାରିରଖିଛନ୍ତି । ଫଳରେ ଜାପାନ ସରକାରଙ୍କ ତରଫରୁ ବହୁ ସମ୍ମାନ ମିଳିଛି । ସେହିଭଳି ପୁରୀରେ ଜାପାନ ଭାଷା, ଶିକ୍ଷା, କଳା ଓ ସଂସ୍କୃତିର ପ୍ରଚାର କରାଯାଉଛି । ମାଗଣାରେ ଜାପାନୀ ଭାଷା ସହିତ ଆଇଟି କ୍ଷେତ୍ରରେ ଶିକ୍ଷାଦାନ ଦିଆଯାଉଛି । ଏଥିରେ ଯୁବକମାନେ କୃତକାର୍ଯ୍ୟ ହେବା ପରେ ଜାପାନର ବଡ ବଡ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ପୁରୀରେ ଜାପାନ ତଥା ବିଦେଶ ପର୍ଯ୍ୟଟକଙ୍କ ଆଗମନ ଏବଂ ଜାପାନର ଉନ୍ନତ ମାନର ଜ୍ଞାନ କୌଶଳ ପ୍ରୟୋଗ କରାଯାଇ କିପରି ପୁରୀ ସହରକୁ ସୁସଜ୍ଜିତ କରାଯିବ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ସମୟରେ ପୌରପାଳିକା କାର୍ଯ୍ୟନିର୍ବାହି ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରିପେକ୍ଷୀରେ ଶ୍ରୀ ଦାଶ ଜିଲ୍ଲାପ୍ରଶାସନ ଓ ସହରବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।


PANCHAYAT SAMITI, GUMMA,
DIST-GAJAPATI (ODISHA) PIN-761207
AdvNo-02/ 2024-25 Dt :
Tender Call Notice

i-219 : Sealed tenders (Percentage rate) are invited for 04 no's of works from the interested "D"/ "C"/"B" Class Contractors registered with the Govt, for execution of civil, works under Panchayat Samiti, Gumma, Dist-Gajapati. The details notification is available at official website **www.gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00PM of 18.10.2024** through Regd/Speed post and the same will be opened on **11.00AM of 19.10.2024.** The undersigned reserves the right to reject any or all the tender(s) without assigning any reason thereof.
Sd/-
Block Development Officer,
Gumma Gajapati
OIPR : 19347/11/0002/2425



Mail ID : - sepwdbalangir@gmail.com
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
BALANGIR (R&B) CIRCLE: BALANGIR
e - Procurement Notice
BID IDENTIFICATION No: CCE(R&B) BGR/03/ 2024-25
Letter No- 2671 // Dtd. 25.09.2024

B-349 : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B"** "A" & **"Special" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Road Work , Bridge Work & Building work |
| 2. | No. of tender work-1 No. | : | Road Work -1 Nos. Bridge Work-2 Nos & Building |
| 3. | Tender Cost | : | Rs.10, 000/- |
| 4. | Class of Contractor | : | "B" "A" & **"Special"** |
| 5. | Date & Time of sale & Receipt of Bids | : | From Dt. 07.10.2024, 10.00 A.M. to Dt. 22.10.2024 up to 05.00 P.M. |
| 6. | Date of opening Bid | : | Dt. 23.10.2024 at 11.00 A.M. |

7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in.** All future corrigendum will be available on ONLINE MODE only.
Sd/- Chief Construction Engineer,
Balangir (R&B) Circle, Balangir.
OIPR : 34131/11/0002/2425



ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING PANTHANIVAS (OLD BLOCK):
LEWIS ROAD: BHUBANESWAR-14
E-mail : se.otdc@gmail.com
CAD-1323
Letter No.1193 Date.05.10.2024
NOTICE INVITATION FOR BIDS (NIFB)
E-Procurement Notice No. BP-I/04/2024-25 dt.05.10.2024

| | | | |
|---|---|---|---|
| 1. | Nature of Work | : | Display of Temporary Hoardings in prominent Locations of the State for promotion of Eco-Retreat 2024-25. |
| 2. | Total No. of Work | : | 01 No. |
| 3. | Value of Works | : | Rs.26,72,000/- |
| 4. | Bid Security | : | As per NIT |
| 5. | Class of Contractor | : | As Per NIT |
| 6. | Period of Completion | : | 03 ( Three) Calendar Months |
| 7. | Other details as follows | : | |

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd. Bhubaneswar | BP-IV/04/2024-25 dt. 05.10.2024 | From 09.10.2024 | To 19.10.2024 | 11.30 Hours of Dt. 21.10.2024 in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in
Sd/- Superintending Engineer
O.T.D.C. L.td., BBSR
OIPR : 37002/11/0019/2425



PANCHAYAT SAMITI OFFICE: PUINTALA
E-mail ID: ori-puintala@nic,in
No: 2222 Date : 03.10.2024
i-220 : The Block Development Officer, Puintala on behalf of Governor of Odisha invites percentage rate bids in Single cover system to be received in online mode only for the construction works as detailed in the table below.

| Sl. No. | Name of the work | Approximate Estimated Cost (in Rs.) | Cost of document (Rs.) | Class of Contractor | Period of Completion | Name & Address of O.I.T. |
|---|---|---|---|---|---|---|
| 1 | Construction of Additional Class Room at Durgapali UGHS | 13,14,877 | 6000 | C & D | Three Months | B.D.O., Puintala |
| 2 | Construction of Additional Class Room at Lakhapali Govt. PS | 12,53,634 | 6000 | C & D | Three Months | B.D.O., Puintala |
| 3 | Construction of Additional Class Room at Amthimunda Govt.PS | 12,53,634 | 6000 | C & D | Three Months | B.D.O., Puintala |
| 4 | Construction of Additional Class Room at Brahmanipali Govt.PS | 12,53,634 | 6000 | C & D | Three Months | B.D.O., Puintala |
| 5 | Construction of Additional Class Room at Banabahal NUPS | 9,90,691 | 4000 | C & D | Three Months | B.D.O., Puintala |
| 6 | Construction of Additional Class Room at Belbahali Govt. PS, Chhatamakhna GP | 9,90,691 | 4000 | C & D | Three Months | B.D.O., Puintala |
| 7 | Construction of Additional Class Room at Bihibandh Govt. P.S. | 9,90,691 | 4000 | C & D | Three Months | B.D.O., Puintala |
| 8 | Construction of Additional Class Room at Gadaramunda Govt. PS | 9,90,691 | 4000 | C & D | Three Months | B.D.O., Puintala |
| 9 | Construction of Additional Class Room at . Niljipali Govt. P.S | 9,90,691 | 4000 | C & D | Three Months | B.D.O., Puintala |
| 10 | Construction of Additional Class Room at Padiabahal Govt. NUPS | 9,90,691 | 4000 | C & D | Three Months | B.D.O., Puintala |
| 11 | Construction of Additional Class Room at Talpali Govt. UPS | 9.90,691 | 4000 | C & D | Three Months | B.D.O., Puintala |
| 12 | Construction of Additional Class Room at Talpali Govt. UPS | 9,90,691 | 4000 | C & D | Three Months | B.D.O., Puintala |

Date & Time of Sale & Receipt of Bids : **Dt.05.10.2024, 3.00 PM to 23.10.2024, 6.30 PM**
**Date of Opening Bids** : **Dt.24.10.2024, 11.30 PM**
Further details can be seen from the website : **http://tenderodisha.gov.in**
OIPR : 19160/11/0004/2425
Sd/- Block Development Officer, Puintala



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ଭୁବନେଶ୍ୱରରେ ବିଜେପିର ସଦସ୍ୟତା ଅଭିଯାନ

## ବିଜେପି ପ୍ରତି ସବୁ ବର୍ଗର ଲୋକଙ୍କ ଭରସା ବଢୁଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଓଡ଼ିଶାର ବୀର ସନ୍ତାନ ବାଜି ରାଉତଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ବିଏମସି ପକ୍ଷରୁ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିବା ସହ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହା ସହ ଭୁବନେଶ୍ୱର ଠାରେ ଆମ ଦଳର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ ଅନେକ ନାଗରିକ ଓ କାର୍ଯ୍ୟକର୍ତ୍ତାଙ୍କୁ ଅନଲାଇନ ମାଧ୍ୟମରେ ସଦସ୍ୟତା କରାଇଛନ୍ତି । କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭୁବନେଶ୍ୱର ସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ସେ କହିଛନ୍ତି ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଚିନ୍ତାର ବିଷୟ ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଜନସାଧାରଣ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଗଛ ଲଗାଇବା ଖୁସିର ବିଷୟ । ଆମର ପରିବେଶକୁ ଅଧିକ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

ଏହା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ମଙ୍ଗଳା ବସ୍ତିରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟରେ ସାମିଲ ହୋଇଥିଲେ । ବିଏମସିର ଅନେକ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ




ସେମାନଙ୍କ ସାଥୀରେ ଚା' ପିଇଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଅହିଂସାର ପୂଜାରୀ ପୂଜ୍ୟ ବାପୁଙ୍କ ପ୍ରିୟ ବିଷୟ ଥିଲା 'ସ୍ୱଚ୍ଛତା' । ଏହି ସ୍ୱଚ୍ଛତା ଅଭିଯାନକୁ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି । ବର୍ତ୍ତମାନ ସମୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କେବଳ ସରକାରୀ ବ୍ୟବସ୍ଥା ଭିତରେ ସୀମିତ ହୋଇ ରହିନାହିଁ । ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଏଥିରେ ଆବାଳବୃଦ୍ଧବନିତା ଏବଂ ଆମ ଦଳର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇ ସ୍ୱଚ୍ଛତା ଶ୍ରମଦାନ କରିଛନ୍ତି, ଯାହା ପୂଜ୍ୟ ବାପୁଙ୍କୁ ଉଚିତ୍ ଶ୍ରଦ୍ଧାଞ୍ଜଳି ହୋଇଛି । ଦେଶରେ ସ୍ୱଚ୍ଛତାକୁ ଆଗକୁ ନେବା ପାଇଁ ସମସ୍ତେ ଏକମତ ହୋଇଛନ୍ତି । ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ସମସ୍ତେ ସଂକଳ୍ପ ନେବା । ଆମମାନଙ୍କ ମିଳିତ ପ୍ରୟାସରେ ହିଁ ମନ୍ଦିର ମାଳିନୀ ସହର ଭୁବନେଶ୍ୱର ଏବଂ ଆମ ରାଜ୍ୟ ଆହୁରି ସରସ ସୁନ୍ଦର ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ସେହିପରି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଜେପି ଉପରେ ଗରିବ, ମହିଳା, ଚାଷୀ ଯୁବଶକ୍ତିଙ୍କ ସମେତ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଭରସା ବଢୁଛି, ସେଥିପାଇଁ ଅଧିକରୁ ଅଧିକ ଯୁବାବର୍ଗ ପାର୍ଟିର ସଦସ୍ୟ ହେଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏହି ସଦସ୍ୟତା ଅଭିଯାନରେ ଯୋଡିହେବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ୮୮୦୦୦୦୨୦୨୪ ନମ୍ବରରେ ମିସଡ୍ କଲ୍ କରି କିମ୍ବା ନମୋ ଆପ୍ ମାଧ୍ୟମରେ ଲୋକମାନେ ବିଜେପି ପରିବାରର ସଦସ୍ୟ ହୋଇପାରିବେ । ଆମ ଦଳ ବିଶ୍ୱର ସବୁଠୁ ରାଜନୈତିକ ଦଳ ଭାବେ ଉଭା ହୋଇଛି । ଜନଆଶୀର୍ବାଦ କାରଣରୁ ରାଜ୍ୟରେ ବିଜେପିର ସରକାର ଗଠନ ହୋଇଛି । ଆମେ କେବଳ ସରକାର ନହେଁ ବରଂ ସେବାର ଗୋଟେ ଦାୟିତ୍ୱ ଓ ଭୂମିକାରେ ଅବତୀର୍ଣ୍ଣ ହୋଇଛୁ । ଏହି ସମୟରେ ନିରନ୍ତର ଭାବେ ଦଳକୁ ମଜଭୁ ଓ ସକ୍ରିୟ କରାଇବା ପାଇଁ ପଡିବ । ଆମର ସାମର୍ଥ୍ୟ ଶକ୍ତିକୁ ଆହୁରି ବଢାଇବା ପାଇଁ ପଡିବ । ସାଢେ ୪ କୋଟି ଓଡ଼ିଆଙ୍କ ସେବା କରିବା ଦିଗରେ ଆମେ ସମସ୍ତେ କାର୍ଯ୍ୟକର୍ତ୍ତାମାନେ କାମ କରିବା । ବିଜେପି ପକ୍ଷରୁ ୧ କୋଟି ସଦସ୍ୟତା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଅଭିଯାନ ସଫଳ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

### ପିଏମ କିଷାନ ସମ୍ମାନନିଧି ଯୋଜନାର ୧୮ତମ କିସ୍ତି ପ୍ରଦାନ

## ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ୱାସିମଠାରେ ପିଏମ କିଷାନ ସମ୍ମାନନିଧିର ୧୮ତମ କିସ୍ତି ପ୍ରଦାନ କରିଛନ୍ତ । ଏହି କାର୍ଯ୍ୟକ୍ରମରେ ଦେଶର ୯କୋଟି ୪୦ ଲକ୍ଷ କୃଷକଙ୍କୁ ୨୦ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି । ଆମ ସରକାରରେ ସବୁ ନିର୍ଣ୍ଣୟ ଓ ନୀତି ବିକଶିତ ଭାରତ ଗଠନକୁ ଆଖି ଆଗରେ ରଖି ଗ୍ରହଣ କରାଯାଉଛି । ଆମର ଏହି ନୀତି ଓ ନିର୍ଣ୍ଣୟ ସମାଜର ବଞ୍ଚିତ ଶ୍ରେଣୀକୁ ଆଗକୁ ବଢିବା ପାଇଁ ସାହାଯ୍ୟ କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପିଏମ କିଷାନର ୧୮ତମ କିସ୍ତି ପ୍ରଦାନ ଉତ୍ସବକୁ ସାରା ଦେଶ ପିଏମ କିଷାନ ଉତ୍ସବ ଦିବସ ରୂପେ ପାଳନ କରୁଛି । ଏହି ଯୋଜନା ମାଧ୍ୟମରେ ବର୍ଷକୁ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି । କୃଷକଙ୍କ ବିକାଶ ଓ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାର ଏହି ଯୋଜନାର ଆରମ୍ଭ କରିଥିଲେ । ଆଜି ୧୮ତମ କିସ୍ତି ପ୍ରଦାନ ଜରିଆରେ ଓଡିଶାର




୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହେଲେ ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ପିଏମ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଆମର ଲକ୍ଷ୍ୟ । ଏଥି ପାଇଁ ନୂଆଖାଇ ଠାରୁ ଆମେ ଏକ ଦୁଇ ମାସିଆ ସାଚୁରେସନ ଡ୍ରାଇଭ ପ୍ରୋଗ୍ରାମ ଆରମ୍ଭ କରିଛୁ । ପ୍ରତି ବ୍ଲକ ସ୍ତରରେ ଜନ ସେବା କେନ୍ଦ୍ର ସହାୟତାରେ ଚାଷୀ ଭାଇ ମାନେ ସେମାନଙ୍କ ନାମ ପଞ୍ଜିକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିଶୁଳ୍କ ଭାବେ କରିପାରିବେ, ସିଏମ କିଷାନ ପାଇଁ ମଧ୍ୟ ଏଥିରେ ସୁବିଧା ଉପଲବ୍ଧ ରହିଛି । ରବି ଫସଲରେ ପିଏମ କିଷାନ ସହାୟତାକୁ ଫଳପ୍ରଦ ଭାବେ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ସବୁ କୃଷକ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଡି ହୋଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପିଏମ କିଷାନର ଏହି ସହାୟତା ରାଶି କୃଷକ ମାନଙ୍କୁ ରବି ଫସଲ ସହିତ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣିବାରେ ସହାୟକ ହେବ । କାର୍ଯ୍ୟକ୍ରମରେ ବହୁ କୃଷକ ଭାଇ ଭଉଣୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ମାଇଲ୍ ଦିବସ

ଭୁବନେଶ୍ୱର (ସବ୍ୟୁ): ଦେଶର ସର୍ବବୃହତ ଅନୁଷ୍ଠାନ ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ଭାରତର ବିଭିନ୍ନ ଐତିହ୍ୟସ୍ଥଳୀକୁ ଆଲୋକିତ କରି ବିଶ୍ୱ ସ୍ମାଇଲ୍ ଦିବସ ପାଳନ କରାଯାଇଛି। ଏହି ପଦକ୍ଷେପ ସ୍ମାଇଲ୍ ଟ୍ରେନ୍ ୨୫ତମ ବାର୍ଷିକୀ ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ଏବଂ ବିଶ୍ୱବ୍ୟାପୀ କ୍ଷତିଗ୍ରସ୍ତ ପିଲାମାନଙ୍କୁ ସ୍ମାଇଲ୍ ଟ୍ରେନ୍ ଦ୍ୱାରା ପ୍ରଦାନ କରାଯାଉଥିବା ଜୀବନ ପରିବର୍ତ୍ତନକାରୀ ଯତ୍ନ ବିଷୟରେ ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟ ଥିଲା । ସ୍ମାଇଲ୍ ଟ୍ରେନ୍ ବରିଷ୍ଠ ଉପାଧ୍ୟକ୍ଷ ତଥା ଏସିଆ ପାଇଁ ଆଂଚଳିକ ନିର୍ଦ୍ଦେଶିକା ମମତା କାରୋଲ କହିଛନ୍ତି, 'ଓଡ଼ିଶାରେ ଏଭଳି ଏକ ଚମତ୍କାର ଐତିହାସିକ ଘଟଣା ଗ୍ରହଣଘଣ୍ଟିଆରେ ଜନ୍ମିତ ଶିଶୁଙ୍କ ସମର୍ଥନରେ ଉଜ୍ଜ୍ୱଳ ହେବା ପ୍ରକୃତରେ ପ୍ରେରଣାଦାୟକ। ଆଲୋକର ପ୍ରତିଟି କିରଣ ଆଶା ଏବଂ ଗ୍ରହଣଘଣ୍ଟିଆ ହୋଇଯାଇଥିବା ଅସ୍ତ୍ରୋପଚାରର ପରିବର୍ତ୍ତନଶୀଳ ଶକ୍ତିର ପ୍ରତୀକ ଥିଲା । ଏହି ପଦକ୍ଷେପ ମାଧ୍ୟମରେ, ଆମେ ଗ୍ରହଣଘଣ୍ଟିଆ ଥିବା ପିଲାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲୁ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ସେମାନଙ୍କ ଯାତ୍ରାକୁ ସମର୍ଥନ କରିବାକୁ ଅଧିକ ଲୋକଙ୍କୁ ଉତ୍ସାହିତ କରିଥିଲୁ। ସ୍ମାଇଲ୍ ଟ୍ରେନ୍ ପାର୍ଟନର ଅଶ୍ୱିନୀ ହସ୍ପିଟାଲର ଅଧ୍ୟକ୍ଷ ତଥା ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ସୁବ୍ରତ ଜେନା କହିଛନ୍ତି ଯେ, 'ଏହି ଐତିହାସିକ ଦିଗକୁ ସଚେତନତା ପାଇଁ ଆଲୋକିତ କରିବା ପାଇଁ ଏହି ଅନନ୍ୟ ବିଶ୍ୱସ୍ତରୀୟ ପଦକ୍ଷେପର ଅଂଶ ହୋଇ ଆମେ ଆନନ୍ଦିତ। ଏହି ଆଲୋକଗୁଡିକ ଆଶା ଏବଂ ସ୍ଥିରତାର ପ୍ରତୀକ ଏବଂ ସ୍ମାଇଲ୍ ଟ୍ରେନ୍ ସହିତ ଆମର ଭାଗିଦାରୀ ମାଧ୍ୟମରେ, ଆମେ ପିଲାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଯତ୍ନ ପ୍ରଦାନ ଜାରି ରଖିଛୁ, ଯାହା ସେମାନଙ୍କୁ ସୁସ୍ଥ ଏବଂ ସୁଖୀ ଜୀବନ ଯାପନ କରିବାକୁ ସକ୍ଷମ କରୁଛୁ ।

## କିର୍ଗିଜ୍ ରିପବ୍ଲିକ୍ ବୁଲିଲେ ସୋଆ ଏନ୍‌ସିସି କ୍ୟାଡେଟ



ଭୁବନେଶ୍ୱର, (ସବ୍ୟୁ): ୟୁଥ୍ ଏକ୍ସଚେ ପ୍ରୋଗ୍ରାମ (ୱାଇଇପି) ମାଧ୍ୟମରେ ଏନ୍‌ସିସି ପ୍ରତିନିଧି ଦଳରେ ସାମିଲ ହୋଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ର ଅଭିନାଶ ନନ୍ଦ କିର୍ଗିଜ୍ ରିପବ୍ଲିକ୍ ବୁଲିବା ସହ ଅନେକ ଅନୁଭୂତି ସାଉଁଟି ଭାରତ ଫେରିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍‌ସ ବିଭାଗର ଛାତ୍ର ଅଭିନାଶ ଭାରତ କିର୍ଗିଜ୍ ସମ୍ପର୍କ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ସପ୍ତାହବ୍ୟାପୀ ସେଠାରେ ବୁଲିବା ପରେ ସେପ୍ଟେମ୍ବର ୩୦ ତାରିଖରେ ଭାରତ ଫେରିଛନ୍ତି । ଭାରତୀୟ ଏନ୍‌ସିସି ପ୍ରତିନିଧି ଦଳର ୫ ଜଣିଆ ସଦସ୍ୟଙ୍କ ସହ ଅଭିନାଶ ସାମିଲ ହୋଇଥିବା ବେଳେ ସେପ୍ଟେମ୍ବର ୨୪ ତାରିଖରେ ବିସ୍କେକ୍ ପହଞ୍ଚିଥିଲେ । ସେଠାରୁ ଫେରିବା ପରେ ଅଭିନାଶ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକଙ୍କୁ ଭେଟି ନିଜ ଅନୁଭୂତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏହି ପ୍ରତିନିଧି ଦଳ ସଂପୃକ୍ତ ଦେଶର ପ୍ରତିନିଧିଙ୍କ ସହ ଶିକ୍ଷା, ପ୍ରତିରକ୍ଷା ଓ ପର୍ଯ୍ୟଟନ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ବିସ୍କେକ୍‌ରେ ଅବସ୍ଥିତ ମିଲିଟାରୀ ଇନ୍‌ଷ୍ଟିଚ୍ୟୁଟ୍‌ର ପାସିଂ ଆଉଟ୍ ପରେଡ୍‌ରେ ଭାଗ ନେବା ସହ ଭାରତୀୟ ଦୂତାବାସ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ।

## ନୀଳକଣ୍ଠେଶ୍ୱର ଜଳାଶୟ ପୁନରୁଦ୍ଧାର ଅର୍ଥ ଲୁଟ, ସିଏମସି ପାଖରେ ନାହିଁ ତଥ୍ୟ

କଟକ, (ସବ୍ୟୁ) କଟକ ସହରରେ ଜଳାଶୟ ଓ ପୁରାତନ ପୋଖରୀର ପୁନଃରୁଦ୍ଧାର, ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ଆମପୋଖରୀ ଯୋଜନାରେ ସହରର ଅନେକ ଜଳାଶୟ , ପୋଖରୀଗୁଡ଼ିକରେ ପୁନଃରୁଦ୍ଧାର କରାଯାଇଥିଲା । ଏଥିପାଇଁ କଟକ ମହାନଗର ନିଗମ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିବା ସତ୍ତ୍ୱେ ସହରରେ ଥିବା ପୋଖରୀର ପୁନଃରୁଦ୍ଧାର, ନବୀକରଣର ସେଭଳି କାର୍ଯ୍ୟ ହୋଇନଥିବା ଦେଖାଯାଇଥିଲ । କଟକ ୪୨ନଂ ଓ୍ୱାର୍ଡରେ ଆମପୋଖରୀ ଯୋଜନାରେ ୩୦ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ୨୦୨୩ ଅଗଷ୍ଟ ୨୯ତାରିଖରେ ନୀଳକଣ୍ଠେଶ୍ୱର ପୋଖରୀ ପୁନଃନବୀକରଣ ହୋଇଥିବା ସୂଚନାଫଳକରୁ ଜଣାପଡିଥିଲା । ଏହି ପୋଖରୀ ପ୍ରକଳ୍ପ କାର୍ଯ୍ୟ ସିଏମ୍‌ସିର ତତ୍ତ୍ୱାବଧାନରେ ଚାଲିଥିବା ବେଳେ ଅସମ୍ପୂର୍ଣ୍ଣ ସତ୍ତ୍ୱେ ଏହାକୁ ତତ୍କାଳୀନ ମନ୍ତ୍ରୀ,ସିଏମସି କମିଶନର, ମେୟର ସୁବାସ ସିଂ,ବିଧାୟକ ସୌଭିକ ବିଶ୍ୱାଳ,ସାଂସଦ ଭର୍ତ୍ତୃହରି ମହତାବ ଏବଂ ସିଏମସି କର୍ପୋରେଟର ଉପସ୍ଥିତରେ ଉଦ୍‌ଘାଟନ ହୋଇଥିବା ସୂଚନାଫଳକରୁ ଜଣାପଡିଛି । ଏହି ପୋଖରୀର ଚାରିପଟ ସୌନ୍ଦର୍ଯ୍ୟକରଣ, ପାହାଚ ଏବଂ ପୋଖରୀ ଗଭୀରତା ନେଇ ସେଭଳି ଅର୍ଥ ବ୍ୟୟ ହୋଇନଥିବା ସନ୍ଦେହ ସୃଷ୍ଟି ହେଇଛି । ପୋଖରୀ ବର୍ତ୍ତମାନ ମଣିଷ ବ୍ୟବହାର କରିବା ଅନୁପଯୋଗୀ, ଅସୁରକ୍ଷିତ ଥିବା ଏବଂ ପୋଖରୀ ପୁନଃରୁଦ୍ଧାର, ନବୀକରଣ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ଏଥିରେ ସଂପୃକ୍ତ ଠିକାଦାର ,ଜନପ୍ରତିନିଧିଙ୍କ ମୁଖା ଖୋଲିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ହେଉଛି ।

### ନବୀନ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା

## କନିଷ୍ଠ ଶିକ୍ଷକ ନିଯୁକ୍ତିକୁ କେବଳ ବିତରଣ କଲେ ମୋହନ ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ୧୬,୦୦୯ ଜଣଙ୍କୁ କନିଷ୍ଠ ଶିକ୍ଷକ (ସ୍କିମାଟିକ) ଭାବେ ପ୍ରଦାନ କରାଯାଉଥିବା ନିଯୁକ୍ତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କ ସମୟରେ ସମସ୍ତ କାର୍ଯ୍ୟଚୂଡାନ୍ତ ହୋଇଥିଲା ବୋଲି ବିଜୁ ଜନତା ଦଳ ଦୃଢ଼ ଦାବି କରିବା ସହ ମଲାହରିଣ ଉପରେ ପାହାର ପକାଇ ତାକୁ ଶିକାର କରିଛି ବୋଲି କହିବା ସଦୃଶ୍ୟ ହୋଇଛି ବୋଲି କୁହାଯାଇଛି। ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି ବିଜେପି ସରକାର ଏକ କପିପେଷ୍ଟ ସରକାର ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ଖୁଣ୍ଟିଆ କହିଥିଲେ, ଏହି ସ୍କିମ୍ ନିଯୁକ୍ତି ପାଇଁ ନବୀନ ସରକାର ୨୨ ଅଗଷ୍ଟ ୨୦୨୩ ଦିନ ଏକ ରିଜଲ୍ୟୁସନ କରିଥିଲେ। ୧୦ ସେପ୍ଟେମ୍ବର ୨୦୨୩ରେ ଏହି କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ



ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ବିଜ୍ଞାପନ ପ୍ରକାଶ ପାଇଥିଲା । ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଥିଲେ, ଶ୍ରମିକମାନଙ୍କ ପାରିଶ୍ରମିକବୃଦ୍ଧି କଥା ହେଉ ବା ଓଡିଶାକୁ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ପୁଞ୍ଜି ନିବେଶ କଥା ହେଉବାଶିକ୍ଷକ ନିଯୁକ୍ତି କଥା ହେଉ ନବୀନ ସରକାରଙ୍କ ଛାପ ସବୁ ଠାରେ ରହିଛି । ନବୀନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ, ଓଡିଶା ଅନେକ କ୍ଷେତ୍ରରେ ସଫଳତା ପାଉଛି। ନବୀନଙ୍କ ସମୟରେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା। କେବଳ କିଛି ଆବେଦନ କାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଯୋଗୁଁ ନିଯୁକ୍ତି ପତ୍ର ଦିଆଯାଇ ପାରିନଥିଲା । ମାନନୀୟ ଉଚ୍ଚ ନ୍ୟାୟାଳୟ ନବୀନ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ନିଯୁକ୍ତି ପ୍ରଣାଳୀଙ୍କୁ ସ୍ୱୀକୃତି ଦେବା ପରେବିଜେପିସରକାର ନିଯୁକ୍ତି ପ୍ରଦାନ କରୁଛନ୍ତି । ବିଜେପି ସରକାରଙ୍କ ଏଥିପାଇଁ ଉଦ୍ୟମ ଶୂନ ହୋଇଥିଲେ ହେଁ ଖବର କାଗଜରେ ବଡ଼ବଡ଼ ବିଜ୍ଞାପନ ଦେଇ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଡାକି ନିଜର ବାହାଦୁରି ଦେଖାଇବାକୁ ପ୍ରୟାସ କରୁଛନ୍ତି ବୋଲି ଡଃ ମହାନ୍ତି କହିଥିଲେ ।

## ସବ୍ୟସାଚୀଙ୍କ ଜନ୍ମଦିନ ପାଳନ କଲା ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ା, ଲାଞ୍ଜିଗଡ଼

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ ସହିତ ମିଳିତ ଭାବରେ ଓଲିଉଡ ଷ୍ଟାର୍ ସବ୍ୟସାଚୀ ମିଶ୍ରଙ୍କ ଜନ୍ମଦିନ ପାଳନ କରିଛି । ଶ୍ରୀ ମିଶ୍ର କେବଳ ଜଣେ ସୁଦକ୍ଷ କଳାକାର ନୁହନ୍ତି ଜଣେ ଦରଦୀ ମଣିଷ ମଧ୍ୟ, ସେ କେବଳ ଅଭିନୟରେ ମଣିଷର ମନକୁ କିଣିନାହାନ୍ତି ତାହା ସହିତ ତାଙ୍କର ଦାତବ୍ୟ ମନୋଭାବ ଯୋଗୁଁ ଦୁଃଖୀ ଦରିଦ୍ରଙ୍କ କଷ୍ଟ ଲାଘବ କରିବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବେଦାନ୍ତ ପକ୍ଷରୁ କୁହାଯାଇଛି । ସବ୍ୟସାଚୀ ମିଶ୍ରଙ୍କର ସୁଦୀର୍ଘ କ୍ୟାରିୟରରେ ୪୨ଟି ଓଡ଼ିଆ ଚଳଚ୍ଚିତ୍ର, ୩ଟି ତେଲଗୁ ଚଳଚ୍ଚିତ୍ର, ୨ଟି ତାମିଲ୍ ଚଳଚ୍ଚିତ୍ର ଏବଂ ୧ଟି ବଙ୍ଗଳା ସିନେମାରେ ଅଭିନୟ କରିଛନ୍ତି, ଘରେ ଘରେ ''ଓଲିଉଡ୍ର ସୁପରଷ୍ଟାର୍'' ଭାବରେ ପରିଚିତ । ତାଙ୍କର ମନଛୁଆଁ ରୋମାଣ୍ଟିକ୍, ଆକ୍ସନରେ ଭରପୁର ଓ ସମାଜ ପାଇଁ ପ୍ରାସଙ୍ଗିକ ଭୂମିକା ପାଇଁ ବେଶ୍ ଲୋକପ୍ରିୟ ସବ୍ୟସାଚୀ ଦୀର୍ଘ ଦଶନ୍ଧି ଧରି ଦର୍ଶକମାନଙ୍କର ମନ ଜିଣି ଆସୁଛନ୍ତି, ତାଙ୍କୁ ଆଧୁନିକ ଓଡ଼ିଆ ସିନେମା ଜଗତର ସର୍ବାଧିକ ଚର୍ଚ୍ଚିତ ଅଭିନେତା କହିଲେ ଭୁଲ୍ ହେବ ନାହିଁ । ନିକଟରେ ତାଙ୍କର ଅଭିନୀତ ଚଳଚ୍ଚିତ୍ର ପୁଷ୍କରା, ପ୍ରସିଦ୍ଧ ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଓଡ଼ିଆ ଉପନ୍ୟାସ ନାଦବିନ୍ଦୁ ଉପରେ ଆଧାରିତ ହୋଇଥିଲା । ଏଥିରେ ଓଡ଼ିଶାର ଲୋପ ପାଇ ଯାଉଥିବା ପାରମ୍ପରିକ ରୀତି ଓ ସଂସ୍କୃତି ପ୍ରତିଫଳିତ ହୋଇଥିଲା । ଏଥିରେ ମଧ୍ୟ ପାରମ୍ପରିକ ପାରିବାରିକ ବୃତ୍ତିକୁ ବୃତ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା ଯାହାକି ଆଧୁନିକ ସମୟରେ ଧୀରେ ଧୀରେ ଅପସରି ଯାଉଛି । ପୁଷ୍କରାରେ ସବ୍ୟସାଚୀ ଏକ ଅଜବ ଚରିତ୍ରରେ ଅଭିନୟ କରିଥିଲେ ଯାହାକି ଓଡ଼ିଶାର ସାଂସ୍କୃତିକ ଓ ପରିବେଶ ସମ୍ପର୍କିତ ଐତିହ୍ୟ ଉପରେ ଆଧାରିତ ଥିଲା । ଆଉ ନିକଟରେ ଏହି ଷ୍ଟାରଙ୍କୁ ଦେଖିବାକୁ ମିଳିବ ବ୍ୟାସକବି ଫକୀର ମୋହନ ସେନାପତିଙ୍କର ଉପନ୍ୟାସ ଉପରେ ଆଧାରିତ ସିନେମା ରାଣ୍ଡୀପୁଅ ଅନନ୍ତାରେ ।

ସବ୍ୟସାଚୀ ଦାତବ୍ୟ ମନୋଭାବ ସହ ସମାଜ କଲ୍ୟାଣ ଦିଗରେ ମଧ୍ୟ ବେଶ୍ ସମର୍ପିତଛ ତାଙ୍କର ଅନୁଷ୍ଠାନ, ସ୍ମାଇଲ୍ ପ୍ଲିଜ୍, ଓଡ଼ିଶାର ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଦାତବ୍ୟ ପ୍ରୟାସ ହାତକୁ ନେଇଥାଏଛ ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ଦାରିଦ୍ର୍ୟ ନିରାକରଣ ପର୍ଯ୍ୟନ୍ତ ସେ ମହତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକଳ୍ପର ନେତୃତ୍ୱ ନେଇଛନ୍ତି । ସବ୍ୟସାଚୀ ମିଶ୍ର ହେଉଛନ୍ତି ଓଡ଼ିଶା



ଫାଷ୍ଟ ଫୋରମ୍‌ର ଜଣେ ମହତ୍ୱପୂର୍ଣ୍ଣ ସଦସ୍ୟ, ଓଡ଼ିଶାର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିକାଶ ପାଇଁ ଏକ ସମର୍ପିତ ପ୍ରୟାସ । ୨୦୨୧ ମସିହାରେ ଏହି ଫୋରମ୍ ଆରମ୍ଭ ହେବା ପରଠାରୁ ସେ ବେଦାନ୍ତ ସହିତ ମିଳିତ ଭାବରେ ବିଭିନ୍ନ ସମ୍ମିଳନୀ ଏବଂ ସମାଜ କଲ୍ୟାଣ ପ୍ରୟାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଆସୁଛନ୍ତି । ତାଙ୍କର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ହେଉଛି ଭୁବନେଶ୍ୱରରେ ଜଳ ସେବା ଶିବିର ଆରମ୍ଭ କରିବା । ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଥିବା ସମୟରେ ୧୦,୦୦୦ ରୁ ଅଧିକ ନାଗରିକଙ୍କୁ ମାଗଣା ଥଣ୍ଡା ପିଇବା ପାଣି, ଲେମୋନେଡ୍ ଏବଂ ଘୋଳଦହି ମାଗଣାରେ ବାଣ୍ଟିଛନ୍ତି । ଏହି ବିଶେଷ ଅବସରରେ ବେଦାନ୍ତ ଆଲୁମିନିୟମର ସିଓଓ, ସବ୍ୟସାଚୀଙ୍କୁ ପ୍ରଶଂସା କରି କହିଛନ୍ତି ''ଆପଣଙ୍କର ଏହି ବିଶେଷ ଦିବସରେ, ଆପଣ ଅଗଣିତ ଲୋକଙ୍କ ଭିତରେ ଯେଉଁ ଆନନ୍ଦ ଓ ପ୍ରେରଣା ଭରି ଦେଇଛନ୍ତି ସେଥିପାଇଁ କୃତଜ୍ଞତା ଜଣାଇବାକୁ ଚାହୁଁଛି ।

### କାନାରା ବ୍ୟାଙ୍କର ଶିକ୍ଷାନୁଷ୍ଠାନଗୁଡିକରେ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ

## ମେସିନ୍ ଓ ସାନିଟାରୀ ନ୍ୟାପକିନ୍ ଡିସପୋଜାଲ ମେସିନର ସ୍ଥାପନା

ଭୁବନେଶ୍ୱର (ସବ୍ୟୁ) : ନବରାତ୍ରୀର ପବିତ୍ର ଅବସରରେ କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ




କାର୍ଯ୍ୟାଳୟ ତରଫରୁ ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଓ ପରିଛନ୍ନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷାନୁଷ୍ଠାନଗୁଡିକରେ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନ୍ୟାପକିନ୍ ଡିସପୋଜାଲ ମେସିନର ସ୍ଥାପନା କରାଯାଇଛି। ଏହି ମହତ୍ କାର୍ଯ୍ୟର ପଦକ୍ଷେପ ସ୍ୱରୁପ ବ୍ୟାଙ୍କର ରାଜ୍ୟ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର କଟକର ନାରଣପୁରସ୍ଥିତ କେଏମ୍‌ବିବି ଜୁନିୟର ସାଇନ୍ସ କଲେଜକୁ ଏହି ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନ୍ୟାପକିନ୍ ଡିସପୋଜାଲ ମେସିନ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ପ୍ରିନ୍ସିପାଲ, ବ୍ୟାଙ୍କ ଅଧିକାରୀ ଓ କଲେଜର ଅନ୍ୟାନ୍ୟ କର୍ମଚାରୀଗଣ ଉପସ୍ଥିତ ଥିଲେ। ବ୍ୟାଙ୍କ ତରଫରୁ ଭୁବନେଶ୍ୱର, କଟକ, ଭଦ୍ରକ, ବ୍ରହ୍ମପୁର. ଏବଂ ସମ୍ବଲପୁର ଆଦି ସହର ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ୨୦ଟି ମେସିନ ସ୍ଥାପିତ ହୋଇଥିଲା। ଆସନ୍ତା ୬ ମାସ ମଧ୍ୟରେ ଏହି ମେସିନଗଡିକୁ ପୁନର୍ବାର ରିଫିଲ କରାଯିବ ବୋଲି କାନାରା ବ୍ୟାଙ୍କ ଏହା ସୁନିଶ୍ଚିତ କରିବା ବ୍ୟାଙ୍କର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିଲା ।

## ଆଇଏଫଏସସି ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): କ୍ଲାଉଡ୍ ସେବା, ଡିଜିଟାଲ ଟ୍ରାନ୍ସଫର୍ମେସନ୍, ଏଟରପ୍ରାଇଜ୍ ଆପ୍ଲିକେସନ୍ ଏବଂ ପରିଚାଳିତ ଆଇଟି ସେବା ପ୍ରଦାନ କରୁଥିବା ଏକ ବିଶ୍ୱସ୍ତରୀୟ ଆଇଟି ସେବା କମ୍ପାନୀ ଡେଭ୍ ଇନଫର୍ମେସନ୍ ଟେକ୍ନୋଲୋଜି ଲିମିଟେଡ୍ , ସିଙ୍ଗଲ ୱିଣ୍ଡୋ ଆଇଟି ସିଷ୍ଟମ୍ ର ବିକାଶ ସହିତ ଏହାର ବୈଷୟିକ ଦକ୍ଷତା ପ୍ରଦର୍ଶନ କରିଛି। ଭାରତର ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର (ଆଇଏଫଏସସି) ମଧ୍ୟରେ ବ୍ୟବସାୟ ପ୍ରତିଷ୍ଠାର ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପ୍ଲାଟଫର୍ମ ଅହମ୍ମଦାବାଦରେ ଆରମ୍ଭ କରାଯାଇଛି। ସେପ୍ଟେମ୍ବର ୧୬, ୨୦୨୪ରେ ଅହମ୍ମଦାବାଦଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ଲାଟଫର୍ମକୁ ଉଦଘାଟନ କରିଥିଲେ । ଏସଡବ୍ଲ୍ୟୁଆଇଟିର ସଫଳ ବିକାଶ ଅତ୍ୟାଧୁନିକ ଡିଜିଟାଲ ସମାଧାନ ପ୍ରଦାନ କରିବାରେ ଦେବ ଆଇଟିର କ୍ଷମତାକୁ ଦର୍ଶାଏ । ଏହି ସଫଳତା କେବଳ ଡିଜିଟାଲ ପରିବର୍ତ୍ତନରେ କମ୍ପାନୀର ନେତୃତ୍ୱକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱାସ୍ଥ୍ୟସେବା, ଇ-ଗଭର୍ଣ୍ଣାନ୍ସ ଏବଂ ରିଟେଲ ଭଳି ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପ୍ରଭାବଶାଳୀ ପ୍ରକଳ୍ପ ପାଇଁ ଦ୍ୱାର ଖୋଲିଥାଏ, ଯେଉଁଠାରେ ସୁବ୍ୟବସ୍ଥିତ ବ୍ୟବସ୍ଥା ପରିଚାଳନା ଦକ୍ଷତା ବୃଦ୍ଧି କରିପାରିବ । ଦେବ ଇନଫର୍ମେସନ ଟେକ୍ନୋଲୋଜି ଲିମିଟେଡର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଣବ ପାଣ୍ଡ୍ୟା କହିଛନ୍ତି ଯେ, ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶନରେ ବିକଶିତ ଏହି ପ୍ରକଳ୍ପ ଜଟିଳ ବ୍ୟବସାୟ ପ୍ରକ୍ରିୟାକୁ ସରଳ କରିବା, ଭାରତର ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ରଗୁଡ଼ିକରେ ନିଜକୁ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବ୍ୟବସାୟଗୁଡିକ ପାଇଁ ପରିଚାଳନା ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କେଲେବଲ୍, ଅଭିନବ ସମାଧାନ ସୃଷ୍ଟି କରିବାର ଆମର ଦକ୍ଷତା ପ୍ରଦର୍ଶନ କରେ ।

## ଛାତ୍ରଛାତ୍ରୀଙ୍କ ମାନସିକ ଚାପମୁକ୍ତି ସଂକ୍ରାନ୍ତ ଆଲୋଚନାଚକ୍ର

କଟକ, (ସ୍ୱ.ପ୍ର): ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ମାନସିକ ଚାପ ହ୍ରାସ ସହିତ ଅନ୍ତର୍ନିହିତ ଶକ୍ତିର ଉନ୍ମେଷ ପ୍ରସଙ୍ଗ ଆଧାରିତ ଆଲୋଚନାଚକ୍ର ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ଉଦ୍‌ଘାଟନ କରିଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମାନସିକ ଶାନ୍ତି ଓ ଶାରୀରିକ ସୁସ୍ଥତା ପାଇଁ ଯୋଗ ଓ ପ୍ରାଣାୟାମର ଗୁରୁତ୍ୱ ଉପରେ ତଥ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ସମ୍ମାନିତ ବକ୍ତା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାର ପିୟୁଷ, ବ୍ରହ୍ମାକୁମାର ଶଶୀ ଭାଇ, ବ୍ରହ୍ମାକୁମାର ଆନନ୍ଦ ଭାଇ ଏବଂ ବ୍ରହ୍ମାକୁମାରୀ



ସଂଧ୍ୟାରାଣୀ ଯୋଗଦେଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷା, ପରୀକ୍ଷା ଓ ପରବର୍ତ୍ତୀ ସମୟରେ ଚାକିରୀ ସଂଧାନୀ ଛାତ୍ରଛାତ୍ରୀ କିଭଳି ମାନସିକ ଚାପ ଓ ସଂଶୟର ସମ୍ମୁଖୀନ ହୋଇଥାନ୍ତି ସେବିଷୟରେ ଆଲୋକପାତ କରିବା ସହ ଏଥିରୁ ମୁକ୍ତି ପାଇବାର ବିଭିନ୍ନ ଉପାୟ ସଂପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର,ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ,ନିର୍ଦ୍ଦେଶକ (ଛାତ୍ରକଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ହରିୟାଣାରେ ଫେରିବ କଂଗ୍ରେସ !

**ନୂଆଦିଲ୍ଲୀ:** ହରିୟାଣା ବିଧାନସଭାର ୯୦ ଆସନ ଲାଗି ମତଦାନ ଆଜି ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ୬୧% ମତଦାନ ହୋଇଥିବା ସୂଚନା ମିଳିଛି । ରାଜନୈତିକ ଦୃଷ୍ଟିକୋଣରୁ ହରିୟାଣା ବିଧାନସଭା ନିର୍ବାଚନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଉଛି । ଯଦିଓ ଏହାକୁ ଏକ ଛୋଟ ରାଜ୍ୟ ବୋଲି କୁହାଯାଉଛି ତେବେ ଏହି ନିର୍ବାଚନର ଫଳାଫଳ ସୁଦୂର ପ୍ରସାରୀ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।



ବିଜେପି ୧୦ ବର୍ଷ ହେଲାଣି ଏଠାରେ କ୍ଷମତାରେ ରହିଛି । ତୃତୀୟ ଥର କ୍ଷମତାକୁ ଆସି ହାଟ୍ରିକ୍ କରିବାର ଯୋଜନା କରିଥିବାବେଳେ କଂଗ୍ରେସ ୧୦ ବର୍ଷ ପରେ ପୁଣି କ୍ଷମତାକୁ ଫେରିବାକୁ ଆଶା ବାନ୍ଧିଛି । ମୁଖ୍ୟତଃ ବିଜେପି ଓ କଂଗ୍ରେସ ମଧ୍ୟରେ ଏଠି ଲଢ଼େଇ ହେଉଥିବାବେଳେ ଆମ୍ଆଦ୍ମୀ ପାର୍ଟି, ଆଇଏନ୍ଏଲ୍ଡି, ବିଏସ୍ପି, ଜେଜେପି ଓ ଏଏସ୍ପି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କଂଗ୍ରେସ ସହ ଏଠି ବାମପନ୍ଥୀର ମେଣ୍ଟ ହୋଇଛି । ସିପିଆଇଏମ୍ ଗୋଟିଏ ଆସନରେ ଲଢୁଥିବାବେଳେ କଂଗ୍ରେସ ୮୯ ଆସନରେ ଲଢୁଛି । ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ ରାଲିକୁ ସମ୍ବୋଧନ କରି କଂଗ୍ରେସ ଉପରେ ଶାଣିତ ଆକ୍ରମଣ କରିଛନ୍ତି । ରାମ ମନ୍ଦିର ପ୍ରସଙ୍ଗ ମଧ୍ୟ ଏଠାରେ ଉତ୍ଥାପନ କରିଛନ୍ତି । ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧି ଅନେକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ କଂଗ୍ରେସର ଝଡ ଆସୁଛି ବୋଲି ଉଲ୍ଲେଖ କରିଛନ୍ତି । ସେ ମୁଖ୍ୟତଃ ଗରିବ ଓ ଚାଷୀମାନଙ୍କ ଉପରେ ଫୋକସ କରି ହରିୟାଣାରେ ପ୍ରେମର ଦୋକାନ ଖୋଲିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅଧିକାଂଶ ଆସନରେ କଂଗ୍ରେସ ଓ ବିଜେପି ମଧ୍ୟରେ ସିଧା ମୁକାବିଲା ହେଉଛି । ହରିୟାଣା ମୁଖ୍ୟମନ୍ତ୍ରୀ ସାଇନି ଆସନରୁ ନିର୍ବାଚନ ଲଢୁଥିବାବେଳେ ବିରୋଧୀ ଦଳ ନେତା ଗ୍ରହି ଆସନରୁ ନିର୍ବାଚନ ଲଢୁଛନ୍ତି । ସେହିଭଳି ଆଇଏମ୍ଏଲ୍ଡିର ଅଭୟ ସିଂ ଚୌତାଲା, ଏଲେନାବାଗ୍, ଜେଜେପିର ଦୁଷ୍ମନ୍ତ ଚୌତାଲା, ଉଚ୍ଚାନା କଲାନ, ବିଜେପିର ଅନିଲ୍ ଭିଜ୍, ଆମ୍ବାଲା, କ୍ୟାପ୍ଟେନ୍ ଅଭିମନ୍ୟୁ ଓ ଓପି ଧନ୍‌କାର ଏବଂ ଆପ୍‌ର ଅନୁରାଗ ଧାଣ୍ଡା ମଧ୍ୟ ନିର୍ବାଚନ ମୈଦାନରେ ଅଛନ୍ତି । କଂଗ୍ରେସରୁ କୁସ୍ତି ଯୋଦ୍ଧା ଭିନେଶ ଫୋଗତ ଜୁଲାନା ଆସନରୁ ନିର୍ବାଚନ ଲଢୁଛନ୍ତି । ଆସନ୍ତା ୮ ତାରିକରେ ଗଣତି କରାଯିବ । ୨୦୧୯ ନିର୍ବାଚନରେ ବିଜେପି ୪୦ ଆସନ ଜିତିଥିବାବେଳେ କଂଗ୍ରେସ ୩୧ ଓ ଜେଜେପି ୧୦ ଆସନରେ ଜିତିଥିଲା । ଜେଜେପି ସମର୍ଥନରେ ବିଜେପି ସେଠି ସରକାର ଗଢ଼ିଥିଲା । ତେବେ ନିର୍ବାଚନ ପୂର୍ବରୁ ଜେଜେପି ବିଜେପି ସହ ମେଣ୍ଟ ଭାଙ୍ଗିଛି ।

## ମହିଳା ମୁଖ୍ୟମନ୍ତ୍ରୀ ସମ୍ଭାବନା

ହରିୟାଣାର ହିସାର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ସାବିତ୍ରୀ ଜିନ୍ଦଲ କହିଛନ୍ତି ଯେ ସେ ହିସାର ପରିବାର ପକ୍ଷରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଏବଂ ବିଜୟ ଉପରେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ । ସମଗ୍ର ହିସାର ପରିବାର ତାଙ୍କ ସହିତ ଅଛନ୍ତି, ତେଣୁ ତାଙ୍କୁ କୌଣସି ପାର୍ଟିର ଆବଶ୍ୟକତା ନାହିଁ ତାଙ୍କ ପୁଅ (ନବୀନ ଜିନ୍ଦଲ)ଙ୍କ ବିଷୟରେ ସାବିତ୍ରୀ ଜିନ୍ଦଲ କହିଛନ୍ତି ଯେ ସେ ଏକ ପାର୍ଟିରେ ବନ୍ଧା ହୋଇଛନ୍ତି, ଦଳ ଯାହା କରିବାକୁ ନିର୍ଦ୍ଦେଶ ଦେବ ସେ ତାହା କରିବେଛ କିନ୍ତୁ, ମୁଁ ମୋର କାମ କରୁଛି ଏହା ସହିତ ସାବିତ୍ରୀ ଜିନ୍ଦଲ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ହରିୟାଣାରେ କୌଣସି ବି ଘଟଣା ଘଟିପାରେ, ଜଣେ ମହିଳା ମୁଖ୍ୟମନ୍ତ୍ରୀ ହୋଇପାରନ୍ତି । ହରିୟାଣାର ଅଧା ଜନସଂଖ୍ୟା ମହିଳା ହୋଇଥିବାବେଳେ କିଛି ବି ହୋଇପାରେ ମୋ ପାଇଁ ଉଭୟ ଭୁପେନ୍ଦ୍ର ସିଂ ହୁଡା ଏବଂ କୁମାରୀ ସେଲଜା ଦୁଇ ଜଣ ଭଲ ସେଲଜା ମୋ ଝିଅ ଭଳି ହୋଇଥିବାବେଳେ ହୁଡ୍ଡା ମୋ ପାଇଁ ଭାଇ ଭଳି । ସେହିପରି ହିସାରରୁ ଟିକେଟ୍ ବିଷୟରେ ବିଜେପି ସହ କୌଣସି ଆଲୋଚନା ହୋଇନଥିଲା ବୋଲି ସେ କହିଛନ୍ତି । ଏହା ସହିତ ସାବିତ୍ରୀ ଜିନ୍ଦଲ ଦାବି କରିଛନ୍ତି ଯେ ସେ ନିଶ୍ଚିତ ଭାବେ ହିସାର ଆସନରୁ ଜିତିବେ । ସାବିତ୍ରୀ ଜିନ୍ଦଲଙ୍କ ସହ ତାଙ୍କ ଝିଅ ସୀମା ଜିନ୍ଦଲ ମଧ୍ୟ ଭୋଟ୍ ଦେବାକୁ ଆସିଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସୀମା ଜିନ୍ଦଲ କହିଛନ୍ତି ଯେ ଆମ ଦେଶ, ସହର ଏବଂ ରାଜ୍ୟ ପାଇଁ ମତଦାନ ଏକ ଯଜ୍ଞ ଭଳି ଯେଉଁଠାରେ ବଳିଦାନ ଆମର ଭୋଟ୍, କେହି ଭୋଟ୍ ଦେବାରେ ବଞ୍ଚିତ ହେବା ଉଚିତ୍ ନୁହେଁ, ତେଣୁ ସମସ୍ତେ ନିଜର ଭୋଟ୍ ଦେବା ଉଚିତ୍ ।

# ଚାଷୀଙ୍କ ଖାତାକୁ ଗଲା ପିଏମ୍ କିଷାନ ଟଙ୍କା



**ମୁମ୍ବାଇ:** ଚାଷୀଙ୍କୁ ଖାତାକୁ ଚଢ଼ିଲା ପିଏମ କିଷାନର ୧୮ ତମ କିସ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଦ୍ ମହାରାଷ୍ଟ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ବଟନ ଟିପି ଏକାସାଙ୍ଗରେ ପୂରା ଦେଶର ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛନ୍ତି । ତେବେ ପିଏମ୍ କିଷାନର ୧୮ ତମ କିସ୍ତିରେ ୯ କୋଟି ୫୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରତ୍ୟେକ୍ଷ ଭାବେ ପଠାଯାଇଛି । ତେବେ ଏଥିପାଇଁ ମହାରାଷ୍ଟ୍ର ୱାସିମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଯୋଗ ଦେଇ ସେହିଠାରୁ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛନ୍ତି ମୋଦି । ୧୮ ତମ କିସ୍ତି ଜାରି ହେବା ପରେ ପିଏମ୍ କିଷାନ ଯୋଜନା ଅଧୀନରେ କୃଷକଙ୍କୁ ପ୍ରଦାନ କରାଯାଇଥିବା ମୋଟ୍ ପାଣ୍ଠି ପ୍ରାୟ ୩ ଲକ୍ଷ ୨୫ ହଜାର କୋଟି ଟଙ୍କା ହେବ । ତେବେ ବର୍ଷକୁ ୩ ଟି କିସ୍ତିରେ ପ୍ରତି ୪ ମାସ ବ୍ୟବଧାନରେ ସରକାର ଚାଷୀଙ୍କ ଖାତାକୁ ୨ ହଜାର ଲେଖାଏ ପିଏମ୍ କିଷାନ ରାଶି ପଠାନ୍ତି । ଅର୍ଥାତ୍ ବର୍ଷକୁ ୬ ହଜାର । ପୂର୍ବରୁ ଜୁନ ୧୮ ତାରିଖରେ ଚାଷୀଙ୍କ ଆକାଉଣ୍ଟକୁ ୧୭ ତମ କିସ୍ତି ପଠାଯାଇଥିଲା । ତେବେ ୨୦୧୯ ଫେବୃୟାରୀରୁ ଚାଷୀଙ୍କ ସହାୟତା ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା ପିଏମ୍ କିଷାନ ଯୋଜନା ଆରମ୍ଭ ହୋଇଛି ।

# ପାର୍ବଣ ସମୟରେ ସ୍ୱତନ୍ତ୍ର ଟ୍ରେନ

**ନୂଆଦିଲ୍ଲୀ:** ପାର୍ବଣ ସମୟରେ ଟ୍ରେନ ଯାତ୍ରୀଙ୍କ ଭିଡକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଦ୍ୱାରା ଦେଶର ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ ପାଇଁ ପୂଜା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ । ଯାହା ୨୦୨୪ ମସିହା ନଭେମ୍ବର ମାସର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ପଦକ୍ଷେପରେ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ବିକଳ୍ପ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂଜା ଛୁଟି ସମୟରେ ୫ ଲକ୍ଷ ୩୩ ହଜାରରୁ ଅଧିକ ଅତିରିକ୍ତ ଯାତ୍ରୀ ପରିବହନ ପାଇଁ ଲକ୍ଷ୍ୟ ରଖିଛି ।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରୁ ଦେଶର ବିଭିନ୍ନ ସ୍ଥାନକୁ ପ୍ରାୟ ୨୭ଯୋଡି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାର ଯୋଜନା କରିଛି । ଏହା ବ୍ୟତୀତ, ଅତିରିକ୍ତ ଭାବରେ ଆହୁରି ୧୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରି ଯାତ୍ରୀ ଭିଡ଼ ସମୟରେ ରେଳ ସଂଯୋଗକୁ ବୃଦ୍ଧି କରୁଅଛି । କହିବାକୁ ଗଲେ ୧୧୩୪ ଟ୍ରିପ ସ୍ୱତନ୍ତ୍ର ଟ୍ରେନ ପୂଜା ଉତ୍ସବ ସମୟରେ ଚଳାଚଳ କରିବ ।

ଜାତୀୟ ଟ୍ରେନ୍ ଇନକ୍ୱାରୀ ସିଷ୍ଟମ୍, ପୂର୍ବତଟ ରେଳପଥ (ଇଷ୍ଟକୋଷ୍ଟ ରେଲୱେ) ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ରେଳ ଷ୍ଟେସନରେ ଥିବା ଙ୍କ୍ଷ କାଉଣ୍ଟର (ଅନୁସନ୍ଧାନ କେନ୍ଦ୍ର) ଭଳି ବିଭିନ୍ନ ମାଧ୍ୟମରେ ଏହି ସ୍ୱତନ୍ତ୍ର ଟ୍ରେନର କାର୍ଯ୍ୟସୂଚୀ ଏବଂ ଉପଲବ୍ଧତା ସମ୍ବନ୍ଧରେ ଅବଗତ ହେବାପାଇଁ ରେଳ ଯାତ୍ରୀମାନଙ୍କୁ କୁହାଯାଇଅଛି । ଯାହାକି ଏକ ସୁଗମ ଏବଂ ଅସୁବିଧାମୁକ୍ତ ଭ୍ରମଣ ଅଭିଜ୍ଞତା ସୁନିଶ୍ଚିତ କରିବାକୁ ଏହି ମାଧ୍ୟମ ଗୁଡିକ ସଠିକ ସୂଚନା ପ୍ରଦାନ କରିବ ।

ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଧାନବାଦ୍ (ଝାଡ଼ଖଣ୍ଡ) ଏବଂ ଯଶୋବନ୍ତପୁର (ବାଙ୍ଗାଲୋର) ଅଭିମୁଖେ ପୁରୀରୁ ପାଟନା (ବିହାର), ନିଜାମୁଦ୍ଦିନ (ଦିଲ୍ଲୀ), ଉଧନା (ସୁରଟ-ଗୁଜୁରାଟ), ଗ୍ୱାଲିୟର (ମଧ୍ୟ ପ୍ରଦେଶ), କୋଲକାତା, ସାନ୍ତ୍ରାଗାଛି, ଶାଲିମାର (ପଶ୍ଚିମ ବଙ୍ଗ) ଏବଂ ଭଞ୍ଜପୁର (ବାରିପଦା) ଅଭିମୁଖେ ସମ୍ବଲପୁରରୁ ଏରୋଡ (କେରଳ) ଅଭିମୁଖେ ବିଶାଖାପାଟନମ୍ ଠାରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, ଚେନ୍ନାଇ, କୋଲାମ (କେରଳ), ଶାଲିମାର ଏବଂ ଆରାକୁ ଅଭିମୁଖେ ଚଳାଚଳ କରିବାକୁ ଥିବାବେଳେ ବ୍ରହ୍ମପୁର ରୁ ନାନ୍ଦେଡ (ମହାରାଷ୍ଟ୍ର), ସିକନ୍ଦରାବାଦ, ସୁରଟ(ଗୁଜୁରାଟ) ଶ୍ରୀକାକୁଳମ୍ ଠାରୁ ସିକନ୍ଦରାବାଦ ଏବଂ ତିରୁପତି ଅଭିମୁଖେ ଏବଂ କଟକରୁ ହାଇଦ୍ରାବାଦ ଅଭିମୁଖେ ଚଳାଚଳ କରୁଛି ।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ହେଉଛି ।

ଭୁବନେଶ୍ୱରରୁ ଧାନବାଦ୍ (ଝାଡ଼ଖଣ୍ଡ) ଏବଂ ଯଶୋବନ୍ତପୁର (ବାଙ୍ଗାଲୋର), ପୁରୀରୁ ପାଟନା (ବିହାର), ନିଜାମୁଦ୍ଦିନ (ଦିଲ୍ଲୀ), ଉଧନା (ସୁରଟ-ଗୁଜୁରାଟ), ଗ୍ୱାଲିଅର (ମଧ୍ୟ ପ୍ରଦେଶ), କୋଲକାତା, ସାନ୍ତ୍ରାଗାଛି, ଶାଲିମାର (ପଶ୍ଚିମ ବଙ୍ଗ) ଏବଂ ଭଞ୍ଜପୁର (ବାରିପଦା), ସମ୍ବଲପୁରରୁ ଏରୋଡ (କେରଳ), ବିଶାଖାପାଟନମ୍ ଠାରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, ଚେନ୍ନାଇ, କୋଲାମ (କେରଳ), ଶାଲିମାର ଏବଂ ଆରାକୁ, ବ୍ରହ୍ମପୁର ରୁ ନାନ୍ଦେଡ (ମହାରାଷ୍ଟ୍ର), ସିକନ୍ଦରାବାଦ, ସୁରଟ(ଗୁଜୁରାଟ), ଶ୍ରୀକୁକୁଳମ୍ ରୁ



ସିକନ୍ଦରାବାଦ ଏବଂ ତିରୁପତି,
କଟକରୁ ହାଇଦ୍ରାବାଦ

ଦୁର୍ଗା ପୂଜା, ଦୀପାବଳୀ ଏବଂ ଛଟ ପୂଜା ସମୟରେ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ଯାତାୟାତ କରିବାକୁ ଥିବା ଯାତ୍ରୀମାନଙ୍କୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଅତିରିକ୍ତ ସୁବିଧା ଯୋଗାଇବ ଯାହାକି ସମସ୍ତେ ସୁବିଧାରେ ଏବଂ ନିରାପଦରେ ଠିକ୍ ସମୟରେ ନିଜ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ ।

## ମାଓ ପ୍ରଭାବିତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା

**ନୂଆଦିଲ୍ଲୀ:** କେମିତି ମାଓ ମୁକାବିଲାକୁ ଜୋରଦାର କରିହେବ? ମାଓ ହିଂସାକୁ ବନ୍ଦ କରିବା ପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ କେଉଁ ସବୁ ରଣନୀତି କରିବାର ଆବଶ୍ୟକତା ରହିଛି ସେନେଇ ହେବ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ୭ ତାରିଖରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିବେଛ ବୈଠକରେ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ ।

ଏହି ବୈଠକରେ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶ ସହାୟତା ଯୋଗାଇଦେବା ସହ ଜଡ଼ିତ ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗଦେବେ । ଜାତୀୟ ସୁରକ୍ଷାର ଉପ ପରାମର୍ଶଦାତା ଏବଂ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିବେଛ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ)ର ବିପଦକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାର ନକ୍ସଲବାଦର ମୁକାବିଲା ପାଇଁ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟ ସରକାରଙ୍କୁ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେଉଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶେଷ ଥର ପାଇଁ ୦୬ ଅକ୍ଟୋବର, ୨୦୨୩ରେ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏଲଡବ୍ଲୁଇ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ । ସେହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଏଲଡବ୍ଲୁଇ ଉଚ୍ଛେଦ ସଂକ୍ରାନ୍ତରେ ବ୍ୟାପକ ନିର୍ଦ୍ଦେଶ ଦେଇଥିଲେ । ମୋଦୀ ସରକାରଙ୍କ ରଣନୀତି ଯୋଗୁଁ ଏଲଡବ୍ଲୁଇ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୧୦ ତୁଳନାରେ ୨୦୨୩ରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି ଏବଂ ଏଲଡବ୍ଲୁଇ ଆଜି ନିଜର ଶେଷ ଲଢ଼େଇ ଲଢୁଛି ।

## ୨୦୦ ଫୁଟ୍ ତଳକୁ ଖସିଲା ବରଯାତ୍ରୀ ବସ୍, ୩୦ ମୃତ

**ନୂଆଦିଲ୍ଲୀ:** ଅଧାରେ ରହିଗଲା ବାହାଘରଛ ବିବାହ ପୂର୍ବରୁ ଆଖି ବୁଜିଲେ ବରଯାତ୍ରୀ । କନିଆଁ ଘରେ ପହଞ୍ଚିବା ପୂର୍ବରୁ ୨୦୦ ଫୁଟ୍ ଖାଇକୁ ଖସିଗଲା ବରଯାତ୍ରୀ ବସ୍ । ଏଥିରେ ୩୦ ଜଣ ପ୍ରାଣ ହରାଇଛନ୍ତି । ଉତ୍ତରଖଣ୍ଡରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଉତ୍ତରାଖଣ୍ଡର ପୌଡି ଜିଲ୍ଲାରେ ବରଯାତ୍ରୀ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡିଛି । ଏଥିରେ ୨୫ରୁ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେହିପରି ଅନେକ ଲୋକ ଆହତ ହୋଇଛନ୍ତି । ଶୁକ୍ରବାର ରାତିରେ ଏହି ଦୁର୍ଘଟଣା ଘଟିଛି ।



ସୂଚନା ମୁତାବକ, ପୌଡି ଜିଲ୍ଲାରେ ଏକ ବିବାହ ସମାରୋହ ପାଇଁ ଶୁକ୍ରବାର ବରଯାତ୍ରୀଙ୍କୁ ନେଇ ଏକ ବସ୍ ବାହାରିଥିଲା । ଏହି ବସ୍ ହରିଦ୍ୱାର ନିକଟ ଲାଲ ୱାଙ୍ଗ ଅଞ୍ଚଳରୁ ପୌଡି ଜିଲ୍ଲାର ବିରୋନଖାଲ ଗ୍ରାମକୁ ଯାଉଥିଲା । ତେବେ ଗନ୍ତବ୍ୟସ୍ଥଳ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ବସ୍ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘାଟ ରୋଡ୍ ପାହାଡ ଚୁଥିବା ବେଳେ ନିୟନ୍ତ୍ରଣ ହରାଇ ବସ୍ଟି ୨୦୦ ଫୁଟ୍ ତଳକୁ ଖସି ପଡିଥିଲା ।

# କେମିତି ଜଙ୍ଗଲ ଭିତରେ ୩୧ ନକ୍ସଲଙ୍କୁ ନିପାତ କଲେ ସୁରକ୍ଷାକର୍ମୀ ?

**ବସ୍ତର:** ଅବୁଝମାଦର ଘଞ୍ଚ ଓ ରହସ୍ୟମୟ ଜଙ୍ଗଲ । ଛିତଶଗଡ଼ର ବସ୍ତରବାସୀ ସବୁବେଳେ ଏହାକୁ ଅଜଣା ପାହାଡ଼ ଭାବେ ଜାଣନ୍ତି । ଏଥିପାଇଁ ଏହି ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ମାଓବାଦୀଙ୍କ ଗଡ଼ ଭାବେ ପରିଚୟ ହାସଲ କରିଥିଲା । ଜଙ୍ଗଲ ରାସ୍ତା ଅତ୍ୟନ୍ତ ରହସ୍ୟମୟ ଓ ଭିତକୁ ଯିବା ଅତ୍ୟନ୍ତ ଅସମ୍ଭବ । ସେଥିପାଇଁ ସୁରକ୍ଷାକର୍ମୀଙ୍କ ବିନା ଭୟରେ ମାଓବାଦୀମାନେ ଏହି ସ୍ଥାନକୁ ନିଜର ଆଡ୍ଡା ବନାଇ ଦେଇଥିଲେ । କିନ୍ତୁ ଶୁକ୍ରବାର ଛତିଶଗଡ଼ର ଏହି ଉପାନ୍ତ ବା ବିଚ୍ଛିନ୍ନାଅଞ୍ଚଳରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା । ଦେଶରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନକୁ ବଳ ମିଳିଛି । ଉକ୍ତ ଅଞ୍ଚଳରେ ଥିବା ମାଓବାଦୀଙ୍କୁ ଲାଗିଛି ଝଟକା ।

ବିରାଟ ଅପରେସନ ମାଧ୍ୟମରେ ସୁରକ୍ଷାକର୍ମୀ ୩୧ ଜଣ ମାଓବାଦୀଙ୍କୁ ସଫା କରିଛନ୍ତି । ଏମାନଙ୍କ ମଧ୍ୟରେ ମୋଷ୍ଟ ୱାଣ୍ଟେଡ କମାଣ୍ଡର କମଲେଶ ଓରଫ ଆରକେ ଓ ସଂଗଠନର ମୁଖପାତ୍ର ନୀତି ଓରଫ ଉର୍ମିଳା ରହିଛନ୍ତି । ଉଭୟ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ପ୍ରମୁଖ ଚେହେରା ଥିଲେ । କମଲେଶଙ୍କୁ ୫ ରାଜ୍ୟର ପୁଲିସ୍ ଖୋଜୁଥିବା ବେଳେ ଉର୍ମିଳା ସଂଗଠନର ବିଚାରଧାରାକୁ ପ୍ରଚାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ ।

କମଲେଶଙ୍କ ମୂଳ ଘର ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ । ସେ ଜଣେ ଆଇଟିଆଇ ଶିକ୍ଷାର୍ଥୀ । ପ୍ରାଥମିକ ଭାବେ ସେ ଉତ୍ତର ବସ୍ତର, ନାଲଗୋଣ୍ଡା, ବିହାରର ମାନପୁର ଓ ଓଡ଼ିଶା ସୀମାନ୍ତରେ ସକ୍ରିୟ ଥିଲେ । ତାଙ୍କର ଦବଦବା ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଓ ମହାରାଷ୍ଟ୍ରରେ ରହିଥିଲା । ଉର୍ମିଳା ହେଉଛନ୍ତି ବିଜାପୁର ଗଙ୍ଗାଲୁରର ମୂଳବାସିନ୍ଦାଛ ସେ ସ୍ପେଶାଲ ଜୋନାଲ କମିଟିର ସଦସ୍ୟ ।



ଇନ୍ଦିରାବତୀ ଏରିଆ କମିଟି ଓ ପିପୁଲ୍ସ ଲିବେରେସନ ଗରିଲା ଆର୍ମି କମ୍ପାନୀ ନମ୍ବର ୬ର ପ୍ରମୁଖ ସଦସ୍ୟଙ୍କ ସମେତ ଜଙ୍ଗଲରେ ୫୦ ଜଣ ମାଓବାଦୀ ଉପସ୍ଥିତ ଥିବା ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ ଅପରେସନ ପାଇଁ ଯୋଜନା ହୋଇଥିଲା ।

ଓରଚା ଓ ବାରସୁର ପୁଲିସ ଷ୍ଟେସନ ଅଧୀନରେ ଥିବା ନେନ୍ଦୁ-ଥୁଲୁଥୁଲି ଗାଁ ନିକଟରେ ଥିବା ଜଙ୍ଗଲରେ କମଲେଶ, ଉର୍ମିଳା ଓ ନନ୍ଦୁ ଭଳି ଟପ ମାଓବାଦୀମାନା ଥିବା ଗୁଇନ୍ଦା ବିଭାଗ କହିଥିଲା ।

ଖବର ମିଳିବା ପରେ ଗୁରୁବାର ଠାରୁ ଜଙ୍ଗଲ ମଧ୍ୟରେ ଜିଲ୍ଲା ରିଜର୍ଭ ଗାର୍ଡ(ଡିଆରଜି) ଓ ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ) ପକ୍ଷରୁ ନକ୍ସଲ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା । ବ୍ୟାକଅପରେ ସିଆରପିଏଫ ଯବାନମାନେ ମଧ୍ୟ ରହିଥିଲେ ।

ପ୍ରଥମେ ସୁରକ୍ଷାକର୍ମୀମାନେ ଦୀର୍ଘ ୩୫ କିମି ବାଟ ଚାଲିଚାଲି ଜଙ୍ଗଲ ଭିତରକୁ ଯାଇଥିଲେ । ଏହାପରେ ଦୁଇ ଭାଗ ହୋଇ ମାଓବାଦୀଙ୍କ ଉପରେ ହମଲା କରିଥିଲେ । ଏହା ଦେଖି ମାଓବାଦୀମାନେ ପୂରା ଚକିତ ହୋଇଯାଇଥିଲେ । ଦୀର୍ଘ ଘଣ୍ଟା ଧରି ଚାଲିଥିବା ଗୁଳି ବିନିମୟ ବେଳେ ସୁରକ୍ଷାକର୍ମୀମାନେ ଆଉ ୧୦ କିମି ବାଟ ଆଗକୁ ଜଙ୍ଗଲ ଭିତରେ ଯାଇଥିଲେ ।

ଅଧିକାରୀମାନଙ୍କ କହିବା କଥା ଯେ ଦୀର୍ଘ ସମୟ ଧରି ହୋଇଥିବା ଗୁଳି ବିନିୟମରେ ୩୧ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି ଓ ସେମାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି । ସେମାନଙ୍କ ନିକଟରୁ ଏକାଧିକ ଲାଇଟ ମେସିନ ଗନ, ଏକେ ୪୭, ଏସଏଲ ରାଇଫଲ, ଇନସାସସ ରାଇଫଲ ଓ .୩୦୩ କାଲିବରର ବନ୍ଧୁକ ଜବତ କରାଯାଇଛି । ଏଥିରୁ ଘଟଣା ସ୍ଥଳରେ ଟପ୍ କମାଣ୍ଡରମାନେ ଉପସ୍ଥିତ ଥିବା ସ୍ପଷ୍ଟ ହୋଇଛି ।

### ୬ ମାସରେ ତୃତୀୟ ସଫଳତା

ବସ୍ତର ରିଜନରୁ ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ ଚାଲିଥିବା ଅଭିଯାନ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା । ଏପ୍ରିଲ ମାସରେ କାଙ୍କେର ଠାରା ମାଓବାଦୀ ସହିଥିବା କ୍ଷତିକୁ ଶୁକ୍ରବାର ଏନକାଉଣ୍ଟର ବଳି ଯାଇଛି ।

ଏପ୍ରିଲ ୧୫ରେ କାଙ୍କେର ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୨୯ ଜଣ ମାଓବାଦୀ ନିହତ ହୋଇଥିଲେ । ଏମାନଙ୍କ ମଧ୍ୟରେ ୧୫ ଜଣ ମହିଳା ରହିଥିଲେ । ସେହିପରି ୨ ଜଣ ଡିଭିଜନାଲ କମିଟିର ସଦସ୍ୟଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ଏମାନଙ୍କ ମୁଣ୍ଡରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରହିଥିଲା । ସେହିଦିନ ସାଢ଼େ ୫ ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା ।

୪ ମାସ ପରେ ଅର୍ଥାତ ଅଗଷ୍ଟ ୨୯ରେ ନାରାୟଣପୁର ଓ କାଙ୍କାର ସୀମାରେ ଥିବା ଅବୁଝମାଦ ରିଜନରେ ୩ ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଚଳିତ ବର୍ଷ ଏଯାଏ ଛତିଶଗଡ଼ରେ ୧୮୦ରୁ ଅଧିକ ମାଓବାଦୀ ପ୍ରାଣ ହରାଇ ସାରିଲେଣି । ସେହିପରି ୨୧୨ରୁ ଅଧିକ ମାଓବାଦୀଙ୍କୁ ଗିରଫ କରାଯାଇଛି ଓ ୨୦୧ ଜଣ ଆତ୍ମସମର୍ପଣ କରିଛନ୍ତି ।

## ୭ରୁ କଳିଙ୍ଗରେ ଇଷ୍ଟଜୋନ୍ ଆଥଲେଟିକ୍ସ ଚାମ୍ପିଅନ୍ସିପ୍



ଭୁବନେଶ୍ୱର,୫।୧୦ (ସବ୍ୟୁ): ଓଡ଼ିଶା କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆଗାମୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ୩୫ତମ ଇଷ୍ଟ ଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନ୍ସିପ୍ ଆୟୋଜିତ ହେବ। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ୧୦ଟି ରାଜ୍ୟ ଯଥା ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ସିକିମ, ଅରୁଣାଚଳପ୍ରଦେଶ, ଆସାମ ଓ ମଣିପୁରରୁ ୬୦୦ରୁ ଊର୍ଦ୍ଧ୍ୱ ଯୁବ କ୍ରୀଡାବିତ୍ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିହାରରୁ ସର୍ବାଧିକ ୧୩୪ ଜଣ କ୍ରୀଡାବିତ୍ ଭାଗ ନେଉଥିବା ବେଳେ ନାଗାଲାଣ୍ଡରୁ ସର୍ବନିମ୍ନ ୫ ଜଣ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୧୧୫ ଜଣ କ୍ରୀଡାବିତ୍ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନ୍ସିପ୍‌ରେ ଅଂଶଗ୍ରହଣ କରିବେ। ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍‌ର ଟେକ୍ନିକାଲ ଚେୟାରମ୍ୟାନ୍ ପ୍ରବୋଧ କୁମାର ମହାନ୍ତି କହିଛନ୍ତି ଏହି ପ୍ରତିଯୋଗିତା ମାଧ୍ୟମରେ ଯୁବ କ୍ରୀଡାବିତ ନିଜ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଭଲ ପ୍ଲାଟଫର୍ମ ପାଇବେ। ଏଥିସହ ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ କ୍ରୀଡାବିତ୍ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଆଗକୁ ଜାତୀୟ ଜୁନିୟର ଆଥଲେଟିକ୍ ଚାମ୍ପିଅନ୍ସିପ୍ ପାଇଁ କ୍ରୀଡାବିତ ନିଜ ପ୍ରସ୍ତୁତିର ଅନୁଶୀଳନ ମଧ୍ୟ କରିପାରିବେ। ଅକ୍ଟୋବର ୨୫ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଓ ଚାମ୍ପିଅନ୍ସିପ୍ ଆୟୋଜିତ ହେବ। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ଓଡ଼ିଶାରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ ଚାମ୍ପିଅନ୍ସିପ୍ ଆୟୋଜିତ ହେବା ଅତ୍ୟନ୍ତ ଖୁସି ଓ ଗର୍ବର ବିଷୟ। ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡାବିତ୍‌ଙ୍କୁ ମୁଁ ଶୁଭେଚ୍ଛା ଜଣାଇବା ସହ ସମସ୍ତେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ଆଗକୁ ମଧ୍ୟ ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହେବାର ଲକ୍ଷ୍ୟ ରଖାଯାଇଛି। ବୋଲି କ୍ରୀଡାମନ୍ତ୍ରୀ କହିଛନ୍ତି।

# କ୍ୟାପିଟାଲ୍ସକୁ ଭେଟିବ କୋଣାର୍କ ସୂର୍ଯ୍ୟସ




ଜମ୍ମୁ,୫।୧୦(ସବ୍ୟୁ): ଇଣ୍ଡିଆ କ୍ୟାପିଟାଲ୍ ବିପକ୍ଷରେ ବିଜୟ ହାସଲ କରିବା ପରେ ଏବେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳ ଲିଜେଣ୍ଡସ ଲିଗ୍ କ୍ରିକେଟ୍‌ରେ ନିଜର ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହୋଇଛି। ରବିବାର ଜମ୍ମୁର ମୋଲାନା ଆଜାଦ ଷ୍ଟାଡିୟମ୍‌ରେ ତୋୟମ୍ ହାଇଦ୍ରାବାଦକୁ ଭେଟିବ ସୂର୍ଯ୍ୟସ। ଶୁକ୍ରବାର ମୌଲାନା ଆଜାଦ ଷ୍ଟାଡିୟମ୍‌ରେ ଓଡ଼ିଶା ଦଳ ଇଣ୍ଡିଆ କ୍ୟାପିଟାଲ୍ସକୁ ୫ ରନ୍‌ରେ ହରାଇଥିଲା। ପ୍ରଥମ ଇନିଂସରେ କେଭିନ୍ ଓବ୍ରାୟମ୍‌ଙ୍କ ବ୍ୟାଟିଂ ସହାୟତାରେ ସୂର୍ଯ୍ୟସ୍ ପ୍ରତିପକ୍ଷ ଦଳ ସମ୍ମୁଖରେ ୧୨୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଯଦ୍ୱାରା କୋଣାର୍କ ସୂର୍ଯ୍ୟସ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଥିଲା। ଦୁଇଟି ବିଜୟ ସହ ୫ ମ୍ୟାଚରୁ ୬ ପଏଣ୍ଟ ପାଇଁ ସୂର୍ଯ୍ୟସ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ତୋୟମ୍ ହାଇଦ୍ରାବାଦ ୪ ମ୍ୟାଚରୁ ଗୋଟିଏ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି।

ତୋୟମ୍ ହାଇଦ୍ରାବାଦ ପାଇଁ ବୋଲି ଚିନ୍ତାର କାରଣ ସାଜିଥିବା ବେଳେ କୋଣାର୍କ ସୂର୍ଯ୍ୟସ ଉଭୟ ବୋଲିଂ ଓ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ତେଣୁ ଏହି ମ୍ୟାଚରେ ମଧ୍ୟ ସୂର୍ଯ୍ୟସର ଦବଦବା ରହିବ।

**କୋଣାର୍କ ସୂର୍ଯ୍ୟସ:** ଇର୍ଫାନ ପଠାନ, ୟୁସୁଫ ପଠାନ, ଶାହାବାଜ ନଦିମ, ବିନୟ କୁମାର, ଫିଡେଲ ଏଡୱାର୍ଡ୍ସ, କେଭିନ୍ ଓବ୍ରାୟମ୍, ପ୍ରବୀଣ ତାମ୍ବେ, ବେନ୍ ଲାଫନିଲ, ଅମ୍ବାତି ରାୟୁଡୁ, ଷ୍ଟୁଆର୍ଟ, ରସ ଟେଲର ରିଚାର୍ଡ ଲେଭି, ଦିଲସାନ ମୁରାବିରା, କେପିଆପାନ୍ନ, ଦିବେଶ ପଠାଣିଆ, ରାଜେଶ ବିଷ୍ଣୋ, ନଟରାଜ ବେହେରା।

**ତୋୟମ୍ ହାଇଦ୍ରାବାଦ:** ସୁରେଶ ରାଇନା, ପିଟର ଟ୍ରେଗୋ, ଇସୁରୁ ଉଦାନା, ଷ୍ଟୁଆର୍ଟ ବିନି, ଗୁରୁକିରାତ ସିଂ ମନ୍, ସୁଦୀପ ତ୍ୟାଗୀ, ମଣ୍ଟି ପାନେସର, ଶିବକାନ୍ତ ଶୁକ୍ଲା, ସାବାଦ ଜାକଭି, ରିକାର୍ଡୋ ପାୱେଲ, ଆବିଦ ନବୀ, ୱାଲ୍ଟନ, ରିକକ୍ଲାକ, ଜସକରନ ମାଲହୋତ୍ରା, ଜଜ୍‌ୱାର୍କର, ସାମିଦୁଲ୍ଲା ସେନୱାରୀ, ନୁଆନ ପ୍ରଦୀପ, ବିପୁଳ ଶର୍ମା।

## ଗୁଜରାଟକୁ ହରାଇଲା ମଣିପାଳ

ଜମ୍ମୁ: ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ରେ ଅନୁଷ୍ଠିତ ମ୍ୟାଚରେ ମଣିପାଳ ଟାଇଗର୍ସ ୫ ୱିକେଟ୍‌ରେ ଗୁଜରାଟ ଗ୍ରେଟ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୧୯.୪ ଓଭରରେ ୧୩୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ମହମ୍ମଦ କୈଫ ଦଳ ପକ୍ଷରୁ ସର୍ବାଧିକ ୩୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିକେଗୁ ପସନ୍ନା ୨୦, କ୍ରିସ୍‌ଗେଲ ୫ ବଲରୁ ୧୪ ରନ ସଂଗ୍ରହ କରିଥିଲେ। ମଣିପାଳର ମନନ ଶର୍ମା ୩ଟି ଓ ସିକେଗୁ ପ୍ରସନ୍ନା ଦୁଇଟି ୱିକେଟ୍ ସଫଳତା ପାଇଥିଲେ। ମଣିପାଳ ୧୭ ଓଭରରେ ୫ ୱିକେଟ୍ ହରାଇ ସହଜରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ତିସାରା ପେରେରା ୨୨ ବଲ୍‌ରୁ ୩୮ ରନ୍ କରି ଅପରାଜିତ ରହିଥିଲେ। ମନୋଜ ତିୱାରୀ ୨୯, ଓବୁସ୍ ପାଇନର ୨୧ ରନ୍ କରିଥିଲେ। ପ୍ରବୀଣ ଗୁପ୍ତା ଦୁଇଟି, ଥିସାରା ଓ ଗୁଣରନେ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ମଣିପାଳ ଟାଇଗର୍ସ ୬ ମ୍ୟାଚରୁ ୪ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଗୁଜରାଟ ଗ୍ରେର୍ଟ୍ସ ୫ ମ୍ୟାଚରୁ ୩ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ସର୍ଦ୍ଦନ ସୁପରଷ୍ଟାର ୧୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି। ଓଡ଼ିଶାର କୋଣାର୍କ ସୂର୍ଯ୍ୟସ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରବୀଣଙ୍କୁ ପ୍ଲେୟାର ଅଫ୍ ମ୍ୟାଚ ବିବେଚିତ କରାଯାଇଥିଲା।







# ମୁମ୍ବାଇକୁ ଇରାନୀ ଟ୍ରଫି



ମୁମ୍ବାଇ,୫।୧୦ (ଏଜେନ୍ସି): ୨୭ ବର୍ଷ ପରେ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧିନ ମୁମ୍ବାଇ ଦଳ ଇରାନୀ ଟ୍ରଫି ଜିତିବାରେ ସଫଳ ହୋଇଛି। ୧୯୯୭ରେ ଦଳ ପାଇଁ ଶେଷଥର ପାଇଁ ଇରାନୀ କପ୍ ଜିତିଥିଲେ। ପ୍ରଥମ ଇନିଂସରେ ଆଗୁଆ ରହିଥିବା ମୁମ୍ବାଇ ଦଳ ଅବଶିଷ୍ଟ ଭାରତ ଦଳକୁ ପଛରେ ପକାଇ ଟାଇଟଲ ହାସଲ କରିଛି। ୧୯୯୭ ପରେ ମୁମ୍ବାଇ ୮ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟ୍ରଫି ହାସଲ କରିପାରିନଥିଲା। ଦଳ ଏବେ ମୋଟ୍ ୧୫ଥର ଇରାନୀ କପ୍ ଜିତିଛି। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୩୭ ରନ୍ ସଂଗ୍ରହ କରିଥିଲା। ଶର୍ଫରାଜ ଖାନ୍ ୨୨୨ ରନ୍, ରାହାଣେ ୯୭ ରନ ଓ ଶ୍ରେୟାସ ଆୟର ୫୭ ରନ୍‌ର ଇନିଂସ ଖେଳିଥିଲେ। ମୁକେଶ କୁମାର ୫ଟି ୱିକେଟ୍ ନେଇଥିଲେ। ଜବାବରେ ଅବଶିଷ୍ଟ ଭାରତ ଏକାଦଶ ୪୧୬ ରନ୍ କରିଥିଲା। ଅଭିମନ୍ୟୁ ଈଶ୍ୱରନ୍ ୧୯୧ ରନ୍ କରିଥିଲେ। ମୁମ୍ବାଇ ଦ୍ୱିତୀୟ ଇନିଂସରେ ୮ ୱିକେଟ୍ ହରାଇ ୩୨୯ ରନ୍ କରି ଇନିଂସ ଘୋଷଣା କରିଥିଲା। ତନୁସ କୋଟିଆନ୍ ୧୧୪ ରନ୍ କରିଥିଲେ। ଶରଂସ ଜେନ୍ ୬ ୱିକେଟ୍ ନେଇଥିଲେ। ଅନ୍ତିମ ଦିବସର ଶେଷ ଅଧିବେଶନରେ ୪୫୧ ରନ୍‌ର ଲକ୍ଷ୍ୟ ହାସଲ କରିବା ଲକ୍ଷ୍ୟ ଥିଲା। ଅବଶିଷ୍ଟ ଭାରତ ଏକାଦଶ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ମ୍ୟାଚକୁ ଡ୍ର ଘୋଷଣା କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ରାହାଣେ ଗ୍ରହଣ କରିଥିଲେ।

# ପୋଦ୍ଦାର ଅଧିନାୟକ

ନୂଆଦିଲ୍ଲୀ,୫।୧୦ (ଏଜେନ୍ସି): ରଣଜୀ ଟ୍ରଫିର ଚଳିତ ସିଜନ୍‌ର ପ୍ରଥମ ଦୁଇଟି ମ୍ୟାଚ ପାଇଁ ଶନିବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଗୋବିନ୍ଦ ପୋଦ୍ଦାର ଦଳର ନେତୃତ୍ୱ ନେବେ। ଚୟନ କମିଟି ଅଧ୍ୟକ୍ଷ ଅମୀୟ ରାୟ ଓ କୋଚ୍ ସୁରେନ୍ଦ୍ର ଭାବେଙ୍କ ଉପସ୍ଥିତିରେ ୧୭ ଜଣିଆ ଦଳ ଚୟନ କରାଯାଇଛି। ଅକ୍ଟୋବର ୧୧ ଅଗରତାଳାରେ ତ୍ରିପୁରା ବିପକ୍ଷ ମ୍ୟାଚରୁ ଓଡ଼ିଶା ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ୧୮ରୁ କଟକରେ ଜମ୍ମୁ-କାଶ୍ମୀର, ୨୬ରୁ ଭଦୋଦାରାରେ ବରୋଦା, ନଭେମ୍ବର ୬ରୁ ମୁମ୍ବାଇ, ୧୩ରୁ ମହାରାଷ୍ଟ୍ର (କଟକ), ଜାନୁଆରୀ ୨୩ରୁ ମେଘାଳୟ, ଫେବୃଆରୀ ୨ରୁ ସର୍ଭିସେସ ବିପକ୍ଷରେ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ତାର ମ୍ୟାଚ ଖେଳିବ। ଗତ ସିଜନ୍‌ରେ ଓଡ଼ିଶା ଏଲିଟ୍ ଗ୍ରୁପ୍‌ରେ ୪୨ଥର ମୁମ୍ବାଇ ସହ ସ୍ଥାନ ପାଇଥିଲା। ନୈରାଶ୍ୟଜନକ ପ୍ରଦର୍ଶନ କରି ଓଡ଼ିଶା ୮ଟି ଦଳ ମଧ୍ୟରୁ ସପ୍ତମରେ ରହିଥିଲେ। ସାନ୍ତ୍ୱନୁ ରଣଜୀ ଦଳର ନେତୃତ୍ୱର ନେତୃତ୍ୱ ନେଇଥିବା ବେଳେ ବିପ୍ଳବଙ୍କୁ ବିଜୟ ହଜାରେ ଟ୍ରଫି ଏବଂ ପୋଦ୍ଦାରଙ୍କୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତ୍ୱନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, ଅନୀଲ ପରିଡା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତାରିଣୀ ସ, ହର୍ଷିତ ରାଠୋର।




### ଭାଗିରଥ ସ୍ମାରକୀ କ୍ୟାରମ୍

## ଅଂଶଗ୍ରହଣ କଲେ ୩୨ଟି ଦଳ

ଭୁବନେଶ୍ୱର,୫।୧୦ (ସବ୍ୟୁ): ସ୍ଥାନୀୟ ଯୁବ ଶକ୍ତି କ୍ଲବ୍ କ୍ୟାରମ ସଂଘ ଏବଂ ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘ ମିଳିତ ଆନୁକୂଲ୍ୟରେ ଶନିବାରଠାରୁ ସ୍ୱର୍ଗତ ଭାଗିରଥ ପଟ୍ଟନାୟକଙ୍କ ସ୍ମୃତିରେ କ୍ୟାରମ ପ୍ରତିଯୋଗିତା ଆରମ୍ଭ ହୋଇଛି। ଭାଗିରଥ ଜଣେ ସଫଳ କ୍ୟାରମ ଖେଳାଳି। ସେ ଏହି କ୍ଲବ୍‌ର ସଦସ୍ୟ ମଧ୍ୟ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଓ ବଛା ବଛା ରାଜ୍ୟସ୍ତରୀୟ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଦୁଇ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହେବ। ଜାତୀୟସ୍ତରର ରେଫରୀ ସୁନୀଲ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଜାତୀୟ କୋଚ୍ ବିଭୂତ ସେନାପତିଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଛି। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ରଞ୍ଜନ ମହାନ୍ତି ଟୁର୍ଣ୍ଣାମେଣ୍ଟର ବୈଷୟିକ କମିଟିରେ ଯୋଗଦେଇ



ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ସୁନୀଲ ପଟ୍ଟନାୟକଙ୍କ ସମେତ ବିବି ସେନାପତି, ସୁଧୀର ପଟ୍ଟନାୟକ, ବୀରେନ୍ଦ୍ର ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ଚିନ୍ତାମଣି ଦାସଙ୍କୁ ବୈଷୟିକ କମିଟିରେ ନିଷ୍ପତ୍ତି ନେବାରେ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିବେ। ରବିବାର ଫାଇନାଲ ମ୍ୟାଚ ଖେଳାଯିବ।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541